READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ ସଂଖ୍ୟା-୧୭ ୦୯ - ୧୫ ମଇ, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-17 09th - 15th MAY, 2022 BHUBANESWAR ₹ 5/- (8 Pages)

### ପ୍ରସ୍ତୁତ ହୋଇଛି କି ମନ୍ତ୍ରିମଣ୍ଡଳ ଲିଷ୍ଟ୍ ?

# ଚର୍ଚ୍ଚାରେ ନୂଆ ତାଲିକା

**ଭୁବନେଶ୍ୱର :** ସୋସିଆଲ ମିଡିଆରେ ଘୁରି ବୁଲୁଥିବା ନବୀନଙ୍କ ନୂଆ ମନ୍ତ୍ରିମଣ୍ଡଳ ତାଲିକାକୁ ନେଇ ସବୁଠି ଚର୍ଚ୍ଚା। ଲୋକସେବା ଭବନରେ ମୋବାଇଲରୁ ମୋବାଇଲ ଘୁରି ବୁଲୁଛି ମନ୍ତ୍ରିମଣ୍ଡଳ ଅଦଳବଦଳର ନୂଆ ଲିଷ୍ଟ। ପାୱାର କରିଡରରେ ମଧ ମନ୍ତ୍ରିମଣ୍ଡଳ ତାଲିକାକୁ ନେଇ ଚାଲିଛି ଜୋରଦାର ଆଲୋଚନା। ତେବେ କିଏ ପ୍ରସ୍ତୁତ କରିଛି ଏହି ନୂଆ ମନ୍ତ୍ରିମଣ୍ଡଳର ତାଲିକା ? ଗତ କିଛିଦିନ ଧରି ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେବ ବୋଲି ଶୁଣାଯାଉଥିଲା। ଆଶା କରାଯାଉଥିଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତରୁ ଫେରିଲେ ନୂଆ ଟିମ୍ ଘୋଷଣା କରିବେ। କିନ୍ତୁ ତାହା ପୂର୍ବରୁ କେଉଁ ଅଜଣା ସୂତ୍ରରୁ ସୋସିଆଲ ମିଡିଆରେ ମନ୍ତ୍ରିମଣ୍ଡଳର ତାଲିକା ଘୁରି ବୁଲିଲା। ଯେଉଁଥିରେ ଦାଗୀ ନେତାଙ୍କୁ ବାଦ୍ ଦିଆଯାଇ ଯୁବ ବିଧାୟକ ମାନଙ୍କୁ ସ୍ଥାନ ଦିଆଯାଇଛି। ଦେବୀ ମିଶ୍ରଙ୍କୁ ଅର୍ଥ ବିଭାଗ ମିଳିଥିବା ବେଳେ କୃଷି ବିଭାଗ ଯାଇଛି ପ୍ରଫୁଲ୍ଲ ମଲ୍ଲିକଙ୍କ ପାଖକୁ। ସେହିପରି ଆଳି ବିଧାୟକ ପ୍ରତାପ ଦେବଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ତାଙ୍କୁ ଦିଆଯାଇଛି ଜଙ୍ଗଲ ଓ ପରିବେଶ ବିଭାଗ। ବଦ୍ରୀ ନାରାୟଣ ପାତ୍ର ଯିଏକି ଦୀର୍ଘଦିନ ହେବ କ୍ଷମତାରୁ ଦୂରରେ ଥିଲେ ତାଙ୍କୁ ଦିଆଯାଇଛି ସ୍ୱାସ୍ଥ୍ୟ ବିଭାଗ। ଯାଜପୁର ଜିଲ୍ଲାରୁ ପ୍ରିୟରଞ୍ଜନ ଘଡେଇଙ୍କୁ ଇସ୍ପାତ ଓ ଖଣି ବିଭାଗ, ରଜନୀକାନ୍ତ ସିଂହଙ୍କୁ ଶକ୍ତି ବିଭାଗ ଦିଆଯାଇଛି। ପିପିଲିର ରୁଦ୍ର ମହାରଥୀଙ୍କୁ

Chief minister Naveen Pattnaik
Devi Mishra-Finance
Prafulla Mallick- Agriculture & Fish and animal resources development
Pratap Dev-Forest and Environment,parliamentary affairs
Badri narayan Patra - Health and family welfare,works
Pritiranjan Ghadei - Steel and mines,Industrial
Rajnikant Singh - Energy, Micro,small and Medium industry
Rudra pratap maharathy - Tourism & Culture
Bikram Arukh-Panchayatiraj and Excise
Padmanav Behera -Food Supplies,consumer welfare and Co-operation
Susant singh- Revenue and Disaster management
Tukuni sahoo-Women and child development and Mission Shakti
Rita Sahoo- Textiles,Handlooms and Handicraft
Sarada Nayak - Labour and Employee's state insurance And Rural Development
Rohit Pujari - School and Mass Education
Debiranjan Tripathi - Commerce and Transport
Byomokesh Ray- Law and Planning and Convergence
Basanti Hembram- St & Sc Development,Minority and Backward classes welfare

ପର୍ଯ୍ୟଟନ, ବିକ୍ରମ ଆରୁଖଙ୍କୁ ପଞ୍ଚାୟତିରାଜ, ପଦ୍ମନାଭ ବେହେରାଙ୍କୁ ଖାଦ୍ୟ ଯୋଗାଣ, ସୁଶାନ୍ତ ସିଂହଙ୍କୁ ରାଜସ୍ୱ ବିଭାଗ ଦିଆଯାଇଥିବା ବେଳେ ଟୁକୁନି ସାହୁଙ୍କ ବିଭାଗ ଅପରିବର୍ତ୍ତିତ ରହିଛି। ସେହିପରି ରୀତା ସାହୁଙ୍କୁ ବୟନ ଶିଳ୍ପ, ଶାରଦା ନାୟକଙ୍କୁ ଶ୍ରମ, ରୋହିତ ପୂଜାରୀଙ୍କୁ ଗଣଶିକ୍ଷା, ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ବାଣିଜ୍ୟ ଓ ପରିବହନ, ବ୍ୟୋମକେଶ ରାୟଙ୍କୁ ଯୋଜନା ଓ ସଂଯୋଜନା, ବାସନ୍ତୀ ହେମ୍ବ୍ରମଙ୍କୁ ଏସ୍‌ସି/ଏସ୍‌ଟି ବିଭାଗ ମିଳିଛି। ଏଭଳି ଏକ ତାଲିକା ପ୍ରସ୍ତୁତ ହୋଇଥିବା ନେଇ ସୋସିଆଲ ମିଡିଆରେ ଘୁରି ବୁଲୁଛି। ତାଲିକାରେ ଅନେକ ପ୍ରଭାବଶାଳୀ ନେତାଙ୍କୁ ବାଦ ଦିଆଯାଇଛି। ବିଶେଷକରି ଦାଗୀ ମନ୍ତ୍ରୀଙ୍କୁ ହଟାଇ ଦିଆଯାଇଛି। ଅରୁଣ ସାହୁ, ଦିବ୍ୟଶଙ୍କର ମିଶ୍ର, ନବ ଦାସ, ➤ ପୃ-୬

### ବିଶ୍ୱସ୍ତରୀୟ ଏସସିବି ମେଡିକାଲ

# ୪ ମାସ ପରେ ପ୍ରଶାସନିକ ମଞ୍ଜୁରୀ



**ଭୁବନେଶ୍ୱର :** କଟକସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ 'ଏମସ୍ ପ୍ଲସ' ଭାବେ ଉନ୍ନୀତ କରି ସେଠାରେ ବିଶ୍ୱସ୍ତରୀୟ ଚିକିତ୍ସା ସୁବିଧା ଯୋଗାଇ ଦେବା ନିମନ୍ତେ ଭିତ୍ତିଭୂମି ନିର୍ମାଣ ବାବଦରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୪୪୭୪.୪୯କୋଟି ଟଙ୍କା ଖର୍ଚ୍ଚ କରିବେ। ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ସମ୍ପ୍ରସାରଣ ଓ ଆଧୁନିକୀକରଣ ବାବଦରେ ପ୍ରଥମ ପର୍ଯ୍ୟାୟରେ ୪୪୭୪କୋଟି ଟଙ୍କା ଖର୍ଚ୍ଚ ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଶାସନିକ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ୨୦୨୨ ଜାନୁୟାରୀ ୧୭ ତାରିଖରେ ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଅନୁମୋଦନ ଲୋଡ଼ିଥିଲା। ସୂଚନା ଅନୁସାରେ, କଟକସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ ମେଡିକାଲ ଭାବେ ବିକଶିତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୦ ମାର୍ଚ୍ଚ ୫ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ କଟକ ବଡ଼ ମେଡିକାଲର ସମ୍ପ୍ରସାରଣ ଓ ଆଧୁନିକରଣ କାର୍ଯ୍ୟ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୪୪୭୪.୪୯କୋଟି ଟଙ୍କା ଖର୍ଚ୍ଚ ପାଇଁ ଗତକାଲି ଅର୍ଥାତ ମେ' ୪ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପ୍ରଶାସନିକ ଅନୁମୋଦନ ଦେଇଛି। ଏହି ଅନୁମୋଦନ ମଧ୍ୟରେ କ୍ଲିନିକାଲ ବ୍ଲକ ଓ ଭିତ୍ତିଭୂମି ନିର୍ମାଣ ନିମନ୍ତେ ମୋଟ ୨୬୩୬.୨୦କୋଟି ଟଙ୍କା, ମେଡିକାଲରେ ଡାକ୍ତର, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ନିମନ୍ତେ ଆବାସିକ ସୁବିଧା ପାଇଁ ୮୮୮.୫୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ସ୍ୱାସ୍ଥ୍ୟ ➤ ପୃ-୬

# 'ସଶକ୍ତ ମହିଳା, ସଶକ୍ତ ଓଡ଼ିଶା ଆମର ଲକ୍ଷ୍ୟ'



**ଭୁବନେଶ୍ୱର :** ଆମର ଅଭିଜ୍ଞତାରୁ ଜଣାଯାଏ ଯେ, ମହିଳାମାନଙ୍କର ସାମାଜିକ ଏବଂ ଆର୍ଥିକ ସଶକ୍ତିକରଣରେ ବିନିଯୋଗ ସାମୂହିକ ସାମାଜିକ ପ୍ରଗତି ସ୍ଥାନୀୟ ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶକୁ ବିପୁଳ ଲାଭ ମିଳିଥାଏ। ମିଶନ୍ ଶକ୍ତି ଏବଂ ୟୁଏନ୍‌ଏଫ୍‌ପିଏ ମଧ୍ୟରେ ଏହି ସମୟାନୁବର୍ତ୍ତୀ ଓ ଗୁରୁତ୍ୱପୂର୍ଣ୍ଣ ସହଭାଗିତା 'ସଶକ୍ତ ମହିଳା, ସଶକ୍ତ ଓଡ଼ିଶା' ଲକ୍ଷ୍ୟ ଅଭିମୁଖୀ ଯାତ୍ରା ନିମନ୍ତେ ବିଶେଷ ସହାୟକ ହେବ। ଶୁକ୍ରବାର ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଏବଂ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି ଭାରତ (ୟୁଏନ୍‌ଏଫ୍‌ପିଏ) ଏକ ଚୁକ୍ତିନାମା ସ୍ୱାକ୍ଷର ଅବସରରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ସୁଜାତା ଆର. କାର୍ତ୍ତିକେୟନ ଏହା କହିଛନ୍ତି। 'ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଓଡ଼ିଶାରେ ମହିଳାଙ୍କ ସାମାଜିକ ସଶକ୍ତିକରଣ' ଶୀର୍ଷକ ଏହି ପଦକ୍ଷେପ ଏକ ବିସ୍ତୃତ ଯୋଜନା ଏବଂ ସୁଦୃଢ଼ ଭିତ୍ତିଭୂମି ଦ୍ୱାରା ସମର୍ଥିତ। ଏହି ସ୍ୱତନ୍ତ୍ର ଯୋଜନା ମିଳିତ ଜାତିସଂଘର ୨୦୩୦ କାର୍ଯ୍ୟସୂଚୀ ଏବଂ ସ୍ଥାୟୀ ➤ ପୃ-୬

# ଅଖାଦ୍ୟ ଚାଉଳ; ୨୪ କୋଟି ବରବାଦ !



**ଭୁବନେଶ୍ୱର :** ସରକାରଙ୍କ ୨୩ କୋଟି ୭୫ଲକ୍ଷ ଟଙ୍କା ଖର୍ଚ୍ଚ ହେଲା, ହେଲେ ଅଖାଦ୍ୟ ଖାଉଛି ଓଡ଼ିଶା। ଏନେଇ ମୁହଁ ଖୋଲୁନି ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ। ଫଳରେ ଏହାକୁ ନେଇ ସୃଷ୍ଟି ହୋଇଛି ଅନେକ ପ୍ରଶ୍ନବାଚୀ। ଏପ୍ରିଲ ମାସରେ ଖାଦ୍ୟ ଏବଂ ସାଧାରଣ ବିତରଣ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କ ଦ୍ୱାରା ଗଠିତ ଯାଞ୍ଚ ରିପୋର୍ଟରେ ୯୧% ଚାଉଳ ନିମ୍ନମାନର ବୋଲି ଜଣାପଡିଲା। ଏଥିରୁ ୩୯ଷ୍ଟାକ୍ ଚାଉଳ ଗୋଖାଦ୍ୟ ବୋଲି ଜଣାପଡିଛି। ସହକାରୀ ନିର୍ଦ୍ଦେଶକଙ୍କ ଏହି ରିପୋର୍ଟରେ କେବଳ ଚାଉଳ ନୁହେଁ, ବରଂ ପୁରୁଣା ବସ୍ତା ବ୍ୟବହାର, ଗୋଦାମକୁ ନେଇ ସନ୍ଦେହ ସୃଷ୍ଟି ହେଲାଣି। ପିଡିଏସ, ଆଇସିଡିଏସ ଏବଂ ସ୍କୁଲ ମଧ୍ୟାହ୍ନ ଭୋଜନରେ ବିତରଣ ହେଉଥିବା ୧ କ୍ୱିଣ୍ଟାଲ ଚାଉଳ ପିଛା ସରକାର ଖର୍ଚ୍ଚ କରୁଛନ୍ତି ୩୫ ଶହ ଟଙ୍କା। ଫେବ୍ରୁଆରି ମାସରେ ସମ୍ବଲପୁର, ଟିଟିଲାଗଡ଼ ଡିଭିଜନ ଅନ୍ତର୍ଗତ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ନୂଆପଡ଼ା, ଦେବଗଡ଼, ସୁବର୍ଣ୍ଣପୁର, ସୁନ୍ଦରଗଡ଼, କଳାହାଣ୍ଡି ଜିଲ୍ଲାର ଚାଉଳ ଯାଞ୍ଚ କରି ୩୯ ଷ୍ଟାକ ଅର୍ଥାତ ୧୭୪୦ କ୍ୱିଣ୍ଟାଲ ଅଖାଦ୍ୟ ଅର୍ଥାତ ଖାଇବା ପାଇଁ ➤ ପୃ-୬

### ବକ୍ରବାଣୀ



ଗରୀବ ରାଇଜେ ମଉଜ ହୁଏ
ଆମ ଧନ ତେଲ ପୋଡ଼ାରେ ଯାଏ
ଫଲ୍‌ସ ବିଲ୍ ପୁଳେ ଦାଖଲ କରି
ଅତୁଲ୍ୟ ଖାଇଲା ଅଖିକୁ ଧରି
ତିରିଶ ଲକ୍ଷୟ ତିନି ବରଷେ
ଚଲୁ କରିଦେଲେ ମନ ହରଷେ
କାହୁଁ ସେ ଆଇଲା ନଳିନୀଭାଇ
ସର୍କାରୀ ଗୁମର ଦେଲା ଫିଟେଇ
ଆରଟିଆଇରେ ମାଗିନଥିଲେ
କିଏ ଜାଣୁଥିଲା ଯେ କଥା ଭଲେ।

—— ଟୁଟୁ

# ଓଡ଼ିଶାରେ ଆଇନ୍ ଅବାଟରେ ଯାଉଛି : କଂଗ୍ରେସ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ବାରମ୍ବାର କୁହନ୍ତି ଆଇନ୍ ତା' ବାଟରେ ଯିବ। କିନ୍ତୁ ଆଇନ ନା ତା' ବାଟରେ ଯାଉଛି ନା ଅପରାଧିମାନଙ୍କୁ ଧରିବା ବାଟରେ ଯାଉଛି। ରାଜ୍ୟରେ ସଂଗଠିତ ହେଉଥିବା ଅପରାଧଗୁଡ଼ିକରେ ଶାସକ ବିଜୁ ଜନତା ଦଳର ନେତା, ମନ୍ତ୍ରୀମାନଙ୍କର ସମ୍ପୃକ୍ତି ଯୋଗୁଁ ଆଇନ ରାଜ୍ୟରେ ସଂପୂର୍ଣ୍ଣ ଭାବେ ଅବାଟରେ ଯାଉଛି ବୋଲି ବିଜୁ ଜନତା ଦଳ ଓ ସରକାରଙ୍କୁ କଡ଼ା ଟାର୍ଗେଟ କରିଛି କଂଗ୍ରେସ। କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର କହିଲେ ଯେ, ମୁଖ୍ୟମନ୍ତ୍ରୀ ସବୁବେଳେ ଆଇନ ତା' ବାଟରେ ଯିବ ବୋଲି କହନ୍ତି। କେବଳ ମୁଖ୍ୟମନ୍ତ୍ରୀ ନୁହେଁ, ବିଜୁ ଜନତା ଦଳର ବରିଷ୍ଠ ନେତା ମନ୍ତ୍ରୀ ଓ ସାଧାରଣ ସଦସ୍ୟ ମଧ ମୁଖ୍ୟମନ୍ତ୍ରୀଙ୍କର ଏହି ଉକ୍ତିକୁ ବହୁଳ ଭାବରେ ପ୍ରଚାର ଓ ପ୍ରସାର କରନ୍ତି। ବୋଧହୁଏ ଶାସକ ବିଜୁ ଜନତା ଦଳର ନେତା, ମନ୍ତ୍ରୀମାନେ ଭାବନ୍ତି ଯେ, ଆଇନ୍ ତା' ବାଟରେ ପଳେଇବ କିନ୍ତୁ ସେଥିପାଇଁ ବିଜୁ ଜନତା ଦଳର ନେତା, କର୍ମୀମାନେ ଅପରାଧ କରିବାକୁ ପଛଉନାହାଁନ୍ତି। ଅପରାଧ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ପୁଲିସ୍ ପ୍ରଶାସନ ଏହି ଶାସକ ଦଳ ସମର୍ଥିତ ଗୁଣ୍ଡାମାନଙ୍କର ସମର୍ଥକ ହୋଇଥିବା ସେ ଅଭିଯୋଗ କରିଥିଲେ। ରାଜ୍ୟ ସରକାର ମାନ୍ୟବର ସୁପ୍ରିମ୍‌କୋର୍ଟରେ ଆଫିଡେଭିଟ୍ ଦେଇ ପରୋକ୍ଷରେ ସ୍ୱୀକାର କରିଛନ୍ତି ନାରୀ ନିର୍ଯ୍ୟାତନା, ଧର୍ଷଣ, ହତ୍ୟା ଓ ନାବାଳିକା ନିର୍ଯ୍ୟାତନାରେ ଓଡ଼ିଶା ଦେଶରେ ସର୍ବାଗ୍ରେ। ନାରୀ ନିର୍ଯ୍ୟାତନାରେ ଅପବାଦ ମୁଣ୍ଡାଇଥିବା ଓଡ଼ିଶା ଯୋଗୁଁ ବୋଧହୁଏ ରାଜ୍ୟ ➤ ପୃ-୬

# ନଦୀ ଜଳ ଓ ବାଲିକୁ ହରିଲୁଟ୍ କରୁଛି ରାଜ୍ୟ ସରକାର : ବିଜେପି



**ଭୁବନେଶ୍ୱର :** ଜଳ ହିଁ ଜୀବନ। ଜଳ ବିନା ଜୀବଜଗତ ବଂଚିବା ଅସମ୍ଭବ। ଓଡ଼ିଶାରେ ପ୍ରାୟ ୪.୫କୋଟିରୁ ଅଧିକ ଲୋକଙ୍କ ଜୀବନଧାରଣ ନଦୀଗୁଡ଼ିକ ଉପରେ ନିର୍ଭର। ଓଡ଼ିଶାରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୂଲ୍ୟା, ଇନ୍ଦ୍ରାବତୀ, ନାଗାବଳୀ ଓ ତେଲ ଭଳି ବଡ଼ ବଡ଼ ନଦୀ ସହ ଶାଖା ନଦୀ ଏବଂ ଉପନଦୀ ପ୍ରବାହିତ। କିନ୍ତୁ ରାଜ୍ୟ ସରକାରଙ୍କ ବେପରୁଆ ମନୋଭାବ ଯୋଗୁଁ ରାଜ୍ୟରେ ଜଳ ସଂକଟ ଦେଖାଦେବା ସହ ଲୋକେ ଦୂଷିତ ପାଣି ବ୍ୟବହାର କରୁଛନ୍ତି ଓ ପିଉଥିବାରୁ ନାହିଁ ନଥିବା ରୋଗର ଶିକାର ହେଉଛନ୍ତି। ଅନ୍ୟ ପଟେ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନଦୀଜଳ ପରିଚାଳନା ପାଇଁ ନଦୀଗୁଡ଼ିକ ଶୁଷ୍କ ହୋଇପଡ଼ିଛି। କଳକାରଖାନା ଓ ଶିଳ୍ପ ପାଇଁ ଯେତିକି ପାଣି ଆବଶ୍ୟକ ତା'ଠୁ ଅଧିକ ବ୍ୟବହାର କରି ଦୂଷିତ ପାଣି ନଦୀକୁ ଛଡାଯାଉଛି। ଯଶସ୍ୱୀ ମୋଦୀ ସରକାର ଓଡ଼ିଶାରେ ସ୍ୱଚ୍ଛ ପାନୀୟ ଜଳ ପାଇଁ ବିଭିନ୍ନ ଯୋଜନା ଜରିଆରେ ପ୍ରଚୁର ମାତ୍ରାରେ ଆର୍ଥିକ ଅନୁଦାନ ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ତାହା କାର୍ଯ୍ୟକାରୀ ହୋଇନପାରି ପୁଣି କେନ୍ଦ୍ରକୁ ଫେରିଯାଉଛି। ମାଫିଆମାନଙ୍କ ଜରିଆରେ ରାଜ୍ୟ ସରକାର ନଦୀ ଜଳ ଓ ବାଲିକୁ ବ୍ୟାପକ ଭାବେ ହରିଲୁଟ କରୁଛନ୍ତି। ବିଜେପି ନଦୀ ସୁରକ୍ଷା ସମିତି (ନମାମୀ ଗଙ୍ଗେ) ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମାନ୍ୟବର ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ରାଜ୍ୟରେ ପ୍ରବାହିତ ନଦୀଗୁଡିକର ସୁରକ୍ଷା ଲାଗି ନିବେଦନ କରିଛନ୍ତି। ରାଜଧାନୀ ଭୁବନେଶ୍ୱର ଓ ୧୦୦୦ବର୍ଷର ସହର କଟକର ଜୀବନରେଖା କୁହାଯାଉଥିବା କୁଆଖାଇ, ଦୟାନଦୀ, କାଠଯୋଡି ଓ ମହାନଦୀରେ ବର୍ଜ୍ୟବସ୍ତୁ ଓ ଶବ ନିକ୍ଷେପ କରାଯାଉଛି। ➤ ପୃ-୬




### ପ୍ରଥମ ଘୋଷଯାତ୍ରା ସମନ୍ୱୟ ବୈଠକ

# ୧୨ ରୁ ୧୫ ଲକ୍ଷ ଭକ୍ତଙ୍କ ସମାଗମ ଉପରେ ଗୁରୁତ୍ୱ



**ପୁରୀ :** ମହାମାରୀ କରୋନା ଯୋଗୁ ଦୀର୍ଘ ତିନିବର୍ଷ ହେଲା ମହାପ୍ରଭୁଙ୍କ ରଥଯାତ୍ରାରେ ସିଧାସଳଖ ଭାଗନେବାରୁ ଶ୍ରଦ୍ଧାଳୁମାନେ ବଞ୍ଚିତ ରହିଛନ୍ତି। ବିନା ଭକ୍ତରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଏଣୁ ଚଳିତ ରଥଯାତ୍ରାରେ ଯଦି କୋଭିଡ୍ ସଂକ୍ରମଣର ଭୟ ନ ରୁହେ, ତେବେ ୧୨ରୁ ୧୫ ଲକ୍ଷ ଭକ୍ତଙ୍କ ସମାଗମ ପାରେ। ଜିଲ୍ଲା ପୁଲିସ ପକ୍ଷରୁ ଏଭଳି ଆକଳନ ପରେ ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକରେ ସେହି ଅନୁଯାୟୀ ପୂର୍ବପ୍ରସ୍ତୁତି ଆରମ୍ଭ ହୋଇଛି। ୧୫ ଲକ୍ଷ ଲୋକଙ୍କ ଆଗମନକୁ ଦୃଷ୍ଟିରେ ରଖି କିଭଳି ଟ୍ରାଫିକ ନିୟନ୍ତ୍ରଣଠାରୁ ଆରମ୍ଭ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ହୋଇପାରିବ ସେ ଉପରେ ଗୁରୁତ୍ୱ ଦିଆଯାଇଛି। ଅଘଟଣ ରୋକିବା ପାଇଁ ରାସ୍ତାଘାଟ, ନାଳ ମରାମତିଠାରୁ ଆରମ୍ଭ କରି ପାର୍କିଂ ସୁବିଧା, ସ୍ୱାସ୍ଥ୍ୟସେବା ଆଦିକୁ ଗୁରୁତ୍ୱ ଦିଆଯାଇଛି। ଆବଶ୍ୟକ ରଥକାଠରୁ କେତେ ଆସିଛି ଓ ଆଉ କେତେ ଆସିବ, ତାର ସମୀକ୍ଷା କରାଯାଇଛି। ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଅନୁଷ୍ଠିତ ରଥଯାତ୍ରା ସମନ୍ୱୟ ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଅଧିକ ଜନ ସମାଗମକୁ ଦୃଷ୍ଟିରେ ରଖି ଆଶୁ ଚିକିତ୍ସା କେନ୍ଦ୍ର, ଡାକ୍ତର ଓ କର୍ମଚାରୀ ମୁତୟନ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରାଥମିକ ନିଷ୍ପତ୍ତି ଅନୁଯାୟୀ, ଚଳିତ ବର୍ଷ ଯଦି କୋଭିଡ୍ ସଂକ୍ରମଣ ନ ଥାଏ, ତେବେ ରଥଯାତ୍ରାରେ ୨୧୨ଜଣ ଡାକ୍ତର ଓ କର୍ମଚାରୀ, ୨୯ଟି ଆମ୍ବୁଲାନ୍ସ ମୁତୟନ ହେବେ। ଜାତୀୟ ରାଜପଥରେ ୧୦୮ ଆମ୍ବୁଲାନ୍ସ ମୁତୟନ ହେବେ। ବିଶୃଙ୍ଖଳା ଏଡ଼ାଇବା ପାଇଁ ବେସରକାରୀ ଆମ୍ବୁଲାନ୍ସକୁ ବଡ଼ଦାଣ୍ଡ ପ୍ରବେଶରେ କଟକଣା ଲଗାଯାଇଛି। ଏମାନେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାରେ ନିୟୋଜିତ ହେବେ। ଖାଦ୍ୟ ମାନ ଯାଞ୍ଚ ପାଇଁ ୫ଜଣ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ମିଳିଥିବା ସୂଚନା ମୁତାବକ, ଚଳିତବର୍ଷ ବୃନ୍ଦାବତୀ ଭବନରେ ରଥଯାତ୍ରା ଡ୍ୟୁଟି ପାଇଁ ଆସିବାକୁ ଥିବା ୪୦ ପ୍ଲାଟୁନ୍ ଫୋର୍ସ, ୨ଶହ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ରହିବା ବ୍ୟବସ୍ଥା କରାଯିବ। କୋଭିଡ୍ ପାଇଁ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଶରୀର ଓ ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ନିଜେ ଚେଷ୍ଟା କରନ୍ତୁ। ଅଯଥା ଖର୍ଚ୍ଚରେ ବୃଦ୍ଧି ହେବ। ଆପଣଙ୍କ ବ୍ୟକ୍ତିଗତ ଜୀବନରେ ପରିବାର ଲୋକଙ୍କ ହସ୍ତକ୍ଷେପ କରିପାରନ୍ତି। ପ୍ରତିକାର : ମଙ୍ଗଳବାର ଦିନ କେତୁଙ୍କୁ ସନ୍ତୁଷ୍ଟ କରନ୍ତୁ।

**ବୃଷ** ମନ ଅସ୍ଥିର ରହିବ। ଅନ୍ୟ ସହ କଥା ହେଲା ବେଳେ ଯତ୍ନବାନ ରହନ୍ତୁ। ମୂଲ୍ୟବାନ ବସ୍ତୁ ଚୋରି ହୋଇପାରେ। ପରିବାରରେ ସମୟ କଟିବ। ଭାଗୀଦାରୀ ବ୍ୟବସାୟ କରନ୍ତୁ। ପ୍ରତିକାର : ସ୍ନାନ ପରେ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**ମିଥୁନ** ଅନ୍ୟ କଥାରେ ପଡି ବ୍ୟବସାୟରେ ଅର୍ଥ ଲଗାଇଲେ କ୍ଷତି ହେବ। ପ୍ରାୟ ସବୁଦିଗରୁ ପ୍ରତିବନ୍ଧକର ସାମନା କରିବେ। ଛାତ୍ରମାନେ ନିଜର ଲକ୍ଷ୍ୟରୁ ଦୂରେଇ ଯାଆନ୍ତୁ ନାହିଁ। ପ୍ରତିକାର : ପ୍ରତିଦିନ ୨ଥର ଓଁ ଗୁରବେ ନମଃ ଜପ କରନ୍ତୁ।

**କର୍କଟ** ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ଖର୍ଚ୍ଚରେ ବୃଦ୍ଧି ହେବ। ପରିବାରରେ ଶାନ୍ତି ପାଇବେ। ହଠାତ୍ କୌଣସି ଖୁସି ଖବର ପାଇପାରନ୍ତି। ଭାଗୀଦାରଙ୍କ ଦ୍ୱାରା ଅସୁବିଧାରେ ପଡିପାରନ୍ତି। ପ୍ରତିକାର : ମଙ୍ଗଳବାର ଦିନ ଗରିବଙ୍କୁ ଅନ୍ନଦାନ କରନ୍ତୁ।

**ସିଂହ** ମାଦକ ଦ୍ରବ୍ୟରୁ ଦୂରରେ ରହନ୍ତୁ। ଅଚାନକ ଧନପ୍ରାପ୍ତି ଯୋଗ ଅଛି। ପରିବାରରେ ସମୟ ଦିଅନ୍ତୁ। ଭ୍ରମଣରେ ଯାଇ ପାରନ୍ତି। ଛାତ୍ରମାନେ ପାଠ ପ୍ରତି ଧ୍ୟାନ ଦିଅନ୍ତୁ। ପ୍ରତିକାର : ଶିବାଷ୍ଟକ ପାଠ କରନ୍ତୁ।

**କନ୍ୟା** ପୂର୍ବର ସ୍ୱାସ୍ଥ୍ୟ ସମସ୍ୟାରୁ ଉଦ୍ଧାର ହେବେ। ଅର୍ଥ କଷ୍ଟକୁ ଦୂର କରିବା ପାଇଁ ଋଣ ନେଇପାରନ୍ତି। ପରିବାରରେ ସମୟ କଟିବ। ବ୍ୟବସାୟରେ ବଡ ନିର୍ଣ୍ଣୟ ନେବେ। ପ୍ରତିକାର : ପ୍ରତିଦିନ ୨୭ଥର ଓଁ ଦୁର୍ଗାୟ ନମଃ ଜପ କରନ୍ତୁ।

**ତୁଳା** ଛାତି, ପେଟରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଆର୍ଥିକ ସ୍ଥିତି ସାଧାରଣ ରହିବ। କାର୍ଯ୍ୟକ୍ଷେତ୍ରରେ ଅଯଥା ଅନାବଶ୍ୟକ କାର୍ଯ୍ୟରେ ମୁଣ୍ଡ ପୂରାନ୍ତୁ ନାହିଁ। ପ୍ରତିକାର : ଶୁକ୍ରବାର ଦିନ ମା' ସନ୍ତୋଷୀଙ୍କ ଆରାଧନା କରନ୍ତୁ।

**ବିଛା** ସ୍ୱାସ୍ଥ୍ୟରେ ଉନ୍ନତି ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। କିନ୍ତୁ ବଚସାରୁ ଦୂରେଇ ରହନ୍ତୁ। ଖର୍ଚ୍ଚରେ ବୃଦ୍ଧି ହେବ। ପ୍ରତିକାର : ପ୍ରତିଦିନ ଶିବଙ୍କୁ ଓଁ ନମ ଶିବାୟ ମନ୍ତ୍ରରେ ଧ୍ୟାନ କରନ୍ତୁ।

**ଧନୁ** ଶରୀରରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଆବଶ୍ୟକରୁ ଅଧିକ ଖର୍ଚ୍ଚ ହେବ। ବନ୍ଧୁ ଓ ପରିବାରରେ ସମ୍ମାନ ପାଇବେ। କାର୍ଯ୍ୟକ୍ଷେତ୍ରରେ ପ୍ରଗତି ହେବ। ପ୍ରତିକାର : ଗୁରୁବାର ଦିନ ହଳଦୀ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ।

**ମକର** ଲକ୍ଷ ହାସଲ ଦିଗରେ ଅଗ୍ରସର ହେବେ। ପଦସ୍ଥ ଅଧିକାରୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ଋଣ ପରିଶୋଧ କରିପାରନ୍ତି। ଆଖିରେ ପୀଡା ହୋଇପାରେ। ପ୍ରତିକାର : ପିତାମାତାଙ୍କୁ ସମ୍ମାନ କରନ୍ତୁ ଓ ମିଛ କହନ୍ତୁ ନାହିଁ।

**କୁମ୍ଭ** ପୁରୁଣା ରୋଗରୁ ମୁକ୍ତି ମିଳିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସମ୍ମାନ ପାଇଁ ବାଣୀରେ ଲଗାମ ଦିଅନ୍ତୁ। ଭାଇଭଉଣୀଙ୍କ ସହଯୋଗ ପାଇଷବ। ଦମ୍ପତିଙ୍କର ପୁରୁଣା ମତଭେଦ ଦୂର ହେବ। ପ୍ରତିକାର : ଶନିବାର ଦିନ ଛାୟା ଦାନ କରନ୍ତୁ।

**ମୀନ** ଆବଶ୍ୟକତାରୁ ଅଧିକ କଥା କହନ୍ତୁ ନାହିଁ। ମାନସିକ ଓ ଶାରୀରିକ କଷ୍ଟ ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଭଲ ଖବର ପାଇଷବ। ଆୟରୁ ବ୍ୟୟ ଅଧିକ ହେବ। ବୈବାହିକ ଜୀବନର ଶାନ୍ତି ଅନୁଭବ କରିବେ। ପ୍ରତିକାର : ଗୁରୁଜନଙ୍କୁ ସମ୍ମାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### କରୋନା ମୃତ୍ୟୁ ସଂଖ୍ୟା

# ହୁ' ରିପୋର୍ଟ ମାନିବାକୁ ଭାରତ ନାରାଜ



**ନୂଆଦିଲ୍ଲୀ :** ମହାମାରୀ କରୋନାରେ ଭାରତର ସର୍ବାଧିକ ରୋଗୀଙ୍କର ମୃତ୍ୟୁ ଘଟିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ଦାବି କରିଥିବା ବେଳେ ଏହି ରିପୋର୍ଟକୁ ଚାଲେଞ୍ଜ କରିଛି ଭାରତ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଜାରି କରିଥିବା ତଥ୍ୟର ସତ୍ୟତାକୁ ନେଇ ପ୍ରଶ୍ନ ଉଠାଇଛି ଭାରତ। ଗୁରୁବାର କୋଭିଡ୍ ମୃତକଙ୍କ ରିପୋର୍ଟ ଜାରି କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଛି ଯେ, ମହାମାରୀରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବିଶ୍ୱରେ ୧୪.୯ ମିଲିଅନ ଲୋକେ ପ୍ରାଣ ହରାଇଛନ୍ତି। ସେଥିରୁ ଭାରତର କେବଳ ୪.୭ ମିଲିଅନ ରହିଛି । ତେବେ ଏହି ରିପୋର୍ଟକୁ ଅସ୍ୱୀକାର କରିଛି ଭାରତ। ନିକଟରେ ଭାରତ ସରକାର କରୋନା ମୃତକଙ୍କ ତଥ୍ୟ ଜାରି କରିଥିଲେ। ହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କୋଭିଡ୍‌ରେ ମୃତକଙ୍କର ଯେଉଁ ତଥ୍ୟ ଜାରି କରିଛି ଏଥିରେ ଓ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ତଥ୍ୟରେ ଆକାଶ ପାତାଳ ତଫାତ୍ ରହିଛି। ଡବ୍ଲ୍ୟୁଏଚଓ ମୁତାବକ ୧ ଜାନୁୟାରୀ ୨୦୨୦ରୁ ୩୧ ଡିସେମ୍ବର ୨୦୨୧ ମଧ୍ୟରେ ୪୭ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଛି। କରୋନା ମହାମାରୀ କାରଣରୁ ସାରା ଦୁନିଆରେ ଦେଢ଼ କୋଟିରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ଭାରତର ତଥ୍ୟ ପୂରା ଦୁନିଆର ମୃତ୍ୟୁର ଏକ ତୃତୀୟାଂଶ। ଡବ୍ଲ୍ୟୁଏଚ୍‌ଓର କହିବାନୁସାରେ, ସାରା ବିଶ୍ୱରେ ହୋଇଥିବା ମୃତ୍ୟୁର ସଠିକ ଗଣନା କରାଯାଇ ନାହିଁ। ଭାରତରେ ଯେଉଁ ଗଣନା କରାଯାଇଛି, ଏଥିରେ ପାଖାପାଖି ୧୦ଗୁଣା ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଡବ୍ଲ୍ୟୁଏଚ୍‌ଓ ଏହି ଆକଳନ ଯେଉଁ ଉପାୟରେ ଦେଇଛି , ଏହାକୁ ଆକ୍ସେସ ଡେଥ୍ କୁହାଯାଏ ଅନ୍ୟପଟେ ଭାରତ ସରକାର ଦେଇଥିବା ରିପୋର୍ଟ ଅନୁସାରେ, ଭାରତରେ ଏପର୍ଯ୍ୟନ୍ତ କରୋନାରେ କେବଳ ୫ ଲକ୍ଷ ଲୋକ ଜୀବନ ଯାଇଛି। ତେଣୁ 'ହୁ'ର ରିପୋର୍ଟକୁ ନେଇ ଏବେ ଭାରତ ସରକାର ଆପତ୍ତି ଉଠାଇଛନ୍ତି।

# ସୁପ୍ରିମକୋର୍ଟରେ ନିଯୁକ୍ତ ହେବେ ଆଉ ଦୁଇ ବିଚାରପତି

**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟକୁ ପଦନ୍ନୋତି ପାଇଁ ଆଉ ଦୁଇ ଜଣ ବିଚାରପତିଙ୍କ ନାଁ ସୁପାରିସ କରିଛନ୍ତି କଲେଜିୟମ। ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସୁଧାଂଶୁ ଧୁଲିଆ ଓ ଗୁଜରାଟ ହାଇକୋର୍ଟ ବିଚାରପତି ଜଷ୍ଟିସ ଜାମଶେଦ ବି ପରଦିୱାଲାଙ୍କୁ ମିଳିବ ପଦୋନ୍ନତି। ଉଭୟଙ୍କୁ ପଦନ୍ନୋତି ଦେବା ପାଇଁ ପ୍ରଧାନ ବିଚାରପତି ଜଷ୍ଟିସ ଏନଭି ରମନ୍ନାଙ୍କ ନେତୃତ୍ୱରେ ଗଠିତ ସୁପ୍ରିମକୋର୍ଟର ୫ ଜଣିଆ କଲେଜିୟମ ସରକାରଙ୍କ ପାଖକୁ ଗୋଟିଏ ପ୍ରସ୍ତାବ ପଠାଇଛନ୍ତି। ସରକାର ମୋହର ମାରିବା କ୍ଷଣି ଉଭୟଙ୍କୁ ପଦନ୍ନୋତି ମିଳିବ। ଜଷ୍ଟିସ ସୁଧାଂଶୁ ଧୁଲିଆ ୧୯୮୬ ମସିହାରେ ଆହ୍ଲାବାଦ ହାଇକୋର୍ଟ ବାର୍‌ରେ ଯୋଗଦେଇଥିଲେ। ୨୦୦୦ ମସିହାରେ ଉତ୍ତରାଖଣ୍ଡ ଗଠନ ହେବା ପରେ ସେ ନିଜ ରାଜ୍ୟକୁ ଚାଲି ଯାଇଥିଲେ। ସେ ଉତ୍ତରାଖଣ୍ଡ ହାଇକୋର୍ଟର ପ୍ରଥମ ମୁଖ୍ୟ ଷ୍ଟାଣ୍ଡିଂ କାଉନସିଲ ଓ ପରବର୍ତ୍ତୀ ଅବସ୍ଥାରେ ଉତ୍ତରାଖଣ୍ଡର ଆଡିସନାଲ ଆଡଭୋକେଟ ଜେନେରାଲ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୦୮ ନଭେମ୍ବର ମାସରେ ତାଙ୍କୁ ଉତ୍ତରାଖଣ୍ଡ ହାଇକୋର୍ଟର ବିଚାରପତି ଭାବେ ପଦନ୍ନୋତି ମିଳିଥିଲା। ଏହାପରେ ସେ ଆସାମ, ମିଜୋରାମ, ନାଗାଲାଣ୍ଡ ଓ ଅରୁଣାଚଳ ପ୍ରଦେଶର ମୁଖ୍ୟ ବିଚାରପତି ଭାବେ କାମ କରିଥିଲେ।ଅନ୍ୟପକ୍ଷରେ ଜଷ୍ଟିସ ଜାମଶେଦ ୧୯୯୦ ମସିହାରେ ଗୁଜରାଟ ହାଇକୋର୍ଟରୁ ନିଜର ଆଇନଗତ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୨ ମସିହାରେ ତାଙ୍କୁ ଗୁଜରାଟ ହାଇକୋର୍ଟର ଷ୍ଟାଣ୍ଡିଂ କାଉନସିଲ ଭାବେ ନିଯୁକ୍ତି ମିଳିଥିଲା। ୨୦୧୧ ଫେବୃଆରୀ ୧୭ ଯାଏ ସେ ଏହି ପଦରେ ରହିଥିଲେ। ଏହାପରେ ହାଇକୋର୍ଟ ବିଚାରପତି ଭାବେ ତାଙ୍କୁ ପଦନ୍ନୋତି ମିଳିଥିଲା। ଏବେ ଉଭୟଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦନ୍ନୋତି ମିଳିବାକୁ ଯାଉଛି। ବର୍ତ୍ତମାନ ସୁପ୍ରିମକୋର୍ଟରେ ମୋଟ ୩୨ ଜଣ ବିଚାରପତି ରହିଛନ୍ତି। ଆଉ ଦୁଇ ଜଣଙ୍କୁ ପଦନ୍ନୋତି ମିଳିଲେ ଏହା ୩୪ରେ ପହଞ୍ଚିବ। ଅର୍ଥାତ ପୂର୍ଣ୍ଣ କ୍ଷମତାରେ ସୁପ୍ରିମକୋର୍ଟ କାର୍ଯ୍ୟକ୍ଷମ ହେବ। କାରଣ ସୁପ୍ରିମକୋର୍ଟରେ ସର୍ବାଧିକ ୩୪ ଜଣ ବିଚାରପତି ହିଁ ରହିପାରିବେ। ତେବେ ଜଷ୍ଟିସ ବିନୀତ ଶରଣ ଓ ଜଷ୍ଟିସ ନାଗେଶ୍ୱର ରାଓଙ୍କ କାର୍ଯ୍ୟକାଳ ଖୁବଶୀଘ୍ର ସରିବାକୁ ଯାଉଛି। ତେଣୁ ଏମାନେ ଅବସର ନେବା ପରେ ପୁଣି ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ୩୨କୁ ଖସିଯିବ। ସେପ୍ଟେମ୍ବର ମାସରେ ସୁପ୍ରିମକୋର୍ଟ କଲେଜିୟମ ୯ ଜଣ ବିଚାରପତିଙ୍କୁ ପଦନ୍ନୋତି ପାଇଁ ସୁପାରିସ କରିଥିଲେ। ଏହାକୁ ସରକାର ତୁରନ୍ତ ଅନୁମୋଦନ ଦେଇଥିଲେ।

# ବିଧାନସଭା ପାଇଁ କାଶ୍ମୀର ପଣ୍ଡିତଙ୍କୁ ଗୁରୁତ୍ୱ




**ଶ୍ରୀନଗର :** ଧାରା ୩୭୦ ଉଚ୍ଛେଦର ପ୍ରାୟ ଅଢ଼େଇ ବର୍ଷ ପରେ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୀମା ପୁନଃ ନିର୍ଦ୍ଧାରଣ କମିଶନ ଜାମ୍ମୁ-କାଶ୍ମୀରର ରାଜନୈତିକ ମ୍ୟାପ ବାବଦରେ ଚୂଡ଼ାନ୍ତ ରୂପରେଖ ତିଆରି କରିଛନ୍ତି। ଏହି ରିପୋର୍ଟକୁ ଆଧାର କରି ସେଠାରେ ବିଧାନସଭା ନିର୍ବାଚନ ହୋଇପାରେ। ୨୦୧୯ରେ ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯିବା ସହ ରାଜ୍ୟମାନ୍ୟତାକୁ ମଧ୍ୟ ପ୍ରତ୍ୟାହାର କରାଯାଇଛି। ଫଳରେ ଜାମ୍ମୁ-କାଶ୍ମୀରେ କେନ୍ଦ୍ରଶାସିତ ଅଧୀନକୁ ଚାଲିଯାଇଥିବା ବେଳେ ସେବେଠାରୁ ବିଧାନସଭା ନିର୍ବାଚନ ବନ୍ଦ ରହିଛି। ଏବେ ସୀମା ପୁନଃ ନିର୍ଦ୍ଧାରଣ କମିଶନ ରିପୋର୍ଟ ଉପସ୍ଥାପନ ପରେ ନିର୍ବାଚନ ପାଇଁ ପଥ ପରିଷ୍କାର ହେବା ନେଇ ଆଶା ଦେଖାଇଛି । ସୀମା ପୁନଃ ନିର୍ଦ୍ଧାରଣ କମିଶନ ଦେଇଥିବା ରିପୋର୍ଟ ଅନୁଯାୟୀ, କାଶ୍ମୀର ପଣ୍ଡିତ ଏବଂ ପାକ ଅଧିକୃତ କଶ୍ମୀରରୁ(ପିଓକେ)ରୁ ବିସ୍ଥାପିତ ଲୋକଙ୍କୁ ଜାମ୍ମୁ କାଶ୍ମୀର ବିଧାନସଭାକୁ ପ୍ରତିନିଧିତ୍ୱ ଲାଗି ମନୋନୟନ ପଦ୍ଧତି ପ୍ରସ୍ତାବ ଦିଆଯାଇଛି। ସେହିପରି ଜାମ୍ମୁ-କାଶ୍ମୀର ବିଧାନସଭାରେ ୯ଟି ଆସନ ଅନୁସୂଚିତ ଉପଜାତି ଲାଗି ସଂରକ୍ଷଣ ପାଇଁ ପ୍ରସ୍ତାବ ଅଛି। ସେହିପରି ୫ଟି ଲୋକସଭା କ୍ଷେତ୍ରରୁ ପ୍ରତ୍ୟେକ ଗୋଟିଏ ବିଧାନସଭା କ୍ଷେତ୍ର ରଖାଯିବାକୁ ସୁପାରିସ କରାଯାଇଛି। କାଶ୍ମୀର ପାଇଁ ୪୬ଟି ଆସନରୁ ୪୭ଟି ଆସନକୁ ବୃଦ୍ଧି ପାଇଁ ପ୍ରସ୍ତାବ ଦିଆଯାଛି। ଜାମ୍ମୁ ଅଞ୍ଚଳରେ ୩୭ଟି ବଦଳରେ ୪୩ଟି ଆସନ ରଖାଯିବାକୁ ରିପୋର୍ଟରେ ଦର୍ଶାଯାଇଛି। ଜାମ୍ମୁ-କାଶ୍ମୀରରେ ମୋଟ ୯୦ଟି ବିଧାନସଭା ଆସନ ରହିଛି। ଏଥିସହ ଜମ୍ମୁ ଏବଂ କଶ୍ମୀରକର ଅସ୍ତିତ୍ୱକୁ ଗୋଟିଏ ଅଞ୍ଚଳ ଭାବେ ପରିଗଣିତ କରିବାକୁ ପ୍ରସ୍ତାବ ଦିଆଯାଇଛି। ୯ଟି ବିଧାନସଭା କ୍ଷେତ୍ର ପାଇଁ ଅନୁସୂଚିତ ଉପଜାତି ଲାଗି ୯ଟି ଆସନ ସଂରକ୍ଷଣ ରଖିବାକୁ ପ୍ରସ୍ତାବ ଦିଆଯାଇଛି।

# ଇସ୍ରୋର ମିଶନ 'ଶୁକ୍ର' ଅବଗଣନା



**ନୂଆଦିଲ୍ଲୀ :** ଚନ୍ଦ୍ର ଏବଂ ମଙ୍ଗଳଗ୍ରହକୁ ସଫଳତାର ସହ ମହାକାଶଯାନ ପଠାଇବା ପରେ ଖୁବ ଶୀଘ୍ର ଭାରତ ଶୁକ୍ର ଗ୍ରହର କକ୍ଷପଥକୁ ମଧ୍ୟ ମହାକାଶଯାନ ପଠାଇବ। ଏଥିପାଇଁ ଯୋଜନା ଚାଲିଇଛି। ଏନେଇ ନିକଟରେ ଇସ୍ରୋ ଅଧ୍ୟକ୍ଷ ଏସ୍.ସୋମନାଥ କହିଛନ୍ତି। ମହାକାଶ ଆଧାରିତ ଏକ ଦିବସୀୟ ଆଲୋଚନାରେ ସାମିଲ ହୋଇ ଏସ୍, ସୋମନାଥ କହିଛନ୍ତି, ଶୁକ୍ର ଗ୍ରହର ବାୟୁମଣ୍ଡଳ ଉପରେ ଅଧ୍ୟୟନ କରାଯିବ। ସେଠାରେ ଜୀବସତ୍ତା ଅଛି କି ନାହିଁ ତାହା ସନ୍ଧାନ କରିବା ହେଉଛି ଏହି ଅଭିଯାନର ଲକ୍ଷ୍ୟ। ଏହି ଗ୍ରହକୁ 'ସଲ୍‌ଫ୍ୟୁରିକ୍ ଏସିଡ୍'ର କଳା ବାଦଲ ଢ଼ାଙ୍କି ରହିଛି। ଏଠାରେ ଅନେକଗୁଡିଏ ବିଷାକ୍ତ ଗ୍ୟାସ୍ ମଧ୍ୟ ଥିବା ସନ୍ଦେହ କରାଯାଉଛି। ତେଣୁ ବେଶ୍ ସାବଧାନତାର ସହ ଏହି ଗ୍ରହକୁ ମହାକାଶ ଯାନ ପଠାଯିବ। ଦୀର୍ଘ ବର୍ଷ ହେବ ଶୁକ୍ର ଗ୍ରହକୁ ମହାକାଶ ଯାନ ପଠାଇବା ନେଇ ଅଭିଯାନ ଚାଲିଛି। ୨୦୨୪ ଡିସେମ୍ବରରେ ଭାରତ ଏହି ମିଶନ କାର୍ଯ୍ୟକାରୀ କରିବାକୁ ଯୋଜନା ରଖିଛି। ଏଥିପାଇଁ ଆବଶ୍ୟକୀୟ ମିସନ୍ ପ୍ଲାନ୍ ପ୍ରସ୍ତୁତ ହୋଇସାରିଛି। ଏଥିପାଇଁ କେତେ ଅର୍ଥ ଆବଶ୍ୟକ ହେବ, ଏହି ମିଶନ ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ, ତାହା ମଧ୍ୟ ଆକଳନ କରାଯାଇଛି ବୋଲି ଇସ୍ରୋ ଅଧ୍ୟକ୍ଷ କହିଛନ୍ତି। ଶୁକ୍ର ଗ୍ରହକୁ ମହାଶଯାନ ପଠାଇବା ମିଶନ ଖୁବ କମ୍ ସମୟ ମଧ୍ୟରେ ଭାରତ ପାଇଁ ସମ୍ଭବ। କାରଣ ଆଜି ଭାରତ ପାଖରେ ଏହା କରି ଦେଖାଇବା ପାଇଁ ସାମର୍ଥ୍ୟ ଅଛି ବୋଲି ସେ କହିଛନ୍ତି। ଶୁକ୍ର କିଭଳି ଅନିୟନ୍ତ୍ରିତ ଆଗ୍ନେୟ ଗୋଲୋକ ପାଲଟିଲା ତାହା ଜାଣିବା ଲାଗି ଯୁକ୍ତରାଷ୍ଟ୍ର ଆମେରିକା ସମେତ କେତେକ ଦେଶ ଶୁକ୍ର ଅଭିଯାନରେ ଯିବା ପାଇଁ ଯୋଜନା କରୁଛନ୍ତି। ବିଶେଷଜ୍ଞମାନେ କହୁଛନ୍ତି କି, ଏକଦା ଶୁକ୍ର ପୃଥିବୀ ପରି ଥିଲା। ସେହି କାରଣରୁ ତାକୁ ପୃଥିବୀର ଯମଜ ବୋଲି କୁହାଯାଏ। କିନ୍ତୁ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଶୁକ୍ରର ଦଶା ଆଜି ଏମିତ ହୋଇଯାଇଛି।

# ପୃଥିବୀରୁ ସରି ଆସୁଛି ବାଲି



**ନୂଆଦିଲ୍ଲୀ :** ଖୁବ୍ ଶୀଘ୍ର ବିଶ୍ୱ ଆଉ ଏକ ସଙ୍କଟରେ ସମ୍ମୁଖୀନ ହେବାକୁ ଯାଉଛି ଏବଂ ତାହା 'ବାଲି ଅଭାବ' ବୋଲି ଗତ ସପ୍ତାହରେ ପ୍ରକାଶିତ ରିପୋର୍ଟରେ ଜାତିସଂଘ କହିଛି। ବାଲି ହେଉଛି ପୃଥିବୀରୁ ସବୁଠୁ ଅଧିକ ଉତ୍ତୋଳନ କରାଯାଉଥିବା କଠିନ ସାମଗ୍ରୀ ଏବଂ ପାଣି ପରେ ବିଶ୍ୱବ୍ୟାପୀ ବ୍ୟବହାର ହେଉଥିବା ଦ୍ୱିତୀୟ ବୃହତ୍ ସମ୍ବଳ। ଆଜିକାଲି ଏହାର ଅବାଧ ବ୍ୟବହାର ବଢ଼ି ଚାଲିଛି। ଅର୍ଥାତ୍ ଆମେ ଯେତେ ଦ୍ରୁତ ବେଗରେ ବାଲିକୁ କାମରେ ଲଗାଉଛୁ, ସେତିକି ଦ୍ରୁତ ବେଗରେ ପ୍ରକୃତି ତାହାକୁ ପରିପୂରଣ କରିପାରୁ ନାହିଁ। ଏବେ ଆମେ ଯେତେ ପରିମାଣର ବାଲି ବ୍ୟବହାର କରୁଛନ୍ତି, ଭୌଗୋଳିକ ପ୍ରକ୍ରିୟାରେ ସେତିକି ପରିମାଣର ବାଲି ହେବାକୁ ହଜାର ହଜାର ବର୍ଷ ଲାଗେ। ତେଣୁ, ବାଲିର ଏ ଭଳି ଅବାଧ ବ୍ୟବହାର ସଂକ୍ରାନ୍ତରେ ସତର୍କ କରାଇ କେନିଆସ୍ଥିତ 'ଜାତିସଂଘ ପର୍ଯ୍ୟାବରଣ କାର୍ଯ୍ୟକ୍ରମ' କହିଛି, ଏବେଠୁ ପଦକ୍ଷେପ ନିଆ ଗଲେ ଯାଇ ଆମେ ବାଲି ସଙ୍କଟ ଟାଳି ପାରିବା। କାଚ, କଙ୍କ୍ରିଟ୍ ଏବଂ ନିର୍ମାଣ ସାମଗ୍ରୀ ପାଇଁ ବିଶ୍ୱବ୍ୟାପୀ ବାଲିର ବ୍ୟବହାର ୨ ଦଶନ୍ଧିରେ ୩ଗୁଣ ବୃଦ୍ଧି ପାଇଛି। ଅର୍ଥାତ୍ ଏସବୁ ତିଆରି ପାଇଁ ବର୍ଷକୁ ୫୦ ବିଲିୟନ୍ ଟନ୍ ବାଲି ଲାଗୁଛି। ଆହୁରି ସରଳ କରି କହିବାକୁ ଗଲେ, ଦୈନିକ ମୁଣ୍ଡପିଛା ୧୭ କିଲୋଗ୍ରାମ୍ ବାଲି ବ୍ୟବହାର କରାଯାଉଛି। ଫଳତଃ, ନଦୀ ଓ ଉପକୂଳ କ୍ଷତିଗ୍ରସ୍ତ ହେବା ସହ ଛୋଟ ଛୋଟ ଦ୍ୱୀପ ସବୁ ମୂଳପୋଛ ହୋଇଯାଉଛି। ବାଲି ସଙ୍କଟ ଉପରେ ୨୨ଜଣଙ୍କ ଦ୍ୱାରା ଲିଖିତ ଉକ୍ତ ରିପୋର୍ଟର ସମନ୍ୱୟକାରୀ 'ୟୁଏନ୍‌ଇପି'ର ପାସ୍କାଲ୍ ପେଡୁଜି କହିଛନ୍ତି, ବାଲିର ଅତ୍ୟଧିକ ଉତ୍ତୋଳନଜନିତ ପ୍ରଭାବ କେତେକାଂଶରେ ଅନୁଭୂତ ହେଲାଣି। ଦକ୍ଷିଣପୂର୍ବ ଏସିଆର ଦୀର୍ଘତମ ମେକୋଙ୍ଗ୍ ନଦୀରୁ ବାଲି ଉତ୍ଖନନ ଯୋଗୁଁ ତ୍ରିକୋଣ ଭୂମି ଜଳମଗ୍ନ ହେବାରୁ ଆଗରୁ ଉର୍ବର ଥିବା ଜମି ସବୁ ଲବଣାକ୍ତ ହୋଇଯାଉଛି। ଶ୍ରୀଲଙ୍କାରେ ବାଲି ଉତ୍ତୋଳନ ଜଳ ପ୍ରବାହକୁ ବିପରୀତମୁଖୀ କରାଇଛି। ଅର୍ଥାତ୍ ସମୁଦ୍ର ଜଳରାଶି ସ୍ଥଳଭାଗକୁ ପ୍ରବାହିତ ହେବା ସହ ଲୁଣିପାଣି କୁମ୍ଭୀରମାନେ ବି ଚାଲିଆସୁଛନ୍ତି।

# ଦିଲ୍ଲୀ ବିଶ୍ୱର ଦ୍ୱିତୀୟ ବ୍ୟସ୍ତବହୁଳ ବିମାନ ବନ୍ଦର



**ନୂଆଦିଲ୍ଲୀ :** ଦେଶର ରାଜଧାନୀ ଦିଲ୍ଲୀ ବିଶ୍ୱର ଦ୍ୱିତୀୟ ବ୍ୟସ୍ତବହୁଳ ବିମାନବନ୍ଦର। ଗତ ମାର୍ଚ୍ଚ ମାସରେ ଦିଲ୍ଲୀ ବିମାନବନ୍ଦର ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ବିମାନବନ୍ଦର ଥିଲା। ଏନେଇ ଅଫିସିଆଲ ଏୟାରଲାଇନ୍ସ ଗାଇଡ୍ (ଓଜିଏ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଜଣାପଡିଛି। ଏହି ରିପୋର୍ଟରେ ଘରୋଇ ଏବଂ ଅର୍ନ୍ତଜାତୀୟ ବିମାନ ଉଡାଣର ତଥ୍ୟ ଦିଆଯାଇଥାଏ। ଓଏଜି ରିପୋର୍ଟରେ ଆଟଲାଣ୍ଟା ବିମାନବନ୍ଦର ପ୍ରଥମ ସ୍ଥାନରେ ଥିବା ବେଳେ ଦିଲ୍ଲୀ ବିମାନ ବନ୍ଦର ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଦୁବାଇ ବିମାନବନ୍ଦର ତୃତୀୟ ସ୍ଥାନରେ ରହିଛି। ରିପୋର୍ଟରେ କୁହାଯାଇଛି ଚଳିତ ବର୍ଷ ମାର୍ଚ୍ଚରେ ଆମେରିକାର ଆଟାଲାଣ୍ଟା, ଭାରତର ଦିଲ୍ଲୀ ଏବଂ ୟୁଏଇର ଦୁବାଇ ବିମାନବନ୍ଦରରେ ଯଥାକ୍ରମେ ୪୪.୨ ଲକ୍ଷ ଯାତ୍ରୀ, ୩୬.୧ ଲକ୍ଷ ଯାତ୍ରୀ, ୩୫.୫ ଲକ୍ଷ ଯାତ୍ରୀ ଯାତାୟାତ କରିଛନ୍ତି। କହିରଖୁ ଯେ, କରୋନା ମହାମାରୀ ପୂର୍ବରୁ ମାର୍ଚ୍ଚ ୨୦୧୯ ରେ ଦିଲ୍ଲୀ ବିମାନ ବନ୍ଦର ବିଶ୍ୱର ବ୍ୟସ୍ତବହୁଳ ବିମାନ ବନ୍ଦର ତାଲିକାର ୨୩ତମ ସ୍ଥାନରେ ଥିଲା। ଦିଲ୍ଲୀ ଅର୍ନ୍ତଜାତୀୟ ବିମାନବନ୍ଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଦେହ କୁମାର ଜୟପୁରିଆର କହିଛନ୍ତି, କୋଭିଡ୍-୧୯ ମହାମାରୀ ବିଶ୍ୱକୁ ପ୍ରଭାବିତ କରିଛି। ଯାତ୍ରା ପ୍ରତିବନ୍ଧକ ଥିବାବେଳେ ଦୁଇ ବର୍ଷ ଯାତାୟାତ ଏବଂ ପର୍ଯ୍ୟଟନ କ୍ଷେତ୍ର ଉପରେ ଏହାର ବିଶେଷ ପ୍ରଭାବ ପଡିଛି। ସାରା ବିଶ୍ୱରେ ଟିକା ନେଉଥିବା ଲୋକଙ୍କ ସଂଖ୍ୟା ବଢିଚାଲିଛି। ସରକାର ମଧ୍ୟ ବିମାନ ଯାତ୍ରା କଟକଣା କୋହଳ କରିବା ସହ ଏବେ ପୂର୍ଣ୍ଣ ଟିକାକରଣ ହୋଇଥିବା ଦେଶର ଯାତ୍ରୀଙ୍କୁ ଅନୁମତି ଦିଆଯାଇଛି। ସରକାରଙ୍କର ଏଭଳି ପଦକ୍ଷେପ ଯୋଗୁଁ ଏବେ ଯାତାୟତ ସହ ପର୍ଯ୍ୟଟନ ଉଦ୍ୟୋଗରେ ଅନେକ ସୁବିଧା ମିଳିଛି। ଏଥିଯୋଗୁ ବିମାନ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି।

### ପବନରେ ବି ବ୍ୟାପୁଛି କରୋନା

# ଆଉଟ୍‌ଡୋର ଅପେକ୍ଷା ଇନ୍‌ଡୋରରେ ସଂକ୍ରମଣ ଭୟ ଅଧିକ



**ମୋହାଲୀ :** ଦେଶରେ ପୁଣି କରୋନା ଭାଇରସ ମହାମାରୀ ସଂକ୍ରମଣ ଆରମ୍ଭ ହୋଇଛି। ରାଜଧାନୀ ଦିଲ୍ଲୀ ସଂକ୍ରମଣରେ ନିତି ନୂଆ ନୂଆ ରେକର୍ଡ କରୁଛି। ଦେଶର ଅନ୍ୟ ଅଞ୍ଚଳରେ ବି ସଂକ୍ରମଣ ବଢିବାରେ ଲାଗିଛି। ଏଥିରେ ଏକ ବୈଜ୍ଞାନିକ ଅଧ୍ୟୟନରୁ ନୂଆ ତଥ୍ୟ ମିଳିଛି। କରୋନା ଭାଇରସ ପବନରେ ବି ବ୍ୟାପୁଥିବାର ସ୍ପଷ୍ଟ ହୋଇଯାଇଛି। କରୋନା ଭାଇରସ ପବନରେ ବ୍ୟାପି ପାରେ କି ନା ସେ ନେଇ ଏବେବି ଭିନ୍ନ ମତ ରହିଛି। ହେଲେ ନୂଆ ଅଧ୍ୟୟନରୁ ଏ ନେଇ ଥିବା ମତପାର୍ଥକ୍ୟ ଦୂର କରିଛି। କେବଳ ଏତିକି ନୁହେଁ ଏହି ଅଧ୍ୟୟନରୁ ଆଉଟଡୋର ବଦଳେ ଇନଡୋରରେ ବାୟୁ ଯୋଗୁ କୋରନା ଅଧିକ ବ୍ୟାପୁଥିବା କୁହାଯାଇଛି। ଅର୍ଥାତ ଅଫିସ, ସ୍କୁଲ ଅଥବା କୌଣସି ଆବଦ୍ଧ ସ୍ଥାନରେ ବେଶି ଚଳପ୍ରଚଳ ହେଉଥିଲେ ଏଠାରେ ମାସ୍କର ଉପଯୋଗ ଜରୁରି ବୋଲି ପ୍ରମାଣିତ ହେଉଛି। ପବନରେ କରୋନା ବ୍ୟାପୁଛି କି ନା ଏହାର ଅଧ୍ୟୟନ ହାଇଦ୍ରାବାଦସ୍ଥିତ ସେଣ୍ଟର ଫର ସେଲ୍ୟୁଲାର ଏଣ୍ଡ ମଲିକ୍ୟୁଲର ବାୟୋଲଜି ଓ ଚଣ୍ଡିଗଡ଼ସ୍ଥିତ ଆଇଏମ ଟେକ୍ ମିଳିତ ଅଧ୍ୟୟନ କରିଛନ୍ତି। ଏହି ଅଧ୍ୟୟନରୁ ଯେଉଁ ଦେଶମାନଙ୍କରେ ମାସ୍କକୁ କଡ଼ାକଡ଼ି ପାଳନ କରାଯାଇଛି ସେହି ସବୁ ଦେଶମାନଙ୍କରେ ସଂକ୍ରମଣ କମ ହୋଇଛି ବୋଲି କୁହାଯାଇଛି। ଏହି ଅଧ୍ୟୟନ ରିପୋର୍ଟ ଏରୋସୋଲ ସାଇନ୍ସ ଜର୍ଣ୍ଣାଲରେ ପ୍ରକାଶିତ ମଧ୍ୟ ହୋଇଛି। ଏହି ଅଧ୍ୟୟନ ଲାଗି ବୈଜ୍ଞାନିକମାନେ ସେହି ସବୁ ହସ୍ପିଟାଲର ବାୟୁ ନମୁନା ସଂଗ୍ରହ କରିଥିଲେ ଯେଉଁଠି ବହୁ ସଂଖ୍ୟାରେ କରୋନା ସଂକ୍ରମିତ ରହି ଚିକିତ୍ସିତ ହେଉଥିଲେ। ସେହିପରି କରୋନା ସଂକ୍ରମିତ ସମୟ କଟାଇଥିବା ଅବରୁଦ୍ଧ ଘରର ବାୟୁନମୁନା ମଧ୍ୟ ସଂଗ୍ରହ କରାଯାଇଥିଲା। ଏହା ଛଡା କ୍ୱାରେଣ୍ଟାଇନରେ ରହୁଥିବା ସଂକ୍ରମିତଙ୍କ ଅଞ୍ଚଳର ବାୟୁ ନମୁନା ସଂଗ୍ରହ କରି ଏକତ୍ର ପରୀକ୍ଷଣ କରାଯାଇଥିଲା। ଏଥିରୁ କରୋନା ଭାଇରସ ବାୟୁରେ ମଧ୍ୟ ବ୍ୟାପୁଥିବାର ପ୍ରମାଣିତ ହୋଇଛି। ଏହି ଷ୍ଟଡିରୁ ଆଉଟଡୋର ତୁଳନାରେ ଇନଡୋର ବାୟୁରେ ଭୂତାଣୁ ବେଶ୍ ସମୟ ଭାସି ବୁଲୁଥିବା ମଧ୍ୟ ସ୍ପଷ୍ଟ ହୋଇଯାଇଛି। କାରଣ ବନ୍ଦ କୋଠରୀରେ ବାୟୁ ଚଳାଚଳର ସୁଗମତା ନଥାଏ ଏଣୁ ଏହି ସବୁ ସ୍ଥାନରେ କରୋନାରୁ ବର୍ତ୍ତିବା ଲାଗି ମାସ୍କ ଲଗାଇବା ଜରୁରି। ଏପର୍ଯ୍ୟନ୍ତ ବିଶ୍ୱାସ କରାଯାଉଥିଲା ଯେ କରୋନା ଭାଇରସ ପୃଷ୍ଠ ପାଇଲେ ସେଥିରେ ଜମି ଯାଏ ଓ ସୁବିଧାରେ ବ୍ୟାପିଥାଏ। ଏଣୁ ବାରମ୍ବାର ହାତ ଧୋଇବା କଥା କୁହାଯାଉଥିଲା। ହେଲେ ଏବେ ଅଧ୍ୟୟନରୁ ଏହା ପୃଷ୍ଠ ଦ୍ୱାରା ବ୍ୟାପୁଥିଲେ ବି ବାୟୁରେ ବେଶି ମାତ୍ରାରେ ଭାସି ବୁଲିଥାଏ ବୋଲି ସ୍ପଷ୍ଟ ହୋଯାଇଛି। ଏଣୁ ଟାଟା ଇନିଷ୍ଟିଚ୍ୟୁଟ୍ ଫର ଜେନେଟିକ୍ସ ଏଣ୍ଡ ସୋସାଇଟିର ବୈଜ୍ଞାନିକ ରାକେଶ ମିଶ୍ର ସବୁକିଛି ସ୍ୱାଭାବିକ ହୋଇ ଆସୁଥିବା ବେଳେ କ୍ଲାସ ରୁମ ଓ ମିଟିଂ ହଲ ଭଳି ସ୍ଥାନମାନଙ୍କରେ ଏୟାର ସର୍ଭିଲାନ୍ସ ଜରୁରି ବୋଲି କହିଛନ୍ତି। ଏହା ଦ୍ୱାରା ସଂକ୍ରମଣକୁ ନିୟନ୍ତ୍ରିତ କରିବାରେ ସହାୟତା ମିଳିବ ବୋଲି ସେ କହିଛନ୍ତି। ତେବେ ଏହି ସର୍ଭିଲାନ୍ସ ଟେକ୍ନୋଲଜି କେବଳ କରୋନା ଭାଇରସ ନୁହେଁ ବାୟୁ ଦ୍ୱାରା ସଂକ୍ରମିତ ହେଉଥିବା ଅନ୍ୟ ସଂକ୍ରମଣ ଉପରେ ମଧ୍ୟ ନଜର ରଖା ଯାଇପାରିବ।

୩

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୯ - ୧୫ ମଇ, ୨୦୨୨




**ସବୁ ଗାଁରେ କମିବ ଗୋଚର ଜମି ପରିମାଣ**

# ବାସହୀନଙ୍କୁ ମିଳିବ ବାସଯୋଗ୍ୟ ଜମି ପଟ୍ଟା



**ଭୁବନେଶ୍ୱର :** ରାଜ୍ୟ ସରକାର ଓଡ଼ିଶା ଜମି ବନ୍ଦୋବସ୍ତ ଆଇନ-୧୯୮୩ରେ ସଂଶୋଧନ କରି ପ୍ରତ୍ୟେକ ଗାଁରେ ଆବଶ୍ୟକ ହେଉଥିବା ଗୋଚର ଜମି ପରିମାଣକୁ ଶତକଡ଼ା ୫ରୁ ୩ ଭାଗକୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ମେ’ ୨ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ସମସ୍ତଙ୍କୁ ବାସଯୋଗ୍ୟ ଜମି ଯୋଗାଇ ଦେବା ଉଦ୍ଦେଶ୍ୟରେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ପୂର୍ବରୁ କିଛି ଗାଁରେ ବାସହୀନ ଲୋକ ଗୋଚର ଜମିରେ ବାସ କରୁଥିଲେ ମଧ୍ୟ ଆଇନଗତ ଆବଶ୍ୟକତା ଦୃଷ୍ଟିରୁ ସେହି ଲୋକମାନଙ୍କୁ ଆବଶ୍ୟକ ଘରଡ଼ିହ ପଟ୍ଟା ଯୋଗାଇ ହେଉନଥିଲା। ସେହି ବାସହୀନ ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାରେ ଘର ମିଳୁଥିଲେ ମଧ୍ୟ ବାସଯୋଗ୍ୟ ଜମି ଅଭାବରୁ ସେହି ଲୋକମାନଙ୍କୁ ଘର କରିବାର ସୁଯୋଗ ମିଳୁନଥିଲା। ତେଣୁ ବାସହୀନ ଲୋକଙ୍କୁ ବାସଯୋଗ୍ୟ ଜମି ପ୍ରଦାନ କରିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେହି ଗାଁର ଗୋଚର ଜମିର ପରିମାଣକୁ କମାଇ ଅଣସଂରକ୍ଷିତ କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ତେବେ ସଂରକ୍ଷିତ ଜଙ୍ଗଲର ୩ କିମି ଅଂଚଳ ମଧ୍ୟରେ ଥିବା ଗାଁଗୁଡ଼ିକ ପାଇଁ ଏହି ନିୟମ ପ୍ରଯୁଜ୍ୟ ହେବ ନାହିଁ। ସେହିପରି ଗ୍ରାମକଣ୍ଠ ପରମ୍ବୋକ, ନଜୁଲ, ଆବାଦୀ ଓ ଖାସମାହଲ ଜମିରେ ୨୦୧୮ ଅକ୍ଟୋବର ୨୨ ତାରିଖ ପୂର୍ବରୁ ବସବାସ କରୁଥିଲେ ସେମାନେ ପଟ୍ଟା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ପୂର୍ବରୁ ୨୦୦୬ ଫେବୃୟାରୀ ୨୬ତାରିଖ ପୂର୍ବରୁ ବସବାସ କରୁଥିବା ଲୋକମାନେ ଏହି ସବୁ ଜମିର ପଟ୍ଟା ପାଇଁ ଆବେଦନ କରିପାରୁଥିଲେ। ସରକାର ମଧ୍ୟ ଏହାର ଅବଧିକୁ ଏହି ସଂଶୋଧନରେ ବଢ଼ାଇଛନ୍ତି। ସେହିପରି ନକ୍ସଲ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ପ୍ରାଣ ହରାଇଥିବା ରାଜ୍ୟର ଅର୍ଦ୍ଧସାମରିକ ବାହିନୀ ଓ ପୁଲିସ ପରିବାରର ଲୋକଙ୍କୁ ଭୁବନେଶ୍ୱର ବ୍ୟତୀତ ଅନ୍ୟ ସହରାଞ୍ଚଳରେ ୪ ଡେସିମିଲ୍ ଓ ଗ୍ରାମାଞ୍ଚଳରେ ୧୦ ଡେସିମିଲ୍ ଜମି ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାର ଆଗରୁ କେବଳ ବନୀକରଣ ଓ ବୃକ୍ଷରୋପଣ ନିମନ୍ତେ ଦଖଲ ଅନୁମତି ପ୍ରଦାନ କରୁଥିଲେ। ଏହି ନିୟମରେ ସଂଶୋଧନ ପରେ ବନୀକରଣ ବ୍ୟତୀତ କୌଣସି ନଦୀ, ନାଳ, କେନାଲ ଉପରେ ପୋଲ ତିଆରି ଇତ୍ୟାଦି କାର୍ଯ୍ୟ ନିମନ୍ତେ ଦଖଲ ଅନୁମତି ଦିଆଯାଇ ପାରିବ। ଏହା ଦ୍ୱାରା ଜାତୀୟ ରାଜପଥ, ରେଳପଥ ଓ ଅନ୍ୟାନ୍ୟ ରାସ୍ତା ଦ୍ରୁତ୍ ବେଗରେ ଆଗେଇ ପାରିବ। ସେହିପରି ରାଜ୍ୟର ବିଭିନ୍ନ ସରକାରୀ ଓ ସରକାରୀ ଅନୁମୋଦନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିୟନ୍ତ୍ରଣରେ ଥିବା ସହରାଞ୍ଚଳରେ ୧୦ଏକର ଓ ଗ୍ରାମାଞ୍ଚଳରେ ୧୫ଏକର ପର୍ଯ୍ୟନ୍ତ ସରକାରୀ ଜମିକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ନାଁରେ ସମ୍ପୃକ୍ତ ସ୍କୁଲକୁ ମାର୍ଫତରେ ରଖି ବିନା ମୂଲ୍ୟରେ ରେକର୍ଡ କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସେହିପରି କଲେଜ ଜମିଗୁଡ଼ିକର ରେକର୍ଡ ପରିବର୍ତ୍ତନ ପାଇଁ ମଧ୍ୟ ଅନୁରୂପ କ୍ଷମତା ଜିଲ୍ଲାପାଳମାନଙ୍କୁ ଦିଆଯାଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

**୪୯୩ କୋଟି ଟଙ୍କାର ୬ ଶିଳ୍ପ ପ୍ରକଳ୍ପକୁ ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ**

# ୧୩୧୭ଜଣଙ୍କୁ ନିଯୁକ୍ତି ସୁଯୋଗ




**ଭୁବନେଶ୍ୱର :** ରାଜ୍ୟରେ ୪୯୩.୬୨ କୋଟି ଟଙ୍କାର ୬ଟି ଶିଳ୍ପ ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗଲଓ୍ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିଙ୍କ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଅତିରିକ୍ତ ୧୩୧୭ଜଣଙ୍କୁ କର୍ମନିଯୁକ୍ତି ମିଳିବ। ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ଯାଜପୁର କଳିଙ୍ଗନଗରରେ ୧୨୫କୋଟି ଟଙ୍କା ବ୍ୟୟରେ ଜଟିଆ ଷ୍ଟିଲ ଦ୍ୱାରା ରଡ୍ ତିଆରି କାରଖାନା ସ୍ଥାପନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିରେ ୧୫୦ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଅନ୍ୟ ଯେଉଁ ପ୍ରକଳ୍ପଗୁଡ଼ିକୁ ଆଜି ଅନୁମୋଦନ ମିଳିଛି ସେଥିରେ ଷଡ଼ଙ୍ଗୀ ମେଟାଲ ଓ୍ୱାର୍କସ ଇଣ୍ଟରନ୍ୟାସନାଲ ପ୍ରାଃ ଲିମିଟେଡ୍ ଦ୍ୱାରା କଳିଙ୍ଗନଗରରେ ୬୫.୩୭କୋଟି ଟଙ୍କା ବ୍ୟୟରେ ଷ୍ଟିଲ ସାମଗ୍ରୀ ନିର୍ମାଣ କରାଯିବା ସାମିଲ ରହିଛି। ଏଥିରେ ପ୍ରାୟ ୫୬୮ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ସୋନପୁରରେ ଅଢ଼େଇ ମେଗାଓ୍ୱାଟ ପାଓ୍ୱାର ପ୍ଲାଣ୍ଟ ସହ ଇଥନଲ ପ୍ଲାଣ୍ଟ ସ୍ଥାପନ ପାଇଁ ଜେଆରଏସ୍ ଭେଞ୍ଚର୍ସ ପ୍ରାଃ ୧୨୧ କୋଟି ଟଙ୍କା ବ୍ୟୟ କରିବ। ୧୧୪ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଏହାବ୍ୟତୀତ ଏସଏନଏମ୍ ହୋଟଲସ୍ ଆଣ୍ଡ ରିସୋର୍ଟ ଗଞ୍ଜାମରେ ୮୦.୨୫କୋଟି ଟଙ୍କା ବ୍ୟୟରେ ଏକ ହୋଟେଲ ଓ ରିସୋର୍ଟ ନିର୍ମାଣ କରିବ। ଏଥିରେ ୧୮୫ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଏହି ପ୍ରକଳ୍ପକୁ ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ ମିଳିଛି। ସେହିପରି ଖୋର୍ଦ୍ଧାରେ କାର୍ବନ/ଗ୍ରାଫାଇଟ୍ ବ୍ଲକ କାଟିବା ମେସିନ୍ ସୁବିଧା ସ୍ଥାପନ ପାଇଁ ଡାନିଏଲି କୋରସ୍ ରିଫ୍ରାକ୍ଟୋରୀ ସଲ୍ୟୁସନ୍ ପ୍ରାଃ ୫୧କୋଟି ଟଙ୍କା ବ୍ୟୟ କରିବ। ଏଥିରେ ପ୍ରାୟ ୧୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ‘ସମାଜ ପ୍ରତି ସାମ୍ବାଦିକଙ୍କ ଗୁରୁଦାୟିତ୍ୱ ରହିଛି’




**ଭୁବନେଶ୍ୱର :** ସାମ୍ବାଦିକମାନଙ୍କର ସମାଜ ପ୍ରତି ଗୁରୁଦାୟିତ୍ୱ ରହିଛି। ଗଣମାଧ୍ୟମ ଗଣ ସଚେତନତାର ବାହକ। ସାମ୍ବାଦିକମାନେ ସାମାଜିକ ପ୍ରତିବଦ୍ଧତା ସହ ନିରପେକ୍ଷ ସମ୍ବାଦ ପରିବେଷଣ କଲେ ସମାଜର ମଙ୍ଗଳ ସାଧନ ହେବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ସ୍ଥାନୀୟ ଜୟଦେବ ଭବନଠାରେ ଉତ୍କଳ ସାମ୍ବାଦିକ ସଂଘ ଓ ଭୁବନେଶ୍ୱର ସାମ୍ବାଦିକ ସଂଘଙ୍କ ଦ୍ୱାରା ମିଳିତ ଭାବେ ଆୟୋଜିତ ରାଜ୍ୟସ୍ତରୀୟ ସାମ୍ବାଦିକ ସମ୍ମେଳନକୁ ଉଦ୍ଘାଟନ କରି ଶ୍ରୀ ମହାପାତ୍ର ଏହା କହିଥିଲେ। ଅଧିବେଶନକୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଉଦ୍ଘାଟନ କରି ସାମ୍ବାଦିକମାନଙ୍କ କ୍ଷେତ୍ରରେ ଲାଗୁ କରାଯାଇଥିବା ଗୃହ ଓ ଯାନବାହନ ଋଣର ସୁଧ ରିହାତି ସୁବିଧା ଦିଆଯିବା ଉପରେ ଗୁରୁତ୍ୱାରୋପ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କୃଷି ମନ୍ତ୍ରୀ ଅରୁଣ ସାହୁ ଯୋଗ ଦେଇ ସାମ୍ବାଦିକମାନେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଅଧିକ ସଚେତନ ହେବା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଉପଲକ୍ଷେ ଜୟଦେବ ଭବନ ପରିସରରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ଶ୍ରୀ ମହାପାତ୍ର ବୁଲି ଦେଖିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ସାମ୍ବାଦିକତା କ୍ଷେତ୍ରରେ ଉତ୍ତମ କାର୍ଯ୍ୟ କରିଥିବା ୭ ଜଣ ଯୁବ ସାମ୍ବାଦିକଙ୍କୁ ମୁଖ୍ୟ ଶାସନ ସଚିବ ମାନପତ୍ର ଓ ଉପଢୌକନ ଦେଇ ଉତ୍ସାହିତ କରିବା ସହ ଉତ୍କଳ ସାମ୍ବାଦିକ ସଂଘର ମୁଖପତ୍ର ‘ଓଡ଼ିଶା ବାର୍ତ୍ତାଜୀବୀ’ ଉନ୍ମୋଚନ କରିଥିଲେ। ସମ୍ବର୍ଦ୍ଧିତ ହୋଇଥିବା ସାମ୍ବାଦିକମାନେ ହେଲେ ପୂର୍ଣ୍ଣଚନ୍ଦ୍ର ନାୟକ, ରାଜେନ୍ ଚୌଧୁରୀ, ଜିତେନ୍ଦ୍ର ସାହୁ, ଭରତ ବେହେରା, ମନୋଜ ପ୍ରଧାନ, ରାମଚନ୍ଦ୍ର ପାଲ୍ ଓ ପ୍ରତାପ ପ୍ରଧାନ। ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମେଳନରେ ଉତ୍କଳ ସାମ୍ବାଦିକ ସଂଘର ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାମ୍ବାଦିକ କଲ୍ୟାଣ ବୋର୍ଡର ସାଧାରଣ ସଂପାଦକ ସନତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଭୁବନେଶ୍ୱର ସାମ୍ବାଦିକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭାଗବତ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

# ରାଜଧାନୀରେ ମିଳିବ ଇ-ବସ୍ ସେବା

**ଭୁବନେଶ୍ୱର :** ରାଜ୍ୟରେ ‘ମୋ ବସ’ ସେବାରେ ଖୁବଶୀଘ୍ର ବ୍ୟାଟେରୀ ଚାଳିତ ବା ଇ-ବସ୍ ସେବା ସାମିଲ କରାଯିବ। ଏଥିପାଇଁ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ‘ମୋ ବସ୍ ’ ସେବା ଯୋଗାଉଥିବା କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ ବା ‘କ୍ରୁଟ୍ ’ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଶ୍ରୀ ଜେନା ଆଜି ରାଜ୍ୟରେ ମୋ ବସ୍ ସେବାର ସମୀକ୍ଷା କରି କହିଛନ୍ତି ଯେ ରାଜଧାନୀରେ ‘ମୋ ବସ୍’ ସେବା ଏବେ ସାଧାରଣ ଲୋକଙ୍କ ପାଇଁ ଆରାମଦାୟକ ପରିବହନ ବ୍ୟବସ୍ଥା ହୋଇଛି। ଏବେ ୩୨ଟି ରୁଟରେ ମୋଟ ୨୨୫ଟି ବସରେ ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପିପିଲି, କୋଣାର୍କ ଓ ପୁରୀ ଭଳି ସହରରେ ଦୈନିକ ୧.୫ଲକ୍ଷ ଯାତ୍ରୀ ଯାତାୟତ କରୁଛନ୍ତି। ଏହି ସବୁ ବସଗୁଡ଼ିକ ସୁବ୍ୟବସ୍ଥିତ ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ପରିଚାଳିତ ହେଉଛି। ତେବେ ପରିବର୍ତ୍ତିତ ପରିସ୍ଥିତିରେ ଏଥିରେ ବ୍ୟାଟେରୀଚାଳିତ ବା ଇ-ବସ୍ ସାମିଲ କରିବାକୁ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି। ୨୦୧୯ ମସିହାରୁ ପ୍ରତିବର୍ଷ ଦୈନିକ ଯାତ୍ରୀ ପରିବହନ ସଂଖ୍ୟା ବୃଦ୍ଧି ପାଇବା ସହ ରାଜସ୍ୱ ମଧ୍ୟ ବୃଦ୍ଧି ପାଇଛି। ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏବେ ଇ-ରିକ୍ସା ସେବା ମଧ୍ୟ ଆରମ୍ଭ ହୋଇଛି। ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୨୦୦ ଯାତ୍ରୀ ଅପେକ୍ଷା ପାଇଁ ଆଶ୍ରୟ ସ୍ଥଳୀ ନିର୍ମାଣ ହୋଇଛି। ପଟିଆ ଓ ଭଗବାନପୁରରେ ଅତ୍ୟାଧୁନିକ ବସ୍ ଡିପୋ ନିର୍ମିତ ହୋଇଥିବାବେଳେ ଗାଡ଼କଣ, ପୋଖରୀପୁଟ ଓ ନରାଜ ଠାରେ ଡିପୋ ଓ ଅଫିସ୍ ନିର୍ମାଣ କାର୍ଯ୍ୟ ଚାଲିଛି। କ୍ୟାପିଟାଲ ରିଜିଅନର ବିଭିନ୍ନ ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରାୟ ୧୦୦ଟି ମିନି ବସ୍ ଚଳାଚଳ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

# ପ୍ରାଥମିକ ଶିକ୍ଷକଙ୍କ ବଦଳି କ୍ୟାଲେଣ୍ଡର ଜାରି



**ଭୁବନେଶ୍ୱର :** ୨୦୨୨ରେ ଶିକ୍ଷକ ବଦଳି ପାଇଁ କ୍ୟାଲେଣ୍ଡର ପ୍ରକାଶ କରାଯାଇଛି। ମେ’ ୩୧ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରଖିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଗଣଶିକ୍ଷା ବିଭାଗର ଅନୁମତି ଲୋଡ଼ାଯାଇଛି। ବିଭାଗୀୟ ଅଧିକାରୀ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ମେ’ ୩୧ଠାରୁ ଶିକ୍ଷକ ଶିକ୍ଷୟିତ୍ରୀ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ଜୁନ୍ ୧୫ ସୁଦ୍ଧା ଆବେଦନପତ୍ର ଯାଞ୍ଚ, ୨୦ ତାରିଖ ସୁଦ୍ଧା ପ୍ରସ୍ତାବଗୁଡ଼ିକୁ ନିର୍ଦ୍ଦେଶକଙ୍କ ନିକଟକୁ ପଠାଇବା, ୨୫ ତାରିଖ ସୁଦ୍ଧା ରେଫରେନ୍ସ ମାମଲାଗୁଡ଼ିକ ରାଜ୍ୟ ମେଡିକାଲ ବୋର୍ଡକୁ ପଠାଯିବ। ଜୁଲାଇ ୧୫ସୁଦ୍ଧା ମେଡିକାଲ ବୋର୍ଡ ରିପୋର୍ଟ ଗ୍ରହଣ, ୩୦ ସୁଦ୍ଧା ଡ୍ରାଫ୍ଟ ଯୋଗ୍ୟତା ତାଲିକା ପ୍ରକାଶ, ରାଜ୍ୟ/ଜିଲ୍ଲାସ୍ତରୀୟ ଯୋଗ୍ୟତା ତାଲିକା ଅଗଷ୍ଟ ୧୬ରେ ପ୍ରକାଶ ସହ ଅଗଷ୍ଟ ୨୩ରେ ବଦଳି ନିର୍ଦ୍ଦେଶ ଜାରି କରାଯିବ। ଅଗଷ୍ଟ ୩୧ସୁଦ୍ଧା ଶିକ୍ଷକମାନେ କାର୍ଯ୍ୟରେ ଯୋଗଦେବେ। ପ୍ରଧାନଶିକ୍ଷକ/ବରିଷ୍ଠ ପ୍ରଧାନଶିକ୍ଷକ, ଆସିଷ୍ଟାଣ୍ଟ ଶିକ୍ଷକ/ଜୁନିଅର ଶିକ୍ଷକ/ଚୁକ୍ତିଭିତ୍ତିକ ଜୁନିଅର ଶିକ୍ଷକଙ୍କ କ୍ଷେତ୍ରରେ ଏହି ବଦଳି ନିୟମ ଲାଗୁ ହେବ ବୋଲି କୁହାଯାଇଛି।

**ବ୍ରଜରାଜନଗର ଉପନିର୍ବାଚନ ପ୍ରସ୍ତୁତି ଜୋରଦାର**

# ଘରେ ରହି ଭୋଟ୍ ଦେବେ ଦିବ୍ୟାଙ୍ଗ, ବୟସ୍କ



**ଭୁବନେଶ୍ୱର :** ବ୍ରଜରାଜନଗର ଉପନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ସହ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ବାଚନମଣ୍ଡଳୀରେ ମୋଟ ୨ଲକ୍ଷ ୧୪ହଜାର ୭୪୫ଜଣ ଭୋଟର ଥିବାବେଳେ ଚଳିତଥର ମୋଟ ୨୭୯ଟି ବୁଥ ପ୍ରସ୍ତୁତ ହୋଇଛି। ନିର୍ବାଚନରେ ଇଭିଏମ୍ ମାଧ୍ୟମରେ ଭୋଟଗ୍ରହଣ ହୋଇଛି ଓ ୭୦୦ଟି ଭିଭିପାଟ୍ ମେସିନ୍ ବ୍ୟବସ୍ଥା ହୋଇଛି। ତେବେ ୮୦ବର୍ଷରୁ ଅଧିକ ବୟସର ବ୍ୟକ୍ତି ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ଘରେ ରହି ଭୋଟ୍ ଦେଇପାରିବେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଆଜି ବ୍ରଜରାଜନଗର ଉପନିର୍ବାଚନ ପ୍ରସ୍ତୁତି ସଂକ୍ରାନ୍ତରେ ଝାରସୁଗୁଡ଼ା ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମୀକ୍ଷା ବୈଠକ କରିଛନ୍ତି। ଆଜିଠୁ ଆରମ୍ଭ ହୋଇଥିବା ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଚାଲିବ। ମୋଟ ୨ଲକ୍ଷ ୧୪ହଜାର ୭୪୫ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ପ୍ରତି ବୁଥରେ ସର୍ବାଧିକ ୧୨୫୦ଜଣ ଭୋଟର ଭୋଟ୍ ଦେବାର ପ୍ରାବଧାନ ଥିବାରୁ ୨୭୯ଟି ବୁଥ ପ୍ରସ୍ତୁତ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଉପନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି,ଇଭିଏମ୍ ଓ ଭିଭିପାଟ୍ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ତାଲିମ, କଂଟ୍ରୋଲ ରୁମ୍ ଖୋଲିବା ସହ ଉପନିର୍ବାଚନ ସଂକ୍ରାନ୍ତ ସମସ୍ତ ପ୍ରସ୍ତୁତି ଠିକ୍ ସମୟରେ ସାରିବାକୁ ଜିଲ୍ଲାପାଳଙ୍କୁ ଶ୍ରୀ ଲୋହାନୀ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନମଣ୍ଡଳୀରେ ମୋଟ ୨.୧୪ଲକ୍ଷ ଭୋଟରଙ୍କ ମଧ୍ୟରେ ୮୦ବର୍ଷ ବୟସରୁ ଅଧିକ ୩୧୨୭ଜଣ ଓ ଦିବ୍ୟାଙ୍ଗ ଭୋଟର ୩୫୧୯ଜଣ ଅଛନ୍ତି। ଏହି ମୋଟ ୬୬୪୬ଜଣ ଭୋଟର ଚାହିଁଲେ ନିଜ ଘରେ ରହି ପୋଷ୍ଟାଲ ବାଲାଟରେ ନିଜର ମତାଧିକାର ସାବ୍ୟସ୍ତ କରିପାରିବେ। ତେବେ ୩୧ତାରିଖରେ ଭୋଟ୍ ଗ୍ରହଣ ଥିବାରୁ ସେମାନେ ଦିନକ ପୂର୍ବରୁ ପୋଷ୍ଟାଲ ବାଲାଟରେ ନିଜର ଭୋଟ୍ ଦାନ କରିବେ। ଉପନିର୍ବାଚନ ପାଇଁ ୬୯୯ଟି ବାଲାଟ୍ ୟୁନିଟ, ୬୮୬ଟି କଂଟ୍ରୋଲ ୟୁନିଟ୍ ଓ ୭୦୦ଟି ଭିଭିପାଟ୍ ଜିଲ୍ଲାକୁ ପଠାଯାଇ ସାରିଛି ଓ ଏସବୁର ପ୍ରଥମସ୍ତରୀୟ ବୈଷୟିକ ଯାଞ୍ଚ ମଧ୍ୟ ଶେଷ ହୋଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଉପନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ନିମନ୍ତେ ୩ ରାଜନୀତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସରେ ତତ୍ପରତା ପ୍ରକାଶ ପାଇଛି। ବିଜେଡି ଆଜି ନିର୍ବାଚନମଣ୍ଡଳୀରେ ଏକ ମିଟିଂ ଡାକି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଯାହାଙ୍କୁ ପ୍ରାର୍ଥୀ କରିବେ ତାକୁ ସମସ୍ତେ ସ୍ୱୀକାର କରିବେ ବୋଲି ଏକ ସଂକଳ୍ପପତ୍ର ଗୃହୀତ କରିଛି। ସେପଟେ ବିଜେପିର ପ୍ରାର୍ଥୀ କିଏ ହେବ ତାହା ଚୂଡ଼ାନ୍ତ ପାଇଁ ଦଳର ପ୍ରଭାରୀ ଓ ସହପ୍ରଭାରୀ ଓଡ଼ିଶା ଆସି ନେତାମାନଙ୍କ ସହ ଆଲୋଚନା କରିବେ ଓ ସଂସଦୀୟ ଦଳ ଏହି ପ୍ରାର୍ଥୀ ଘୋଷଣା କରିବେ। କଂଗ୍ରେସ ମଧ୍ୟ ନିଜର ପ୍ରାର୍ଥୀ ଚୟନ କରିବା ପାଇଁ ଏକ କମିଟି ଗଠନ କରିଛି।

# ୪୦ ଲକ୍ଷ ଚାଷୀଙ୍କୁ ୮୦୦ କୋଟି ‘କାଳିଆ’ ସହାୟତା

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଅକ୍ଷୟ ତୃତୀୟା ଓ କୃଷକ ଦିବସ ଅବସରରେ ରାଜ୍ୟର କୃଷକ ମାନଙ୍କୁ କାଳିଆ ଯୋଜନାର ସହାୟତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ଝାରସୁଗୁଡା ବ୍ୟତୀତ ରାଜ୍ୟର ପ୍ରାୟ ୪୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବ୍ୟାଙ୍କ ଖାତାକୁ ପାଖାପାଖି ୮୦୦ କୋଟି ଟଙ୍କା ସିଧାସଳଖ ପ୍ରଦାନ କରାଯାଇଛି। ଚାଷୀ ମାନଙ୍କୁ ଏହି ଟଙ୍କାକୁ ଚାଷ କାମରେ ଲଗାଇ କୃଷିରେ ଉନ୍ନତି ଆଣିବା ପାଇଁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଭିଡିଓ କନ୍ଫରେନ୍ସିଂ ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଚାଷୀ ଆମ ଅର୍ଥନୀତିର ମୁଖ୍ୟ ଆଧାର। ଆମର କୃଷକମାନେ କେବଳ ଓଡିଶା ନୁହେଁ, ସାରା ଦେଶର ଖାଦ୍ୟ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଓ ଓଡିଶା ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଚାଷୀ ଭାଇଭଉଣୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। କୃଷି ବିକାଶ ଓ କୃଷକ କଲ୍ୟାଣ ରାଜ୍ୟ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ ବର୍ଷ କୃଷି ପାଇଁ ୨୦ ହଜାର କୋଟିରୁ ଅଧିକ ଟଙ୍କାର ବଜେଟ ରଖାଯାଇଛି। ଏହି ଅବସରରେ କୃଷି ବିକାଶ ପାଇଁ ୮ଟି ନୂଆ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପଣସ ମିଶନ ଓ ରିୱାର୍ଡ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ସହିତ ମିଲେଟ୍ ମିଶନ ଓ ସମନ୍ୱିତ କୃଷି ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ପ୍ରସାର ମଧ୍ୟ କରାଯାଉଛି। ସୂଚନାଯୋଗ୍ୟ ଯେ ପଣସ ମିଶନରେ ୯ଟି ଜିଲ୍ଲାର ପଣସ ଚାଷୀଙ୍କ ପାଇଁ ୯୭ କୋଟି ଟଙ୍କାର ପ୍ରୋତ୍ସାହନ ରଖାଯାଇଥିବା ବେଳେ, ରିୱାର୍ଡ ଯୋଜନାରେ ବୈଜ୍ଞାନିକ ପ୍ରଣାଳୀରେ ଜଳବିଭାଜିକା କାର୍ଯ୍ୟକ୍ରମ ଜରିଆରେ ଚାଷ ଜମିର ଉତ୍ପାଦକତା ବୃଦ୍ଧି ପାଇଁ ୫୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି। ସେହିପରି ଓଡିଶା ମିଲେଟ୍ ମିଶନରେ ୧୯ଟି ଜିଲ୍ଲାର ୧୮୨ଟି ବ୍ଲକ୍ର ଚାଷୀ ମାନଙ୍କ ପାଇଁ ୨୮୦୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ସମନ୍ୱିତ କୃଷିର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୮ଟି ଜିଲ୍ଲାର ୧.୮ ଲକ୍ଷ କୃଷକ ପରିବାରକୁ ସାମିଲ କରିବା ପାଇଁ ୨୩୯ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି। ଏହି ୪ଟି ଯୋଜନା ପାଇଁ ୩୬୪୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୃଷି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ଉପରେ ଆମେ ବିଶେଷ ଗୁରୁତ୍ୱ ଦେଉଛୁ। କୃଷିକୁ ଏକ ଲାଭଜନକ ବୃତ୍ତି ଭାବରେ ବିକଶିତ କରବା ପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚାଷୀ ଭାଇ ମାନଙ୍କ ପାଇଁ ନୂଆ ‘କୃଷକ ଓଡିଶା’ ପୋର୍ଟାଲ ଲୋକାର୍ପିତ କରିଥିଲେ। ଏଥିରେ ଚାଷୀମାନେ ସାମିଲ ହୋଇ ସେମାନଙ୍କ ତଥ୍ୟ ଅପଡ୍ଟେଟ କଲେ ଆବଶ୍ୟକ ସେବା ଓ ପରାମର୍ଶ ପାଇପାରିବେ। ଏହାସହିତ କୃଷକ ଓ କୃଷି ଉଦ୍ୟୋଗୀ ମାନଙ୍କ ପାଇଁ ‘ଗୋ-ସୁଗମ’ ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରିଥିଲେ। ଏହା କୃଷକ ମାନଙ୍କ ପାଇଁ ଦେଶର ପ୍ରଥମ ସିଙ୍ଗଲ ୱିନଡୋ ପ୍ଲାଟଫର୍ମ। ଏହାସହିତ କୃଷି ଓ ଆନୁସଂଗିକ କ୍ଷେତ୍ରରେ କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ବାସ୍ତବମୁଖୀ ନୀତି ନିର୍ଦ୍ଧାରଣ ପାଇଁ “ଆନ୍ତର୍ଜାତିକ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ” ଓ ରାଜ୍ୟ କୃଷି ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଥିଲା। କୃଷକ ମାନଙ୍କ ସଶକ୍ତିକରଣ ପାଇଁ କୃଷକ ଉତ୍ପାଦକ ସଂଗଠନର ଏକ ମାର୍ଗଦର୍ଶିକା ମଧ୍ୟ ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ। କୃଷି ମନ୍ତ୍ରୀ ଅରୁଣ ସାହୁ କହିଲେ ଯେ ଅନେକ ପ୍ରାକୃତିକ ବିପର୍ଯ୍ୟୟ ର ସମ୍ମୁଖୀନ ହେଲେ ମଧ୍ୟ ମୁଖ୍ୟ ମନ୍ତ୍ରୀଙ୍କ ଦୂର ଦୃଷ୍ଟି ଓ ଦୃଢ଼ ନେତୃତ୍ୱ ପାଇଁ ଓଡ଼ିଶା ଆଜି କୃଷି କ୍ଷେତ୍ରରେ ଅଗ୍ରଣୀ ହୋଇ ପାରିଛି। କୃଷି କ୍ଷେତ୍ର ରେ ମହିଳା ମାନଙ୍କୁ ଅଗ୍ରାଧିକାର ଦିଆ ଯାଉଛି। କୃଷି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ଚାଷୀ ନିର୍ମଳ ନାୟକ, ବାଲେଶ୍ୱରର ବଇଦ ନାୟକ ଓ ସୁନ୍ଦରଗଡ ଜିଲ୍ଲାର ଚାଷୀ ମେନକା ଭୋଇ ପ୍ରମୁଖ କାଳିଆ ଯୋଜନା ଯୋଗୁ ସେମାନଙ୍କ ଚାଷ କାମରେ କିପରି ଉନ୍ନତି ଆସିଛି, ସେ ବିଷୟରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କାଳିଆ ସହାୟତା ପାଇଁ ସେମାନେ ସାର, ବିହନ ଆଦି ସହଜରେ କିଣି ଚାଷ କରିପାରୁଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଙ୍କୁ କୃତଜ୍ଞତା ପ୍ରକାଶ କରି ପ୍ରଭୁ ଜଗନ୍ନାଥ ଆପଣଙ୍କ ମଙ୍ଗଳ କରନ୍ତୁ ବୋଲି ସେମାନେ କହିଥଲେ। ଏହି କାର୍ଯ୍ୟକ୍ରମରେ ଏହିସବୁ ନୂଆ ଯୋଜନା ଓ କୃଷି କ୍ଷେତ୍ରରେ ଡିଜିଟାଲ ଟେକ୍ନୋଲୋଜିର ପ୍ରୟୋଗ ସଂପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଂଜୀବ ଚୋପ୍ରା ସ୍ୱାଗତ ଭାଷଣ ଦେଇଥିଲେ। କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳ ଓ ଚାଷୀ ମାନେ ଉପସ୍ଥିତ ଥିଲେ।

**ସହିଦ ଓଡିଆ ଯବାନଙ୍କ ପରିଜନଙ୍କ ପାଇଁ ଖୁସି ଖବର**

# ସହାୟତା ରାଶି ୧୦ ଲକ୍ଷକୁ ବୃଦ୍ଧି

**ଭୁବନେଶ୍ୱର:** ସହିଦ ଓଡିଆ ଯବାନଙ୍କ ପରିଜନଙ୍କ ପାଇଁ ଖୁସି ଖବର। ଯୁଦ୍ଧ ତଥା ଉଗ୍ରବାଦର ମୁକାବିଲା ସମୟରେ ସହିଦ ଓଡ଼ିଆ ଯବାନଙ୍କ ପରିଜନଙ୍କ ନିମନ୍ତେ ସହାୟତା ରାଶି ଦ୍ୱିଗୁଣିତ କରିଛନ୍ତି ରାଜ୍ୟ ସରକାର। ଏହାକୁ ବୃଦ୍ଧି କରି ୧୦ ଲକ୍ଷ ଟଙ୍କା କରାଯାଇଛି। ପୂର୍ବେ ଏହି ସହାୟତା ରାଶି ୫ ଲକ୍ଷ ଟଙ୍କା ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏହାର ସୂଚନା ଦେଇଛନ୍ତି। ସାମରିକ ତଥା ଅର୍ଦ୍ଧ ସାମରିକ ବାହିନୀରେ ରହି ଦେଶ ପାଇଁ ପ୍ରାଣବଳୀ ଦେଉଥିବା ଯବାନ ଓ ଅଫିସରମାନଙ୍କ ପରିବାରର କଲ୍ୟାଣ ପାଇଁ ରାଜ୍ୟ ସରକାର ଏକ ସହାୟତା ପାଣ୍ଠି ଗଠନ କରିଛନ୍ତି। କାରଗିଲ୍ ଯୁଦ୍ଧ ସମୟରୁ ଏହି ପାଣ୍ଠି ଆରମ୍ଭ ହୋଇଥିଲା। ଆରମ୍ଭରେ ଯବାନଙ୍କ ପରିଜନଙ୍କ ପାଇଁ ସହାୟତା ରାଶି ଭାବେ ୧ ଲକ୍ଷ ଟଙ୍କା ଥିଲା। ପରବର୍ତ୍ତୀ ସମୟରେ ୨୦୧୦ ଓ ୨୦୧୨ରେ ଯଥାକ୍ରମେ ୨ ଲକ୍ଷ ଓ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏବେ ତୃତୀୟ ଥର ରାଜ୍ୟ ସରକାର ଏହି ରାଶିକୁ ବଢାଇଛନ୍ତି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୯ - ୧୫ ମଇ, ୨୦୨୨

# ଉଡା ଖବରରେ ସତ, ମିଛ କେତେ !

ସମ୍ବାଦକୀୟ



ତାରକ ମହାନ୍ତି

ଆଜିକାଲି ପ୍ରତ୍ୟେକ କଥାକୁ ନେଇ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ଉଡା ଖବର ଦେଖିବାକୁ ମିଳୁଛି। ତାହା ପିଓକେ ଭାରତ ନେଇଆସିବ ହେଉ କି ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଜଣେ ମହିଳା ହେବେ। ସହିନବାଗରେ ରୋହିଙ୍ଗ୍ୟା ମୁସଲମାନ ମାନେ ଭାରତ ବିରୋଧୀ କାର୍ଯ୍ୟ କରୁଥିବା ନେଇ ମଧ୍ୟ ଖବର ଉଡେ ଓ ଏଥିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ହାତ ରହିଥିବା ପ୍ରସଙ୍ଗ ମଧ୍ୟ ରହିଥାଏ। ଆଉ କେତେବେଳେ ଓଡ଼ିଶାରେ ପିସିସି ସଭାପତି କିଏ ହେବେ ତାହାକୁ ନେଇ ଆଲୋଚନା ହୋଇଥାଏ। ବାତ୍ୟା କେଉଁ ଦିନ କେଉଁଠି ଲ୍ୟାଣ୍ଡଫଲ କରିବ ଅବା କେତେ ଭୟଙ୍କର ହେବ ତାହାକୁ ନେଇ ଜୋରଦାର କଥା ଉଠେ। ପରବର୍ତ୍ତୀ ରାଷ୍ଟ୍ରପତି ଦୌଡ଼ରେ ଦୁଇଜଣ ଓଡ଼ିଆ ଥିବା ମଧ୍ୟ କେହି କେହି ପୋଷ୍ଟ କରିଥାନ୍ତି। ତେବେ ଏଭଳି ଖବର ପଛରେ ବାସ୍ତବତା କଣ ତାହା ଉପରେ ପାଠକ ଯେତିକି ଗୁରୁତ୍ୱ ଦେବାକଥା ତାହା ନକରି କେଉଁ ଖବର ଭାଇରାଲ କରିହେବ ତାହା ପଛରେ ପଞ୍ଝେ ମାଡି ଯାଆନ୍ତି। ତେବେ ଆସିବା ଏଭଳି ଖବର ପଛରେ କେଉଁ କାରଣ ରହିଛି। କାରଣ ସାମ୍ପ୍ରତିକ ରାଜନୀତିରେ ଗୁଜବ ଭଳି ଶବ୍ଦର ବ୍ୟାପକ ଗୁରୁତ୍ୱ ରହିଛି। କିଛିଲୋକ ଯେତେବେଳେ ନିର୍ଦ୍ଦିଷ୍ଟ ଦଳର ପ୍ରଚାର ପ୍ରସାର ପାଇଁ ଚିନ୍ତା କରନ୍ତି, ସେତେବେଳେ ତାଙ୍କର ଅଙ୍କକଷା ଆରମ୍ଭ ହୋଇଯାଏ। କେଉଁ ନେତାଙ୍କୁ କିଭଳି ବଦନାମ କରାଯିବ ଅବା କାହାକୁ ସର୍ବଶ୍ରେଷ୍ଠ କୁହାଯିବ ତାହା ମଧ୍ୟ ଏହାର ଅଂଶବିଶେଷ। ତେବେ କଥା ଉଠୁଛି, ନିଆଁ ନଥାଇ ଧୂଆଁ ଆସିଲା କୁଆଡୁ। କେଉଁଠି ନା କେଉଁଠି ସମ୍ପୃକ୍ତ ବିଷୟକୁ ନେଇ କେହି ହୁଏତ ଚର୍ଚ୍ଚା କରିଥିବେ। ତାହା ହୁଏତ ଲିକ ହୋଇ ଏଭଳି ଖବର ପ୍ରସ୍ତୁତ ପାଇଁ ଖୋରାକ ଯୋଗାଇପାରେ। ମାତ୍ର ବାସ୍ତବରେ ଅସଲ ଚିତ୍ର ପ୍ରସ୍ତୁତ କରିଥିବା ବ୍ୟକ୍ତି ଏହାକୁ କେବେ ପ୍ରକାଶ କରିନଥାଏ। ଯେଉଁ ଖସଡ଼ା ଗୋପନରେ ପ୍ରସ୍ତୁତ ହୋଇଥାଏ, ତାହା ସାର୍ବଜନୀନ ହେବା ଆଗରୁ ଏଭଳି ଅନେକ ଗୁରୁତ୍ୱହୀନ ବା ଗୁରୁତ୍ୱପୂର୍ଣ୍ଣ ଘଟଣା ବିଷୟରେ ସୋସିଆଲ ମିଡ଼ିଆର ଉପଯୋଗ ଦେଖିବାକୁ ମିଳୁଛି। ଏଥିରେ ବିଶେଷ ସୂତ୍ର ଭଳି କିଛି ଶବ୍ଦର ମାହାତ୍ମ୍ୟ ବି ଥାଇପାରେ। କିନ୍ତୁ ଏହାର ଅନୁସନ୍ଧାନ ହେବା ଜରୁରୀ ଥିବା ବେଳେ ସେହି କାର୍ଯ୍ୟଟି ସହଜ ହେଉନଥିବାରୁ ଉଡା ଖବର ପ୍ରତି ଲୋକଙ୍କ ଆଗ୍ରହ ବଢୁଛି। ଦେଖିବାର କଥା ଏହାଦ୍ୱାରା କାହାର ସମ୍ମାନ ହାନି ହେଉଛି ଅବା କେହି କ୍ଷତିଗ୍ରସ୍ତ ହେଉଛି। କାରଣ ଗୋଟିଏ ଗୋଟିଏ ଗୁଜବ ମଧ୍ୟ ବ୍ୟକ୍ତିର ରାଜନୈତିକ ଜୀବନ ଉପରେ କୁପ୍ରଭାବ ପକାଇପାରେ ଅଥବା କାହାର ପରିବାର ଉଜାଡ଼ି ଦେଇପାରେ। ସାମାଜିକ ଗଣମାଧ୍ୟମରେ ଖବର ପ୍ରସ୍ତୁତ କରି ପ୍ରକାଶ କରିବାରେ ବାଧା ନଥାଇପାରେ, ମାତ୍ର ଏହା ଦାୟିତ୍ୱସମ୍ପନ୍ନର ସହ ହେବା ବଦଳରେ ଯେତେବେଳେ ଦାୟିତ୍ୱହୀନ ହୋଇପଡେ ତାହାର ଖରାପ ପ୍ରଭାବ ସମସ୍ତଙ୍କ ଉପରେ ପଡିଥାଏ। ଫଳସ୍ୱରୂପ ଗୁଜବକୁ ନେଇ କେହି କେହି ଆତଙ୍କିତ ହୁଅନ୍ତି ତ ଆଉ କେହି ଆତ୍ମହତ୍ୟା ମଧ୍ୟ କରିଥାନ୍ତି। ଭବିଷ୍ୟତ ବିପଦ ଆଶଙ୍କାରେ କିଛି ଲୋକ ରୋଗର ଶିକାର ହେଉଥିବା ମଧ୍ୟ ଜଣାପଡେ। ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପୁରୀ ଶ୍ରୀମନ୍ଦିର ଭିତରେ ପ୍ରବେଶ ମନା ବୋଲି ହିନ୍ଦୀ ଭାଷାରେ ଏକ ଲେଖା ସୋସିଆଲ ମିଡିଆରେ ଘୁରି ବୁଲିଲା। କଥା ଯେତେବେଳେ ଶ୍ରୀମନ୍ଦିର ପ୍ରଶାସନ କାନକୁ ଆସିଲା, ଜଣାପଡିଲା ଏହାର କିଛି ସତ୍ୟତା ନାହିଁ। ମନ୍ଦିର ପ୍ରଶାସନ ଏଭଳି କିଛି କଟକଣା ମମତାଙ୍କ ପାଇଁ ଲଗାଇନାହିଁ। ତେଣୁ ଏହାକୁ ଏକ ଗୁଜବ ବୋଲି କୁହାଯାଉଛି। ତେବେ ଏଭଳି ଏକ ଗୁଜବ ପଛରେ କିଏ ? ଯାହା ଅନୁମାନ କରାଯାଏ ଧର୍ମ ଆଳରେ କିଛି ଲୋକ ଏଭଳି ଗୁଜବ ଖବର ପ୍ରକାଶ କରି ଲୋକଙ୍କ ମଧ୍ୟରେ ବିଦ୍ୱେଷ ସୃଷ୍ଟି କରୁଛନ୍ତି। ଏହି କଥାଟିରୁ ଲକ୍ଷ୍ୟ କରନ୍ତୁ ଯେ, ଯେଉଁ ଗୁଜବ ସୃଷ୍ଟିକାରୀ ଏଭଳି କରିଛନ୍ତି ସେମାନଙ୍କର ମାନସିକତା କିଭଳି ହୋଇଥିବ। ଯେଉଁମାନେ ଏହି ଖବର ପଢି ଖୁସି ହେଲେ ବା କଷ୍ଟ ପାଇଲେ ତାହା କେତେ ମାରାତ୍ମକ। ପ୍ରତ୍ୟେକଦିନ ଏଭଳି କିଛି ଗୁଜବ ବା ମିଛ ଖବର ଲୋକଙ୍କୁ ଆକ୍ରାନ୍ତ କରୁଛି। କେହି କେହି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ନକରି ଅଥବା ଖବରର ପୃଷ୍ଠଭୂମି କଣ ନଜାଣି ଏହାକୁ ବିଶ୍ୱାସ କରିଯାଉଛନ୍ତି। ହେଲେ ଏହାଦ୍ୱାରା ସମାଜରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ହୁଏତ ଗୁଜବ ରଚନାକାରୀ ଏହାଦ୍ୱାରା ଲାଭବାନ ହୋଇପାରନ୍ତି ମାତ୍ର ଗୁଜବ ଏକ ବ୍ୟବସ୍ଥାକୁ କିଭଳି ବିଗାଡିପାରେ ତାହା ସ୍ପଷ୍ଟ ଭାବେ ଜାଣିହୁଏ। ଅନେକ ସମୟରେ କୋକୁଆ ଭୟ ପରି କିଛି ଆତଙ୍କିତ ଖବର ଲୋକଙ୍କୁ ଭାରାକ୍ରାନ୍ତ ଓ ଚିନ୍ତାଗ୍ରସ୍ତ କରିଥାଏ। ଯେଭଳି ବଜାରରୁ ହଠାତ ଲୁଣ ଗାଏବ ହୋଇଯାଏ। ଲୋକ କିଲେ ବଦଳରେ ବସ୍ତା ବସ୍ତା ଲୁଣ କିଣିପକାନ୍ତି। ଯାହାଫଳରେ ବଜାରରେ ଲୁଣ ଅଭାବ ଦର୍ଶାଯାଇ ଦର ମଧ୍ୟ ବଢିଚାଲେ। ଏହା ମଧ୍ୟ ଏକ ଗୁଜବ, କାରଣ କିଛି ଲୋକ ଗୁଜବକୁ ବିଶ୍ୱାସ କରି ଅସ୍ତବ୍ୟସ୍ତ ହୋଇପଡନ୍ତି। ଯାହାର ଫାଇଦା ଗୁଜବ ସୃଷ୍ଟିକାରୀ ଓ ବ୍ୟବସାୟୀଙ୍କୁ ମିଳେ। ହେଲେ ସାଧାରଣଲୋକ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ପଇସା ଥିବା ଲୋକ ଚଢା ଦର ଦେଇ ଲୁଣ କିଣିନେଲା ବେଳେ ଗରିବ ଲୋକ ହାଁ ମାରି ଚାହିଁ ରହନ୍ତି। ଏଥିରେ ଅସାଧୁ ବେପାରୀ ମାଲାମାଲ ହେଉଥିଲା ବେଳେ କିଛି ଲୋକ ଦ୍ୱନ୍ଦ୍ୱରେ ରୁହନ୍ତି। ବନ୍ୟା, ବାତ୍ୟା ସମୟରେ ମଧ୍ୟ କିଛିଲୋକ ଗୁଜବ ପ୍ରଚାର କରି ଆତଙ୍କ ସୃଷ୍ଟି କରିବା ଫଳରେ ଲୋକେ ଭୟଭୀତ ହୋଇପଡନ୍ତି। ଏହି ସୁଯୋଗରେ ଅସାଧୁ ବ୍ୟବସାୟୀ, କଳାବଜାରୀ ଏବଂ ସ୍ୱାର୍ଥବାଦୀ ଗୋଷ୍ଠୀ ସକ୍ରିୟ ହୋଇଉଠନ୍ତି। ବଜାରରେ ସାମଗ୍ରୀର କୃତ୍ରିମ ଅଭାବ ସୃଷ୍ଟି କରି ସେଥିରୁ ଅଧିକ ଲାଭ ଉଠାଇଥାନ୍ତି। ଆଉ କେତେକ କ୍ଷେତ୍ରରେ ମିଛ ଅପପ୍ରଚାର ଜରିଆରେ ଧଳା କାଉ ଉଡୁଥିବା ଭଳି ଖବର ପ୍ରଚାର ତ ଗଛ ମୂଳେ ଠାକୁରାଣୀ ବର ପ୍ରଦାନ କରୁଥିବା ନେଇ ମଧ୍ୟ ଗୁଜବ ସୃଷ୍ଟି କରିପାରନ୍ତି। ଗ୍ରାମ ହେଉ କି ସହର, ଗୁଜବର ଗତି ତୀବ୍ର। ତେଣୁ ଘଟଣାର ସତ୍ୟାସତ୍ୟ ବୁଝିବା ବଦଳରେ କିଛିଲୋକ ଗୁଜବକୁ ସତ୍ୟ ମନେକରି ଏହାର ପ୍ରଚାର ପ୍ରସାର ଦିଗରେ ଲାଗିପଡନ୍ତି। ଏହାଦ୍ୱାରା ଲୋକଙ୍କ ଭିତରେ ଏକପ୍ରକାର ଭାଳେଣି ପଡିଯିବା ସହିତ ବିପଦର ଆଶଙ୍କା ବଢିଯାଏ। ତେଣୁ ଅଯଥା ଗୁଜବକାରୀଙ୍କୁ ଉଚିତ ଶିକ୍ଷା ଦେବା ପାଇଁ ଆଇନରେ ବ୍ୟବସ୍ଥା ରହିବା ଦରକାର। ନଚେତ୍ ଦିନକୁ ଦିନ ଏଭଳି ଗୁଜବକାରୀଙ୍କ ସଂଖ୍ୟା ବଢ଼ିଚାଲିବ, ଯାହାକି ସମାଜ ବ୍ୟବସ୍ଥା ପାଇଁ ଅତ୍ୟନ୍ତ ବିପଦ ପାଲଟିବ। ନିକଟରେ ରାଜ୍ୟ ମନ୍ତ୍ରିମଣ୍ଡଳ ପରିବର୍ତ୍ତନ ନେଇ ଏକ ତାଲିକା ସୋସିଆଲ ମିଡିଆରେ ଘୁରି ବୁଲୁଛି। ଲୋକସେବା ଭବନଠାରୁ ଆରମ୍ଭ କରି ସମସ୍ତ ବିଭାଗରେ ଏହି ତାଲିକାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା ବେଳେ ଏହା ପଛରେ କିଛି ସତ୍ୟତା ନଥିବା ଜଣାପଡିଛି। ତେଣୁ ଏହା ନିଶ୍ଚୟ ଏକ ଗୁଜବ। ଯଦିଓ ଘୁରି ବୁଲୁଥିବା ତାଲିକାରେ ସ୍ଥାନ ପାଇଥିବା ବିଧାୟକମାନେ ସମ୍ଭାବ୍ୟ ମନ୍ତ୍ରୀ ତାଲିକାରେ ଥାଇପାରନ୍ତି। ହେଲେ ରାଜ୍ୟ ମୁଖିଆ ଏନେଇ କୌଣସି ନିଷ୍ପତ୍ତି ନେଇନଥିବା ସୂଚନା ମିଳିଛି। ସେ ଯାହାବି ହେଉନା କାହିଁକି ଅନେକ ସମୟରେ ଏଭଳି ଗୁଜବ ସମାଜରେ ଅସ୍ଥିରତା ସୃଷ୍ଟି କରୁଛି।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ରାଷ୍ଟ୍ରପତି ରେସ୍ ଓ ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ



ବାଦଲ ଭୂୟାଁ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅପ୍ରତ୍ୟାଶିତ ନିଷ୍ପତ୍ତି ନେବାରେ ମାହିର। ସାଧାରଣରେ ପରିଚିତ ନଥିବା ଅନେକ ନୂଆ ଚେହେରାଙ୍କୁ ସାମ୍ନାକୁ ସେ ଆଣିଥାନ୍ତି। ଏ କ୍ଷେତ୍ରରେ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର। ତାଙ୍କ ରାଜନୈତିକ ବିଚକ୍ଷଣତା ହିଁ ବିଜେପିର ବଡ଼ ଶକ୍ତି। ତେବେ ଏହା ଭିତରେ ରାଜନୈତିକ ପାଣିପାଗ ସରଗରମ ହୋଇ ଉଠିଲାଣି ଭାରତର ଆସନ୍ତା ରାଷ୍ଟ୍ରପତି ପ୍ରାର୍ଥୀତ୍ୱକୁ ନେଇ। କିଛି ଦିନ ତଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପ୍ରାର୍ଥୀତ୍ୱକୁ ସମର୍ଥନ ନେଇ ପ୍ରଶ୍ନ ପଚରାଯିବାରୁ ସେ ଉତ୍ତର ଦେଇଥିଲେ ପ୍ରାର୍ଥୀ ଦେଖି ଦଳ ନିଷ୍ପତ୍ତି ନେବ। ଆସନ୍ତା ରାଷ୍ଟ୍ରପତି ନିର୍ବାଚନରେ ବିଜେପିର ସମର୍ଥିତ ପ୍ରାର୍ଥୀ, ଏନଡିଏ ମେଣ୍ଟରୁ ବିଜୟୀ ହେବା ସୁନିଶ୍ଚିତ। ତେବେ ଏହା ଭିତରେ ରାଜନୈତିକ ସମୀକ୍ଷକ ଓ ଗଣମାଧ୍ୟମ ମହଲରେ ଏକ ବଡ଼ ଖବର ଜାତୀୟ ରାଜନୀତିକୁ ସରଗରମ କରିଦେଇଛି। ଭାରତର ପରବର୍ତ୍ତୀ ରାଷ୍ଟ୍ରପତି ନେଇ କଳ୍ପନା ଜଳ୍ପନାର ଗୁଡ଼ି ଉଡୁଥିବା ବେଳେ କ୍ଷମତାସୀନ ଏନଡିଏ ଜଣେ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ତଲାସରେ ଅଛି। ଯାହାଙ୍କ ନିର୍ମଳ, ଭାବମୂର୍ତ୍ତିର ବ୍ୟକ୍ତିତ୍ୱ ଅନ୍ୟ ଆଞ୍ଚଳିକ ଦଳ ପାଖରୁ ସମର୍ଥନ ଆଣି ପାରିବ ଏହାକୁ ନେଇ ଦଳ ଯେଉଁ ବିଚାର କରୁଛି ତା ଭିତରେ ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ଓଡ଼ିଶାର ବରିଷ୍ଠ ଆଦିବାସୀ ନେତ୍ରୀ ଦ୍ରୌପଦୀ ମୁର୍ମୁଙ୍କ ନାଁ ଉଠୁଛି। ତାଙ୍କ ବ୍ୟକ୍ତିତ୍ୱ, ଭାବମୂର୍ତ୍ତି, ଅଭିଜ୍ଞତା, ଯୋଗ୍ୟତା ଓ ସରଳତା ସବୁ ଦୃଷ୍ଟିରୁ ସେ ଅନ୍ୟ ଦଳ ମାନଙ୍କର ନିଃସର୍ଥ ସମର୍ଥନ ପାଇପାରିବେ ବୋଲି ରାଜନୈତିକ ସମୀକ୍ଷକ ମାନଙ୍କ ମତ।

ରାଜନୀତିକୁ ଆସିବା ପୂର୍ବରୁ କିଛି ଦିନ ଶିକ୍ଷକତା କରିଥିଲେ। ଓଡ଼ିଶାରେ ବିଜେଡ଼ି ବିଜେପି ମେଣ୍ଟ ସରକାର ସମୟରେ ବିଜେପିର ବିଧାୟିକା ଭାବେ ଲଢ଼ି ନବୀନ ବାବୁଙ୍କ କ୍ୟାବିନେଟରେ ପରିବହନ ବିଭାଗର ଦାୟିତ୍ୱରେ ଥିଲେ। କୁହାଯାଏ ନବୀନ ବାବୁଙ୍କ ସହ ତାଙ୍କର ସମ୍ପର୍କ ଖୁବ ଭଲ ଏବଂ ଝାଡ଼ଖଣ୍ଡ ରାଜ୍ୟପାଳ ବେଳେ ସେଠାର ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଓ ଏହାର ସୁପ୍ରିମୋ ଶିବୁ ସୋରେନ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସହ ଦ୍ରୌପଦୀ ମୁର୍ମୁଙ୍କ ସମ୍ପର୍କ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଛି। ବିଜେପିର ଶୀର୍ଷ ନେତୃବୃନ୍ଦ ନରେନ୍ଦ୍ର ମୋଦି, ଅମିତ ଶାହା, ଲାଲକୃଷ୍ଣ ଆଡ଼ଭାନୀ ଓ ଅନେକ ବଡ଼ ବଡ଼ ନେତା ମାନଙ୍କ ସହ ତାଙ୍କ ସମ୍ପର୍କ ଖୁବ ଭଲ। ସେମାନେ ଦ୍ରୌପଦୀ ମୁର୍ମୁଙ୍କୁ ଅତ୍ୟନ୍ତ ସମ୍ମାନ କରନ୍ତି। ଦ୍ରୌପଦୀ ମୁର୍ମୁ ଯଦି ବିଜେପିରୁ ରାଷ୍ଟ୍ରପତି ପ୍ରାର୍ଥୀ ହୁଅନ୍ତି ତେବେ ବିଜେଡ଼ି ସହିତ ଜେଏମଏମ ମଧ୍ୟ ନିଶ୍ଚିନ୍ତ ସମର୍ଥନ କରିବ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଝାଡ଼ଖଣ୍ଡର ରାଜ୍ୟପାଳ ଦାୟିତ୍ୱରେ ଥିବାବେଳେ ସେ ସମସ୍ତଙ୍କ ସହ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ସୁସମ୍ପର୍କ ରଖିଥିଲେ। ତେବେ ଦ୍ରୌପଦୀ ମୁର୍ମୁ ବିଜେପିର ରାଷ୍ଟ୍ରପତି ପ୍ରାର୍ଥୀ ହେଲେ ଭାରତର ତମାମ ଆଦିବାସୀ ନେତା ମାନଙ୍କ ସମର୍ଥନ ପାଇପାରିବେ ଏହା ସହ ଅନ୍ୟ ଆଞ୍ଚଳିକ ଦଳମାନେ ପ୍ରକାରନ୍ତେରେ ବାଧ୍ୟ ହେବେ ତାଙ୍କୁ ସମର୍ଥନ କରିବା ପାଇଁ। ତୃଣମୂଳ କଂଗ୍ରେସର ବିଜେପି ସହ ଅହି-ନକୁଳ ସମ୍ପର୍କ ଥିବାବେଳେ ତୃଣମୂଳର ସୁପ୍ରିମୋ ମମତା ବାନାର୍ଜୀ ଜଣେ ମହିଳା ହୋଇଥିବାରୁ ସେ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ନେଇ ଦୋଛକିରେ ପଡ଼ିଯିବେ ଏବଂ ସମର୍ଥନ ନ ଦେଲେ ତୃଣମୂଳ କଂଗ୍ରେସ ପାଇଁ ଏହା ଘାତକ ସାବ୍ୟସ୍ତ ହେବ।

ସେହିପରି ରାଜନୈତିକ ସମୀକ୍ଷକମାନଙ୍କ ମତ ଯେ ବିଜେପି ତାଙ୍କୁ ପ୍ରାର୍ଥୀ କଲେ ଓଡ଼ିଶା ରାଜନୀତିକୁ ନେଇ ଏକ ବଡ଼ ଗେମ ପ୍ଲାନ କରିବ। ଆସନ୍ତା ୨୦୨୪ ଓଡ଼ିଶା ରାଜନୀତିକୁ ଏହି ଘଟଣା ବଡ଼ ରାଜନୈତିକ ଘଟଣା ବହୁଳ ହେବ। କାରଣ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରି ଓଡ଼ିଶାବାସୀଙ୍କ ମନ ଜିଣିବାରେ ବିଜେପି ସମର୍ଥ ହେବ। ଓଡ଼ିଶାରେ ବିଜେପିର କାୟା ଦିନକୁ ଦିନ ବଢ଼ୁଛି। କଂଗ୍ରେସକୁ ହଟାଇ ଦ୍ୱିତୀୟ ଦଳ ଭାବେ ବିରୋଧୀ ଦଳର ମର୍ଯ୍ୟାଦା ପାଇଛି ତେବେ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ପରେ ବିଜେପି ପାଇଁ ଏକ ବଡ଼ ଭୋଟବ୍ୟାଙ୍କ ସୃଷ୍ଟି କରିବ। ଏହାବି ହୋଇପାରେ ବିଜେପି ଶାସନ ଗାଦିକୁ ଆସିପାରେ କିମ୍ବା ବିଜେଡ଼ି ସହ ଏକ ଗଠବନ୍ଧନ ମଧ୍ୟ କରିପାରେ। ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ହେଲେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ବସିବାରେ ସେ ହେବେ ପ୍ରଥମ ଓଡ଼ିଆ ଓ ଭାରତର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି। ରାଷ୍ଟ୍ରପତି ପ୍ରାର୍ଥୀ ରେସରେ ଦ୍ରୌପଦୀଙ୍କ ନାଁ ଚର୍ଚ୍ଚାକୁ ଉଠିବା ବେଳେ କେବଳ ମୟୂରଭଞ୍ଜବାସୀ ନୁହଁନ୍ତି ଓଡ଼ିଶା ସହ ଝାଡ଼ଖଣ୍ଡବାସୀଙ୍କ ଭିତରେ ଆନନ୍ଦ ଉଲ୍ଲାସ ପ୍ରକାଶ ପାଇଛି। ଝାଡ଼ଖଣ୍ଡର ରାଜ୍ୟପାଳ ଥିବାବେଳେ ସେ ଏଠାରେ ଥିବା ପ୍ରବାସୀ ଓଡ଼ିଆଙ୍କ ମନ ଜିଣିଥିଲେ। କୁହାଯାଏ ରାଜନୀତି କ୍ରିକେଟ ଓ ପାଣିପାଗକୁ ନେଇ କିଛି ଆଗୁଆ କୁହାଯାଇପାରେନା। ତେବେ ଜଣେ ଓଡ଼ିଆ ଭାବେ ଦ୍ରୌପଦୀ ମୁର୍ମୁଙ୍କ ଆଦିବାସୀ ପ୍ରାର୍ଥୀତ୍ୱକୁ ନେଇ କୋଟି କୋଟି ଓଡ଼ିଶାବାସୀଙ୍କ ସହ ଏହି ଲେଖକ ମଧ୍ୟ ଗର୍ବିତ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର*

# ଚରିତ୍ର ନଥିଲେ ସବୁ ଅସାର



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସୁକେନ୍ଦ୍ରିକତା ଏକାନ୍ତ ଆବଶ୍ୟକ । ମନୁଷ୍ୟ ଭାବେ ଦୀକ୍ଷା ନେଲି, ଗୁରୁ ଗ୍ରହଣ କଲି, ସନ୍ନ୍ୟାସ ନେଲି, ବାନପ୍ରସ୍ଥ ନେଲି, ଏଥିରେ ହିଁ ସବୁ ହେଲା, ତାହା କିନ୍ତୁ ନୁହେଁ । କର୍ମ ଭିତର ଦେଇ ଯେତେ ପରିମାଣରେ ସୁନିୟନ୍ତ୍ରିତ ଓ ସୁକେନ୍ଦ୍ରିକ ହୋଇ ଉଠିବ ତୁମର ଚରିତ୍ରର ଦ୍ୟୁତି ସେତେ ପ୍ରକାଶିତ ହେବ । ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର । ସାର୍ଥକ ସଙ୍ଗତି ଆବଶ୍ୟକ । ତୁମେ ଯାହା କିଛି କର ନା କାହିଁକି ଗୁରୁ ବା ଇଷ୍ଟଙ୍କ ଠାରେ ସାର୍ଥକ ହେବାକୁ ହେବ । ସବୁବେଳେ ନିଜକୁ ଜିଜ୍ଞାସା କରିବ - ମୋର ଏହି କର୍ମରେ ଗୁରୁଜୀ ବା ଇଷ୍ଟ ଦେବତା ସନ୍ତୁଷ୍ଟ ତ ? ଗୀତାରେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ଅର୍ଜୁନଙ୍କୁ କହିଲେ - ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଏହାର ଅର୍ଥ ତୁମର ମନଗଢା ବା ପ୍ରବୃତ୍ତି ଧର୍ମକୁ ଛାଡି ମୋତେ ରକ୍ଷା କରି ଚାଲ, ମୋତେ ପରିପାଳନ କର, ତାହା ହେଲେ ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ । ଜନୈକ ଭକ୍ତ ପ୍ରଶ୍ନ କଲେ - ସଦ୍‌ଗୁରୁ ଗ୍ରହଣ କଲେ ସେ ଆମ୍ଭମାନଙ୍କୁ ସର୍ବପାପ ଠାରୁ ରକ୍ଷା କରିବାର ନିଶ୍ଚୟତା ଓ ପ୍ରତିଶୃତି ଦେବେ ତ ? ଦୃଢ କଣ୍ଠରେ ଦୟାଲ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଏହି ନିଶ୍ଚୟତା ଓ ପ୍ରତିଶୃତି ସଦ୍‌ଗୁରୁ ଅବଶ୍ୟ ଦେବେ । କିନ୍ତୁ ସେଥିନିମିତ୍ତ ତୁମକୁ ସୁକେନ୍ଦ୍ରିକ ହେବାକୁ ଲାଗିବ । ସକଳ ଗ୍ରହ ଯେପରି ସୂର୍ଯ୍ୟକୁ କେନ୍ଦ୍ର କରି ଚାଲୁଛନ୍ତି ତୁମକୁ ସେହିପରି ଗୁରୁଙ୍କ ଠାରେ କେନ୍ଦ୍ରାୟିତ ହେବାକୁ ପଡିବ । ଭଗବାନ ଶ୍ରୀକୃଷ୍ଣ ସେଥିପାଇଁ ଭକ୍ତ ଅର୍ଜୁନଙ୍କୁ କହିଲେ- ମନ୍ମନା ଭବ ମଦ୍‌ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ । ମୋ ପାଇଁ କର୍ମ କର, ଏହି ଲକ୍ଷ୍ୟ ଠିକ୍ ରଖି ଚାଲ । ତୁମର ପ୍ରଭୁଙ୍କୁ ତୁମେ ଅନୁସରଣ କର । ତୁମେ ମଧ୍ୟ ବିଶ୍ୱରୂପ ଦେଖି ପାରିବ । ସ୍ମିତହାସ୍ୟ ସହକାରେ ଦୟାଲ୍ ପ୍ରଭୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଭକ୍ତ ଅର୍ଜୁନ ମଧ୍ୟରେ ଅର୍ଜ୍ଜନ ଅଛି । ଅର୍ଜୁନ ଭଗବାନ କୃଷ୍ଣଙ୍କର କୃପା କର୍ମ ମାଧ୍ୟମରେ ଅର୍ଜନ କରିଥିଲେ । କୌଣସି କିଛି କରିବାକୁ ଯାଇ ଯଦି ଭୁଲ ହୋଇଯାଏ ଭୁଲକୁ ତତ୍‌କ୍ଷଣାତ୍ ସଂଶୋଧନ କରିନିଅ, ସମ୍ପୂର୍ଣ୍ଣ ଭାବରେ ଦୂରୀକରଣ କର । ତାହା ହିଁ ମୋତେ ଆହୁରି ଖୁସି କରି ଉଠାଏ । ତୁମର ସତ୍ ଅଭ୍ୟାସଗୁଡିକ ସଜାଗ ରଖ, Habit ମାନେ Have it ।

ଜନୈକ ଭକ୍ତ ପ୍ରଶ୍ନ କଲେ ଜୀବନର କଷ୍ଟଗୁଡିକ ଦୂର ହେବା ଆବଶ୍ୟକ । ଦୟାଲ ଶ୍ରୀ ଶ୍ରୀ ଠାକୁର ପ୍ରତ୍ୟାୟାତ୍ମକ ଭଙ୍ଗୀରେ କହି ଉଠିଲେ - କଷ୍ଟ ଭିତର ଦେଇ ଆମ୍ଭେମାନେ ପ୍ରସ୍ତୁତ ହେଉ । କଷ୍ଟ ଓ ବାଧାକୁ ଅତିକ୍ରମ କରି ଯେତେବେଳେ ଚାଲୁ ସେତେ ପରିମାଣରେ ଆମ୍ଭମାନଙ୍କର ବୋଧ ବୃଦ୍ଧି ପାଏ । ଅସତ୍‌କୁ ଆମେ ଜାଣିବୁ । କିନ୍ତୁ ଅସତ୍ ଯେପରି ଆମ୍ଭମାନଙ୍କୁ ପ୍ରଭାବିତ କରି ନ ପାରେ ତାର ଚେଷ୍ଟା କରିବୁ । ଏହିପରି ଭାବରେ ଆମର ବୋଧ ଓ ବ୍ୟକ୍ତିତ୍ୱ ନିୟନ୍ତ୍ରିତ ହେବ । ଏହି ଭାବରେ ଆମ୍ଭେମାନେ ପ୍ରଜ୍ଞାର ଅଧିକାରୀ ହୋଇ ଉଠିବୁ । ଯେକୌଣସି କର୍ମ ପଥରେ ବାଧା କଷ୍ଟ ଆସେ, ସେଗୁଡିକୁ ଅତିକ୍ରମ ନ କଲେ ସିଦ୍ଧିଲାଭ ହୁଏ ନାହିଁ । ଭଗବାନ୍ ଶ୍ରୀକୃଷ୍ଣ ଭଗବଦ ଗୀତାରେ କହିଛନ୍ତି - ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ତଥୈବ ଭଜାମ୍ୟହଂ, ମମ ବର୍ତ୍ତାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ । ପୁଣି ସନ୍ଥକବି ତୁଳସୀ ଦାସ କହିଛନ୍ତି - ତୁମ ଯେଇସା ରାମକୋ, ତୁମ୍‌କୋ ତେଇସା ରାମ, ଡ଼ାଇନେଯାଓ ତୋ ଡ଼ାଇନ, ବାମେ ଯାଓ ତୋ ବାମ । ଜନୈକ ଭଦ୍ରବ୍ୟକ୍ତି ପ୍ରଶ୍ନ କଲେ - ଯେ ଯେପରି ଭଜନା କରେ ସେହିପରି ଫଳ ପାଏ । ତାହାହେଲେ ରାବଣ ମଧ୍ୟ ସାଧନା କରି ଫଳ ପାଇଥିଲା । କିନ୍ତୁ ସମସ୍ତ ଦେବତା ଏକ ସଙ୍ଗରେ ରାବଣର ବିରୋଧୀ ହୋଇ ଉଠିଲେ କାହିଁକି ? ଯାହାଫଳରେ ରାବଣ ମୃତ୍ୟୁ ଲାଭ କଲା । ଏହି ପ୍ରସଙ୍ଗରେ କୁଳମାଲିକ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ- ମୁଁ ଯଦି ତୁମ ଉପରେ ହିଂସା କରେ ତାହା ଅସତ୍ । ଅସତ୍ ଯିଏ ସେ ମୋର ଅସ୍ତିତ୍ୱକୁ ଧ୍ୱଂସ କରେ । ଆଉ ଅସ୍ତିତ୍ୱକୁ ଯେ ରକ୍ଷା କରେ ସେ ସତ୍ । କିନ୍ତୁ ରାବଣ ଯେ ଭଗବାନ ରାମଙ୍କର ସହଧର୍ମିଣୀ ମାତା ଜାନକୀଙ୍କୁ ଟାଣି ନେଲା, ଅନ୍ୟର ରାଜ୍ୟ ଦଖଲ କଲା, ଏହା କ'ଣ ସତ୍ ଭାବର ଲକ୍ଷଣ । ଏହିସବୁ କରି ସେ ଭଗବାନଙ୍କର ଉପାସନା କରୁଥିଲା । ଏହାର ଅର୍ଥ ସେ ତାର ଅନ୍ତରସ୍ଥ ଭଗବାନଙ୍କୁ ବଞ୍ଚନା କରୁଥିଲା, ତାର ଉଦ୍ଦେଶ୍ୟ ଥିଲା ଭଗବାନ ରାମଚନ୍ଦ୍ରଙ୍କୁ ବଞ୍ଚନା କରିବା । ଧରାଯାଉ ସଭା ଚାହୁଁଛି ଚାରିଟା ରସଗୋଲା ଖାଇବ । କିନ୍ତୁ ମୁଁ ଯଦି ଅଧା କିଲୋ ରସଗୋଲା ଖାଏ ତାହାହେଲେ ସଭା ତାହା ଗ୍ରହଣ କରିବ ନାହିଁ । ଏହିସବୁ ପ୍ରବୃତ୍ତିର କ୍ଷୁଧା ନିମିତ୍ତ ମନୁଷ୍ୟ କରେ । ଆଉ ମୁଁ ଯଦି ଭଗବାନ ଶ୍ରୀରାମଙ୍କୁ ଭଲ ପାଏ ତାହାହେଲେ ମୋର ଚଳନ-ଚରିତ୍ର ଭଗବାନ ଶ୍ରୀରାମଙ୍କ ଭଳି ହୋଇ ଉଠିବ । ଜଣେ ସତୀ ସ୍ତ୍ରୀର ଯେପରି ହୁଏ । ଶତୃତା ଭଲ ନୁହେଁ, ଶତ୍ରୁତାର ନିରସନ ହେଲେ ହିଁ ଭଲ ହୁଏ । ଭକ୍ତ ଭଦ୍ରଲୋକ ପୁଣି ପ୍ରଶ୍ନ କଲେ ଜଣେ କେହି ଦୀକ୍ଷା ନେଲେ ଅନ୍ୟମାନେ ତାଙ୍କୁ ନିନ୍ଦା କରନ୍ତି, ଉପହାସ କରନ୍ତି । ଏହାକୁ ସହ୍ୟ କରିବାର ଶକ୍ତି ସେହି ଦୀକ୍ଷିତ ଭାଇଙ୍କର ଥିବା ଆବଶ୍ୟକ । ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ- ଏଗୁଡିକ ଭାବିବାର ଜିନିଷ ନୁହେଁ । ଲୋକମାନେ ନିନ୍ଦା କରିପାରନ୍ତି । ଆମ୍ଭେମାନେ ତ ପୁରୁଷ ଲୋକ, ଲୋକମାନେ ଭକ୍ତ ମୀରାବାଈଙ୍କର ମଧ୍ୟ ନିନ୍ଦା କରିଛନ୍ତି । କବୀର ସାହେବଙ୍କୁ ମଧ୍ୟ ଅନେକ ନିନ୍ଦା କରନ୍ତି । ନିନ୍ଦା କଲେ ମଧ୍ୟ ସେମାନେ ପ୍ରଭୁଙ୍କର ମହିମାକୁ ହିଁ ପ୍ରଚାର କରନ୍ତି । ସେଣ୍ଟ ଜନ୍ ଥିଲେ । ସେ ପ୍ରଭୁ ଯୀଶୁଙ୍କ ପାଖରେ ଖାଲି ବସି ରହୁଥିଲେ । ଲୋକମାନେ ତାଙ୍କୁ କହୁଥିଲେ - ତୁମେ କେବଳ ବସି ରହିଛ କାହିଁକି ? ପ୍ରଭୁ ଯୀଶୁଙ୍କୁ ସହିତ କଥାବାର୍ତ୍ତା କରୁନ । ସେ କହିଲେ - ମୁଁ ମୂର୍ତ୍ତ ପ୍ରେମ ଦେଖୁଛି । ଭକ୍ତର ଭାବିବା ଉଚିତ - ପ୍ରଭୁ, ମୁଁ ତୁମକୁ ଭଲ ପାଏ । କର୍ମରେ ମଧ୍ୟ ସେହି ଭଲ ପାଇବା ପ୍ରକାଶ ପାଉ, ଚଳନ ମଧ୍ୟ ସେହିପରି ହେଉ, ଯେପରି ଥିଏଟରରେ ଆଚରଣ କରନ୍ତି । ଏହି ଧର୍ମର ଆଚରଣ କରୁ କରୁ ମନ ଭିତରେ ଧର୍ମ ଭାବ ଜାଗ୍ରତ ହୁଏ । ଏହା ଲୋକ ଦେଖାଣିଆ ହେଲେ ମଧ୍ୟ ଭଲ । ଶ୍ରୀ ଶ୍ରୀ ଠାକୁର ଅନୁକୂଳନ୍ଦ୍ର ଦୟାପରବଶ ହୋଇ କହି ଚାଲିଛନ୍ତି- ବୈଷ୍ଣବ ଶାସ୍ତ୍ରରେ ଏକ ଗଳ୍ପ ଅଛି । ଜଣେ ବ୍ୟାଧ ପକ୍ଷୀ ମାରୁଥିଲା, ପକ୍ଷୀମାନଙ୍କୁ ଖୁବ୍ କଷ୍ଟ ଦେଇ ମାରୁଥିଲା, ଦୂରରୁ ବାଣ ମାରୁଥିଲା । ହୁଏତ କିଛି ପକ୍ଷୀ ମଧ୍ୟ ବାଣରେ ନ ମରି ଉଡି ଯାଉଥିଲେ । ଦିନେ ସେହି ସ୍ଥାନରେ ବ୍ୟାଧ ଦେଖିଲା ଜଣେ ସାଧୁ ମହାରାଜ ରାମ-ରାମ ଜପ କରି ପୋଖରୀରେ ଗାଧୋଇ ଆସି ସେହି ଗଛ ପାଖରେ ବସି ଧ୍ୟାନରେ ନିମଗ୍ନ ହେଲେ । ସେତେବେଳେ ତାର ଦେହରେ ପକ୍ଷୀମାନେ ଆସି ବସିବାକୁ ଲାଗିଲେ । ବ୍ୟାଧ ଭାବିଲା ଏହା ତ ଖୁବ୍ ମଜା । ମୁଁ ମଧ୍ୟ ଯଦି ଏଇଠାରେ ଗାଧୋଇ ଧ୍ୟାନରେ ବସେ ଓ ପକ୍ଷୀମାନେ ଯଦି ମୋ ଦେହରେ ବସନ୍ତି ତାହାହେଲେ ସେମାନଙ୍କୁ ସୁବିଧାରେ ଧରିବି, ମାରିବି ଓ ଖାଇବି । ତାପରେ ସାଧୁ ଚାଲିଗଲାରୁ ବ୍ୟାଧ ଜଣକ ରାମ-ରାମ ଜପ କରି ପୋଖରୀରେ ଗାଧୋଇ ତିଳକ ଓ ଚନ୍ଦନ ଲଗାଇ ଧ୍ୟାନରେ ବସିଲା । ଠିକ୍ ସେହିପରି ଭାବରେ ପକ୍ଷୀମାନେ ମଧ୍ୟ ଉଡି ଆସି ବ୍ୟାଧ ଦେହରେ ବସିଲେ । ସେତେବେଳେ ସେ ବ୍ୟାଧର ବିବେକର ଉଦୟ ହେଲା, ବ୍ୟାଧ ଭାବିଲା - ଏତିକିରେ ଏତେ ଫଳ । ମୁଁ ଯଦି ସତ୍ୟକାର ସାଧୁ ହୋଇପାରିବି ତାହାହେଲେ କେତେ କ'ଣ ପାଇବି । ଶ୍ରୀ ଶ୍ରୀ ଠାକୁର ଭାବଗମ୍ଭୀର ସ୍ୱରରେ କହୁଛନ୍ତି - ମୁଁ ଯେତେବେଳେ ଛୋଟ ଥିଲି ସେତେବେଳେ କଲିକତାର ଷ୍ଟାର ଥିଏଟରର ନାଟକ ଦେଖିବାକୁ ଯାଉଥିଲି । ଭଲ ଭଲ ନାଟକ ହେଲେ ମଧ୍ୟେ ମଧ୍ୟେ ଯାଉଥିଲି । ଯେଉଁମାନେ ଭଲ ଅଭିନୟ କରୁଥିଲେ ସେମାନେ ଖାଦ୍ୟ ପେୟରେ ନିଷ୍ଠା ସହକାରେ ନିରାମିଷ ଖାଉଥିଲେ ଓ ଚାଲୁଥିଲେ ମଧ୍ୟ ସେହିପରି ଭାବରେ । ଜଣେ ଖୁବ୍ ଭଲ ଅଭିନୟ କରୁଥିଲେ, ଗିରୀଶ ଘୋଷଙ୍କର ରଚିତ ବୁଦ୍ଧଦେବ ନାଟକରେ ସେ ଖୁବ୍ ଭଲ ଅଭିନୟ କରୁଥିଲେ । ଏହି ଅଭିନୟ କରୁ କରୁ ତାର ଦିନେ ବିବେକ ଉଦୟ ହେଲା । ସେ ଆଉ ଘରକୁ ନ ଯାଇ ସନ୍ନ୍ୟାସ ବ୍ରତ ଗ୍ରହଣ କଲା । ସେଥିପାଇଁ କୁହାଯାଇଛି ଧର୍ମର ଅଭିନୟ ମଧ୍ୟ ଭଲ । କିନ୍ତୁ ଧର୍ମର ଭାବାଳୁତା ଭଲ ନୁହେଁ । ଏଥିରେ ମନୁଷ୍ୟ ଧପ୍ପାବାଜ୍ ହୋଇ ଉଠେ । କର୍ମ ଭିତର ଦେଇ ମନୁଷ୍ୟ ବୃଦ୍ଧି ପାଏ, କିନ୍ତୁ କେବଳ ବସି ବସି ତତ୍ତ୍ୱ ଆଲୋଚନା କଲେ ମନୁଷ୍ୟର ବୃଦ୍ଧି ହଏ ନାହିଁ । ସେଥପାଇଁ ଶ୍ରୀ ଶ୍ରୀ ଠାକୁର କହିଲେ - କର୍ମ ନାହିଁ ଚିନ୍ତାସତ୍, ଖସଡା ପଥରେ ନରକ ପଥ ।

***ସହପ୍ରତିରତ୍ୱି ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ***
***ଦୂରଭାଷ : ୯୪୩୭୦୫୧୯୫୭***

# ଶାନ୍ତିର ମାର୍ଗ



ଦେବଦତ୍ତ ବିଶ୍ୱାଳ

ଆଜି ସମସ୍ତେ ଖୋଜି ବୋଲୁଛନ୍ତି ଶାନ୍ତି କାହିଁ ? ଅଶାନ୍ତ ମାନବ ଜୀବନ, ଅଶାନ୍ତ କର୍ମମୟ ଜୀବନ, ସଂସାର ଜୀବନ ସହ ଅଶାନ୍ତ ପୃଥିବୀରେ ଶାନ୍ତି ପାଇଁ ସମସ୍ତେ ବ୍ୟାକୁଳ। ଆସନ୍ତୁ ତା ଉପରେ ଗୋଟିଏ ଛୋଟିଆ ଆଲୋଚନା ରଖିବା। ଯେଉଁମାନେ ଈର୍ଷା, ଅହଂକାର ଓ ଅଜ୍ଞାନଭାବ ସମ୍ପନ୍ନ, ସେମାନେ ମାର୍ଗରୁ ଅପସରି ଯାଆନ୍ତି। ଶେଷରେ ସେମାନେ କ୍ଷତିଗ୍ରସ୍ତ ହୁଅନ୍ତି। ମଣିଷର ସର୍ବାଧିକ ପ୍ରୟୋଜନ ହେଉଛି ଶାନ୍ତି। ଶାନ୍ତି ବିନା ଜୀବନର ନିରର୍ଥକ। ପ୍ରଗାଢ଼ ଉଦ୍ୟମ ମାଧ୍ୟମରେ ହେଉ ବା ଅନ୍ୟ କୌଣସି ମାର୍ଗରେ ହେଉ ଶାନ୍ତି ଭାବର ସୁରକ୍ଷା କରିବାକୁ ପଡ଼ିବ। କୋଇଲିର ମଧୁର ଗାନ କାଉକୁ ଭଲ ଲାଗି ନପାରେ ହଂସକୁ ଦେଖି ବତକ ଖୁସି ହୋଇନପାରେ। ଆମେ ଯଦି ଆମ ଖିଆଲ ଦ୍ୱାରା ଭାସିଯିବା ଶେଷରେ ନିଜର ନିଜତ୍ୱ ହରାଇ ବସିବା। ଧର୍ମରାଜ ରାଜା ମାନଙ୍କ ରାଜା ଥିଲେ। ସେ ଜଣେ ଶକ୍ତିଶାଳୀ ବ୍ୟକ୍ତି ଥିଲେ ଓ ସମସ୍ତ ସଦଗୁଣର ସାକାର ପ୍ରତିମୂର୍ତ୍ତି ଥିଲେ। ତାଙ୍କ ଚାରିଭାଇମାନେ ପ୍ରତ୍ୟେକେ ବଳଶାଳୀ ଓ ପରାକ୍ରମୀ ଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜର ପ୍ରଭୁ ଜ୍ଞାନ କରି ଧର୍ମରାଜ ସାଧନା କରୁଥିଲେ। ପାଣ୍ଡବମାନଙ୍କ ଏତେ ସବୁ ଥାଇ ମଧ୍ୟ କ'ଣ ହେଲା ? ଅଧିକରୁ ଅଧିକ ଦୁଃଖ ଯାତନା ଭୋଗିଲେ ସେମାନେ। କୌରବମାନେ ତାଙ୍କ ସ୍ତ୍ରୀଙ୍କୁ ଅବମାନନା କଲେ, ତାଙ୍କୁ ଅରଣ୍ୟକୁ ପଠାଇ ଦେଲେ। ଏ ସବୁ ସତ୍ତ୍ୱେ ଧର୍ମରାଜଙ୍କର ଶାନ୍ତଭାବ ଯୋଗୁଁ ସେମାନେ ସବୁ କିଛି ଫେରି ପାଇଲେ। ସେ ଘୋଷଣା କରି କହିଲେ, 'ଶାନ୍ତି ଆମର ଧର୍ମ, ଶାନ୍ତି ଦ୍ୱାରା ଆମେ ସବୁକିଛି ପାଇ ପାରିବା। ଦୁରାବସ୍ଥାରେ ପଡ଼ି, ଘୃଣା ଓ ଉତ୍ତେଜନା ଦ୍ୱାରା ଆମେ ଶାନ୍ତିରକ୍ଷା କରି ପାରିବା ନାହିଁ। ବରଂ ତଦ୍ୱାରା ଆମେ ସମାଜର କ୍ଷତି କରିବା।' ବାସ୍ତବିକ ଆଜିର ଦୁନିଆ ଏଇ ଶାନ୍ତି ଭାବ ଟିକକ ହରାଇ ବସିଛି। ସେଥିଲାଗି ସର୍ବତ୍ର ଗଣ୍ଡଗୋଳ। ଦୁର୍ଭିକ୍ଷ ଭୟ, ଯୁଦ୍ଧ ଭୟ, ଜାତି, ଧର୍ମ ଓ ବର୍ଣ୍ଣଗତ ସମସ୍ୟା ସର୍ବତ୍ର ପ୍ରବଳ। କ୍ଷମତା ଲୋଭ, ସ୍ୱାର୍ଥପର ଚିନ୍ତା ଓ ଆନ୍ଦୋଳନାତ୍ମକ ମାର୍ଗରେ ଛାତ୍ରମାନେ ପ୍ରବାହିତ। ଏ ସବୁର କାରଣ କ'ଣ ? ଏହାର କାରଣ ଆମେ ଆମ ନିଜର ସ୍ୱଭାବ ଶାନ୍ତିକୁ ଉପଲବ୍ଧି କରିବାକୁ ଅସମର୍ଥ। ତେବେ ସେ ଶାନ୍ତିଟି କ'ଣ ? ସେ ଗୋଟିଏ ନିର୍ମଳ ପ୍ରେମ ସମ୍ଭୂତ ଗୋଟିଏ ସୁରଭିତ କଳିକା। ସତକର୍ମ ଫଳ ପ୍ରସୂତ ଏକ ସୌରଭ। ପୂର୍ବ ପୂଣ୍ୟ ଲବ୍ଧ। ଏହି ଅମୂଲ୍ୟ ଶାନ୍ତ ଭାବ ହରାଇଲେ ଆମେ ସବୁକିଛି ହରାଇବା। ପୁରାକାଳରୁ ମୁନିଋଷିମାନେ ଶାନ୍ତିର ମହତ୍ୱ ଘୋଷଣା କରି ଆସୁଛନ୍ତି। ଯେତେ ଉପହସିତ ହେଲେ ସୁଦ୍ଧା, ଅନେକ ଯୋଜନା ଭୋଗିଲେ ମଧ୍ୟ ସେମାନେ ତାଙ୍କର ଶାନ୍ତି ଅବ୍ୟାହତ ରଖି ଆସିଛନ୍ତି। ଏହି ପ୍ରାଥମିକ ବସ୍ତୁଟି ମଣିଷ ରକ୍ଷା କରିବା ଦରକାର। ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ ଆମେ ନିଜର ପରିଚୟ ମଧ୍ୟ ହରାଇ ବସିବା। ମଣିଷ ହିସାବରେ ମଣିଷ ସମାଜରେ ମଣିଷର ଦାୟାଦ ହୋଇ ଜନ୍ମ ଲାଭ କରି ଯଦି ଆମେ ଯଦି ମଣିଷର ଗୁଣ ପ୍ରଦର୍ଶନ ନକରିବା ତେବେ ସେ ମାନବ ଜନ୍ମର ମୂଲ୍ୟ କ'ଣ ? ଶାନ୍ତି ଜୀବନକୁ ସୁରଭିତ କରେ। ଗୋଟିଏ କୁରାଢ଼ି ନେଇ ଚନ୍ଦନ ଗଛକୁ ହାଣିଲେ ଗଛ ସେଥିରେ ପ୍ରତିବାଦ କରେନାହିଁ ବରଂ କୁରାଢ଼ିକୁ ତାର ସୁଗନ୍ଧ ଦେଇଥାଏ। ଧୂପ କାଠିଟିରେ ଅଗ୍ନି ସଂଯୋଗ କଲେ ସେ ବିନା ବାଧାରେ ସୁଗନ୍ଧ ଖେଳାଇ ଦିଏ। ସେହି ଅନୁସାରେ ପ୍ରକୃତ ଭକ୍ତ ଓ ସାଧକ କୌଣସି ପରିସ୍ଥିତିରେ ନିଜର ଶାନ୍ତି କ୍ଷୁର୍ଣ୍ଣ ହେବାକୁ ଦେବା ଉଚିତ ନୁହେଁ, ବରଂ ଚାରିଆଡ଼େ ଆନନ୍ଦ ଖେଳାଇ ଦେବା ଉଚିତ। ଏହି ମୌଳିକ ସାଧନା ମାଧ୍ୟମରେ ଶାନ୍ତି ଲାଭ ହୋଇଥାଏ। ବାହ୍ୟଜଗତରୁ ଶାନ୍ତି ଆଦୌ ମିଳିପାରିବ ନାହିଁ। ନିକଟ ସମ୍ପର୍କୀୟଙ୍କ ପାଖରୁ ମଧ୍ୟ ନୁହେଁ, କୋଠାବାଡ଼ି ସୁନାମ ଓ ଖ୍ୟାତି କେହି ଶାନ୍ତି ଦେଇପାରିବେ ନାହିଁ। ନିଜ ଅନ୍ତରରୁ ଏହା ଉଲ୍ଲସି ଉଠେ, ବାହାରୁ କୌଣସି ଠାରୁ ଏହା ଉପାର୍ଜନ କରାଯାଇପାରେ ନାହିଁ।

*ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ*
*ଦୂରଭାଷ : ୯୮୬୧୯୪୪୫୯୪*

## ଧାରାବାହିକ ଉପନ୍ୟାସ

## ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୬




*(ପୂର୍ବପ୍ରକାଶ ଉତ୍ତାରୁ)*

ଅଦୂରରୁ ସତୃଷ୍ଣ ନୟନରେ ଲୀନା ଚାହିଁଥିବ ସେ ସଂପାଦିତ ଦୃଶ୍ୟଟିକୁ। ଗାଡିର ଧୂଆଁରେ ସେ ଗାଧୋଇ ପଡିଥିବ ସଂପୂର୍ଣ୍ଣ। ସାନବାବୁଙ୍କୁ ଆଘାତ ହେବ ବୋଲି ଲୀନା ସେଥିରେ ଥିବା କଣ୍ଟାଗୁଡିକୁ ଆଗରୁ କାଢି ଦେଇଥିବ।

ଏମିତି ଏକ ସମ୍ମୋହନ ବେଳାରେ ଏକମାତ୍ର ନିଜର ଜେଜେମା' ପାଖକୁ ଆସି ପଚାରିବ- ଏଯାଏଁ ଖାଇନୁ ଟି? ସାନବାବୁ ତ ଫୁଲ ନେଇ ଚାଲିଗଲେଣି। ଏଥର ତୋ ମୁଖ୍ୟ ପରୀକ୍ଷା ସରିଗଲା। ଏବେ ଯାଆ ଆଉ ଡେରି ନକରି..ଖାଇବୁ। ଗଣ୍ଡାଏ ଖାଇବାକୁ କଣ ସବୁବେଳେ କହିବାକୁ ପଡିବ? ତୋତେ କଣ ଭୋକ ଶୋଷ ହୁଏ ନାହିଁ ଜମା? ମୁଁ ଥକିଗଲିଣି ତୋ ପିଛାରେ..! ସମସ୍ତଙ୍କ କଥା ବୁଝୁବୁଝୁ ତୁ ସବୁବେଳେ ନିଜକୁ ଭୁଲି ଯାଉ। ନିଜ ପ୍ରତି ଅନ୍ୟାୟ କରୁ। ତୋତେ ଯେତେ କହିଲେ ବି ଲାଭ ହୁଏନି କିଛି! ଏମିତିକା ଜିଦିଆ ପିଲାଟାକୁ ମୋ ବେକରେ ବାନ୍ଧି ଚାଲିଗଲା ସେ..ମୋତେ ଅସହାୟ କରି। ମୁଁ ଯାହା ବିକଳ ହେଉଛି ତୋ ପାଇଁ ଜୀବନଟା ସାରା! ଏତିକି କହୁ କହୁ ଜେଜେମା'ର କଣ୍ଠ ଥରିଉଠେ ବେଦନାରେ। କୋହରେ ରୁନ୍ଧି ହୋଇଆସେ ତା ସ୍ୱର।

ଲୀନା କିନ୍ତୁ ଜେଜେ ମା'ର ସେ ଭାବନାକୁ ବୁଝିପାରେ ନାହିଁ। ଓଲଟି ତନ୍ମୟତାର ସହିତ କହେ- ମୋ ପାଇଁ ବ୍ୟସ୍ତ ହ'ନି ତୁ ଜେଜେମା'। ଜାଣୁ,ସାନବାବୁ ଆଜି ମୋତେ ଚାହିଁଲେ, ଆଉ ଟିକେ ହସିଲେ ବି। ଏତିକି କହୁକହୁ ତା ଆଖିରେ ହଜାରେ ସ୍ୱପ୍ନ ବୁଣି ହୋଇଯାଏ। ତା ଆଖପାଖର ମଳୟ ତାକୁ ଛୁଇଁ ବହିଯାଏ ନୀରବରେ, ସେ ଆନମନା ପାଲଟିଯାଏ ନିମିଷକେ। ସାନବାବୁଙ୍କ ହସକେରାଟାଏ ବି ଦିନଟାଯାକ ତାକୁ ବିଭୋର କରୁଥାନ୍ତି। ସେ ତଲ୍ଲୀନତା ଭିତରେ ହଜିଥାଏ। ସେ ନିଶାର ପ୍ରାବଲ୍ୟ ଏତେ ଅଧିକ ଯେ ତାରି ଭିତରେ ସେ ଡେଣା ଝାଡି କ୍ଲାନ୍ତହୀନା ପ୍ରଜାପତିଟିଏ ଭଳି ଉଡିବୁଲୁଥାଏ ଦିନତମାମ।

ତା ପାଇଁ ବ୍ୟସ୍ତ ହେଉଥିବା ଜେଜେମା' ତାକୁ କେତେକଣ କହୁଥିବ ଅଥଚ ସେ ଥିବ ଭିନ୍ନଏକ ଦୁନିଆଁର ପରିସୀମା ବାହାରେ..ବେଳେବେଳେ ସେ ଭାବେ ସେ ଖାଇଦେଲେ କଣ ଜେଜେମା'ର ପେଟ ପୂରିଯାଏ? ସେ କାହିଁକି ଏତେ ନିବିଡ ଭାବରେ ତା ଖାଇବା, ପିଇବା, ଶୋଇବା, ହସିବା, କାନ୍ଦିବାକୁ ଜଗି ରହିଥାଏ? ଯାହା ଆଉ କେହି କରନ୍ତିନି? ତା ପାଇଁ ଭଗବାନ୍ ବୋଧହୁଏ ଜେଜେ ମା'କୁ ପଠାଇଛନ୍ତି ଏ ସଂସାରକୁ, ତାର ଖିଆଲ ନେବାକୁ। ତା ଭଳି ଭଳି ତାକୁ ଏତେ ଆଦର କରି କିଏ ଖୁଆଇବ? କିଏ ତାର ଏତେ ଯତ୍ନ ନେଇ ପାଖରେ ଜଗି ବସିବ!

ସେ ହିଁ ତ ତା ବାପା, ମାଆ ସାଙ୍ଗ ସବୁକିଛି। ତା ହାତଧରି ସେ ଚାଲି ଶିଖିଛି। ତା କାନ୍ଧରେ ଝୁଲି ତା ପଣତ କାନିର ସାହାରାରେ ସେ ବଡ ହୋଇଛି। ଆକାଶର ତାରା ଗଣିଛି। ପୁଣି ତା କୋଳରେ ଢୁଳାଇ ପଡିଛି। ସେ ହିଁ ତ ତାର ଆଶ୍ରୟ । ତା ବିନା ସେ କଣ ବଂଚିପାରିବ କେବେ?

ଜେଜେମା' ଆଗରେ ମାଆ, ବାପାଙ୍କ କଥା ମନେପଡେ ନାହିଁ। ସେ ତ ସମସ୍ତ ଅଭାବକୁ ପୂର୍ଣ୍ଣ କରିଛି ଏ ଜୀବନରେ। ବଂଚିବାକୁ ଯାହା ବି ଦରକାର ସବୁ ଯୋଗାଇ ଦେଇଛି। ତା ମନ ବୁଝିଛି। ହସଲୁହରେ ତାକୁ କୋଳେଇ ନେଇଛି। ତା ପରି କିଏ ସେ ହେବ ତା ମନ ବୁଝିବାକୁ! ତାକୁ ବି କେବେ କେମିତି କଷ୍ଟ ହେଉଥିବ। ହେଲେ ସେ ସବୁ ଲୁଚାଏ ତା ଆଗରେ। ତା ଭିଜା ଆଖିଦେଖି ଲୀନା ବୁଝିପାରେ ଯେ ତା ମନରେ ବି ଅକଳନ୍ତି କଷ୍ଟ..। ହେଲେ..ତାର ପୁଣି କି କଷ୍ଟ? ତାକୁ ଏମିତି କି ଦୁଃଖ ମାଡି ବସେ?

ଲୀନା ପଚାରେ- ତୋର କଣ ହୋଇଛି ଜେଜେ ମାଆ? ତୋତେ କଣ ମାଲିକ କି ମାଲିକାଣୀ କିଏ କିଛି କହିଛନ୍ତି ନା ଦେହ ଭଲ ଲାଗୁନି? ତୋ ଗୋଡ ମୋଡି ଦେବି ନା ମୁଣ୍ଡ ବି ଚିପି ଦେବି। ଏତିକି କହି ସେ ଜେଜେ ମା'କୁ ଜବରଦସ୍ତ ପାଖରେ ବସାଇ ତା ମୁଣ୍ଡକୁ କୁନିକୁନି ହାତ ପାପୁଲିରେ ଚିପି ଧରେ। ଆଉ ଜେଜେମା' ତା ଚପଳତା ଓ ନିରୀହତାରେ ହସି ପକାଏ। ଏମିତି ଅଜସ୍ର କଥା ଭିତରେ ସେ ପୁଣି ହଜିଯାଏ ତା ଅନାବନା ଖିଆଲରେ। ତାର ପିଲାଳିଆମୀ ଦେଖି ଜେଜେ ମା' ପାଟିରୁ ବାହାରିପଡେ ଚିରାଚରିତ ଶବ୍ଦ-'ବାୟାଣୀଟାଏ! ସାନବାବୁଙ୍କ ମୁହଁରେ ହସଟିକିଏ ଦେଖିଲେ କଣ ତୋ ପେଟ ପୂରେ କିରେ ମାଆ? ସବୁବେଳେ କଣ ଖାଲି ତାଙ୍କରି ଚିନ୍ତା। ତା ଭିତରେ ତୁ ନିଜକୁ ଭୁଲିଯାଉ!

ଏସବୁ କଥା କିନ୍ତୁ ଲୀନାକୁ ପରିବର୍ତ୍ତିତ କରି ତାକୁ ଗୋଟେ ପ୍ରଚ୍ଛନ୍ନ ନିଶାଠାରୁ ପୃଥକ୍ ପାରେନି। ସେ ଥାଏ ଆପଣା ଧୂନ୍‌ରେ, ଗୋଟେ ଅପହଂଚ ପୃଥିବୀରେ। ସେ ପୃଥିବୀରେ କାହାର ବି ଅନଧିକାର ପ୍ରବେଶ ନାହିଁ। ଏମିତିକି ଜେଜେମା' ବି ତା ସ୍ୱପ୍ନଠାରୁ ଢେର୍ ଦୂରରେ। ତାର ମଧୁର ଆକଟକୁ ଅଣଶୁଣା କରି ସେ ସେମିତି ବୁଡି ଯାଇଥାଏ କୋଉ ଗୋଟେ ଖିଆଲରେ। ତାକୁ ବୁଝାଇବା ବୋକାମୀ ଭାବି ଜେଜେମା' ଚାଲିଯାଏ ତା କାମ ସାରିବାକୁ।

*(କ୍ରମଶଃ)*

## ବିଶିଷ୍ଟ କବିତା



### ଖରା

**ଡ.ସତ୍ୟନାରାୟଣ ମିଶ୍ର**



ଏଇ ଖରା ତୋତେ ଖୋଜିଛି
କେତେରେ ଶୀତର ସକାଳେ ବସି
ତୁହିନ ଆସୁରେ ରଜାପିଲା ପରି
ପୁଣି ଯାଉ କେବେ ଖସି ।

ବୁଢୀ ମା'ମୋର ବଡି ପାରିଥିବ
ଖରାରେ ଶୁଖିବ ବୋଲି
ମେଘ ତଳେ ଲୁଚି ସୂରୁଜ ହସଇ
ଖରା ଖେଳେ ଲୁଚକାଳି।
ଧୋଇ ଶୁଖିବାକୁ ଗଦାଏ ଲୁଗାତ
ତତେ ଚାହେଁ ଘରବାଲି
ଏଇନେ ଥିବୁ ତ ସେଇନେ ଫେରାର
ରାଗେ ଯାଏ ମୁହଁ ଫୁଲି।
ବରଷା ପରେ ତ ବିଲ ପାଗ
ହେଲେ ଖରା ଟିକେ ଚାଷୀ ଖୋଜେ
ସେତେବେଳେ ତୁ ତ କୁଆଡେ
ଯାଉରେ ଚଷାପୁଅ ବୁଦ୍ଧି ଖୋଜେ
ଖରାବେଳ ଖରା,ଖରାଛୁଟି ଖରା
ଖରାଦିନ ଖରା ଦେଖିଛି
ଏବର ଖରାତ ନିଆଁଗୁଳି ମିଶା
ବରଷା ପରିକା ଲାଗୁଛି
ଲୋଡା ନାହିଁ ତୋର ଖରାର ଖୋରାକ
ଜୀବନଟା ଭରା ଖରାରେ
ପ୍ରଚଣ୍ଡ ପ୍ରକାଶ ଜୀବନ ବିନାଶ
କରିବ କିଏସେ ଭଲାରେ।
ଅଂଶୁଘାତର ଆଘାତୁ ମଣିଷ
ଦିନଟା କାଟଇ ତ୍ରାସେ
ରାତି ପବନରେ ତାରକା ଖଚିତ
ଆକାଶକୁ ଚାହିଁ ବସେ ?

*ଲିଙ୍ଗରାଜବିହାର, ଭୁବନେଶ୍ୱର-୨୦*
*ମୋ..୯୯୩୮୧୬୭୩୩୧*

### ରଙ୍ଗଶାଳା



**ସନ୍ଧ୍ୟା ରାଣୀ ପରିଜା**

ଅତିଥି ହେବ ବୋଲି ରଙ୍ଗଶାଳାରେ
ରତି ଭରିଛି ରାତିରେ।
ସଜେଇଛି ଅଭିସାରିକା ବେଶେ
ମାତାଲ୍ କରିବା ପାଇଁ
ମତୁଆଲା ଦେହ ଭାର
ଆଖିରେ ଭରି ଇନ୍ଦ୍ରଧନୁ
ଉଦଗ୍ର କାମନା ପାଇଁ
ସୁରା ଗ୍ଲାସରେ ଢ଼ାଳି ଦେବି
ବହୁ ବର୍ଣ୍ଣା ଗୋଲାପୀ ହସ
ବଢେଇ ଦେବି ପିଆଲା
ପାନ ପାତ୍ର ଶେଷ ହେବା ପର୍ଯ୍ୟନ୍ତ
ଝରୁଥିବି ବୁନ୍ଦା ବୁନ୍ଦା
ଶିରାରୁ ସ୍ନାୟୁକୁ
ଖର ନିଃଶ୍ୱାସରେ ବାଢ଼ି
ଆହ୍ଲାଦର ଅଭିପସା।
ଅତିଥି ହେବ ବୋଲି ତ
ଅତନ୍ଦ୍ର ଅର୍ଦ୍ଧ ରାତ୍ର
ଆଉଜି ପଡ଼ିବି ବୋଲି
ରାତି ବି ବାଢ଼ିଚି ଚିତ୍ର।
ଏ ଗୁମ୍ ସୁମ୍ ଅନ୍ଧାର
ଅତିଥି ତ ତୁମେ ଏକା
ସେଇ ଶେଷ ଶୋଷ ପାଇଁ
ପୁନର୍ଜନ୍ମ ନେବି ବାର ବାର।
ଘୁମେଇ ପଡିନି
ତାରକିତ ସ୍ୱପ୍ନ
ବଢୁଛି ରାତିର ଅନ୍ଧାର।

*ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧*

## ଅବ୍ୟକ୍ତ ଭାବନା

**ଲଳିତ ମୋହନ ମିଶ୍ର**





ସକାଳର ଆଞ୍ଜୁଳାଏ କିରଣ... ଲାଲ କଇଁର ପାଖୁଡା ଭଳି ବିଛେଇ ହୋଇ ପଡିଛି, ଘର ଅଗଣାରେ ଓ ଗୋଟିଏ ଚେୟାରରେ ବସି ମୋବାଇଲ୍ ରୁ ନ୍ୟୁଜ ପଢୁଛନ୍ତି ଆଶୁତୋଷ ଓ ଘର ପାଖ ପିଜୁଳି ଗଛରେ ଦଳେ ମାଙ୍କଡ ଅସ୍ତବ୍ୟସ୍ତ କରି ପକାଉଛନ୍ତି ଓ ସକାଳର ନରମ କିରଣରେ ଫୁଲ ଗୁଡିକ ଖୁଲି ଖୁଲି ହୋଇ ହସୁଛନ୍ତି ଓ ଘରର ଅଳନ୍ଧୁ ଭଳି ଆଶୁତୋଷ ବାବୁଙ୍କ ମନରେ ଅନେକ ଦୁଶ୍ଚିନ୍ତା, ହୃଦୟକୁ ବିବଶ କରି ଦେଉଛି ଓ ଜୀବନ ଜଞ୍ଜାଳ ଭିତରେ ମନଟା ଯେମିତି ବୁଢିଆଣୀ ଜାଲ ଭଳି ଛନ୍ଦି ହୋଇ ପଡିଛି ଓ ଏକ ବିକଳ ବ୍ୟାଥା ବେଦନାରେ ଭରି ଉଠୁଛୁ ମନ ଓ ଚଷମା କାଚର ଆବରଣ ଭେଦି ଦୁର୍ବଳ ଦୃଷ୍ଟି ଶକ୍ତି। ସତେ ଯେମିତି ଅନ୍ଧାରରେ ଦୌଡୁଥିବା ଲୋକ ଫିକା ଜହ୍ନ ଆଲୁଅରେ ଆଲୋକର ସନ୍ଧାନ କରୁଛି ଓ ସମୟ ସହିତ ସନ୍ଧି କରୁ କରୁ ଗଡି ଯାଇଛି ବୟସ, ଆଉ ସରି ଯାଇଛି ଆୟୁଷ। ବୟସର ଚୋରା ବାଲିରେ ପାଦ ଥାପି ଥାପି ବୟସ ଆଉ ଜୀବନ ଅତିକ୍ରାନ୍ତ। ଆଜି ରବିବାର। ଖବରକାଗଜ ଗୁଡିକ ମୋବାଇଲରୁ ପଢୁଛନ୍ତି। ରବିବାର ସାହିତ୍ୟ ପୃଷ୍ଠାରେ କି ସୁନ୍ଦର କବିତାଟିଏ। ହତଭାଗିନୀଟିଏ ମୁଁ... ହାତ ପାହାନ୍ତାରେ ଥିଲେ ବି.. ମୁଁ ତୁମକୁ ହରେଇଛି........ପ୍ରତିଟି ରବିବାରର ସାହିତ୍ୟ ପୃଷ୍ଠା କୁ ଅପେକ୍ଷା ଥାଏ ଏକ ନୂତନ କବିତାକୁ। କେତେ ରାଗ,କେତେ ଅଭିମାନ ଆଉ କେତେ ପ୍ରେମ ଗାରେଇ ଥାଏ ତା ହୃଦୟର କଲମ ମୁନ ରୁ ......। ମୁଁ ନିରବ ପାଠକଟିଏ ସାଜି ପଢି ଚାଲେ .....।।। ସେଦିନ କହିଥିଲା - ମୁଁ ଆପଣଙ୍କୁ ଭଲପାଏ ,ଖୁବ୍ ଭଲପାଏ। କେତେ ଭଲପାଏ କହି ପାରିବିନି। ଆପଣଙ୍କ ମୋ ଭିତରେ ବୟସର ଫରକ ପାଞ୍ଚ ଛଅ ବର୍ଷ। କିନ୍ତୁ ମୋର ଭଲ ପାଇବାକୁ , ଭଲ ପାଇବା ନୁହଁ ପିଲାଳିଆମୀ ବୋଲି ଭାବୁଛନ୍ତି ନା? ମୁଁ ଅନୁଭବ କରିଥିଲି ଆପଣଙ୍କ ହୃଦୟ ରେ ମଧ୍ୟ ମୋର ଭଲ ପାଇବା ଅଛି। କାରଣ ସେଇଦିନ, ପିକ୍ ନିକ୍ ରୁ ଫେରିଲା ବେଳେ ମୁଁ ଆଉଜେଇ ଶୋଇ ଯାଇଥିଲି ଆପଣଙ୍କ ଛାତି ଉପରେ। ଶୀତ ରାତିରେ ଶିଶୁଟି ଯେମିତି ତା ମାଆ କୋଳରେ ଆରାମ ରେ ନିର୍ଭୟରେ ଶୋଇଯାଏ। ମୁଁ ସେମିତି ସେଦିନ ଅନୁଭବ କରିଥିଲି ଆପଣଙ୍କ ଭଲ ପାଇବାଟିକୁ। ଯେତେବେଳେ ମୋ ହାତ ଧରି ସାନଘାଗରା ପାହାଡ଼ ଉପରକୁ ନେଇ ଯାଉଥିଲ.. ସତେ ଲାଗୁଥିଲା ପଥହୁଡା ବାଟୋଇକୁ କିଏ ଯେମିତି ପାନ୍ଥଶାଳା ଅଭିମୁଖେ ବାଟ କଢେଇ ନେଉଛି .....

ମୁଁ ଆପଣଙ୍କ ସହ ରହିବାକୁ ଚାହେଁ। ଜୀବନ ବିତାଇବାକୁ ଇଛାକରେ? ମୁଁ ପ୍ରତିଟି ସୁଖ ଭିତରେ ଆପଣଙ୍କର ସ୍ନେହ ଶ୍ରଦ୍ଧା ଭଲ ପାଇବାକୁ ଇଛାକରେ। କଥାକୁହା ଶାରୀ ଯେତେବେଳେ ତୁନି ହୋଇଯାଏ ପିଞ୍ଜରା ବି କାନ୍ଦି ପକାଏ। ବକ୍ ବକ୍ ହେଉଥିବା ଝିଅଟିର କରୁଣ ଆଖିକୁ ଚୁପଚାପ୍ ଚାହିଁ ରହିବା ବ୍ୟତୀତ ମୋର ଆଉ କିଛି ଚାରା ନ ଥାଏ। ଥରେ ଥରେ ଏ କଥା ଭାବିଲେ ମୋର ଅଜାଣତରେ ଝରିଯାଏ କେଇ ବୁନ୍ଦା ଲୋତକ। ବେଳେ ବେଳେ ନୀରବରେ ନିନ୍ଦୁଥାଏ ନିଜକୁ। ନତମସ୍ତକ ହୋଇ ଯାଉଥାଏ ତା ପ୍ରେମ ଆଗରେ ନିଜକୁ। କାରଣ ମୁଁ ପାରିବିନି, କେବେ ତାକୁ ପ୍ରେମ କରି। ତାକୁ ଭଲ ପାଇବା ପାଇଁ ସେ ସାହସ ନାହିଁ ମୋର। ଯଦି ଭଲ ପାଇଲି କଳଙ୍କ ଲାଗିଯିବ ସେ ପ୍ରେମରେ। ସର୍ବଦା ସମାଜ ଇଙ୍ଗିତ କରିବ, ତାର ମୋର ପ୍ରେମକୁ। ସବୁବେଳେ ସହି ହୋଇ ନ ପାରେ? କାରଣ ପ୍ରେମ ଏକ ପବିତ୍ର ସମ୍ପର୍କ। ଆମର ପ୍ରେମ ସମ୍ପର୍କକୁ ଦୁନିଆଁ ଛିଃ ଛାଃ କରିବ। ସିଏ କିନ୍ତୁ ଏସବୁ ବୁଝି ପାରେନି!

ପ୍ରେମ ଏମିତି ଏକ ଭାବନା ଯାହା, ନାହିଁ ଭିତରେ ହଁ କୁ ଖୋଜି ବସେ। ତାକୁ ନ ଦେଖିଲେ ଅଜାଣତରେ ଯେମିତି ବୁଝିବାକୁ ଇଚ୍ଛା ହୁଏ! କେମିତି ଅଛି, କଣ କରୁଛି, କଣ ଖାଇଲା, ଆଜି କାହିଁ ଆସିଲାନି ଇତ୍ୟାଦି ଇତ୍ୟାଦି। ଏସବୁ ଖବର ନେବାକୁ ଇଚ୍ଛା ଥିଲେ ବି ଦୁନିଆଁ ଆଗରେ ମୁଁ ଅନିଚ୍ଛୁକ। ହୃଦୟର କେଉଁ କୋଣରେ ତା ପାଇଁ ଜାଗା ଟିଏ ଥିଲେ ମଧ୍ୟ... ଦୁନିଆଁ ଆଗରେ ସେ ମୋର କେହି ନୁହେଁ ବୋଲି ପରିଚୟ ଦେଉଥିଲି। କାରଣ ସମସ୍ତଙ୍କ ପରି ମୋର ବି ହୃଦୟ ଅଛି। ମୋର ଛାତି ବି ଧକ୍ ଧକ୍ ହେଉ ଥିଲା। ଯେତେବେଳେ ସେ ମୋ ଛାତିରେ ମୁଣ୍ଡ ରଖି ଘୁମେଇ ପଡିଥିଲା। ଆଉ ମୁଁ ସେହି ସ୍ନେହ ଆଦରରେ ଘୋଡାଇ ଦେଇଥିଲି ସେଦିନ ଫେରିବା ରାସ୍ତାରେ। ହେଲେ ଏସବୁ ହୃଦୟରେ ଚାପି ଦେବାକୁ ପଡ଼େ। କାଳେ ଇଜ୍ଜତ ଚାଲିଯିବ, ବୃତ୍ତି ଉପରେ ଆଞ୍ଚ ଆସିବ। ଗୋଟେ ପବିତ୍ର ସମ୍ପର୍କରେ ଅପିତ୍ରର ନାଆଁ ନେବ। ଆଜି ସେସବୁ ଇତିହାସ ହୋଇ ଯାଇଛି ସିନା। କିନ୍ତୁ ସେ ଅଭୁଲା ସ୍ମୃତି ଆଜି ବି ତାଜା ହୋଇ ଯାଏ, ଯେତେବେଳେ ତାର କବିତା ଗୁଡ଼ିକ ପେପରରୁ ପଢେ। ଅନେକ ବର୍ଷରୁ ଧୂଳି ଲାଗି ଯାଇଥିବା ସେ ପ୍ରେମ.. ସଫା ସଫା ଲାଗେ। ସେ ମୋତେ ଚିଠି ଲେଖେନି କି ଆଉ ପାଗିଳି ପରି ପ୍ରେମ ଭିକ୍ଷା କରେନି? ଅବା ଅଜାଣତରେ ଦୂରରୁ ଚାହିଁ ରହେ ନାହିଁ। ବୟସ ବଢ଼ିବା ସହିତ ପ୍ରେମର ସଂଜ୍ଞା ବୋଧହୁଏ ବୁଝି ଯାଇଥିବ। କାରଣ ପରିପକ୍ୱ ମହିଳା ସିଏ ଏବେ। ଆଉ ମୁଁ ଡରି ଯାଇଥିବା କାପୁରୁଷ, ପ୍ରେମିକଟିଏ। ଆଖି ଆଗରେ ନିଜ ପ୍ରେମର ତଣ୍ଟିକୁ ଚିପି ଦେଇଥିବା ଜହ୍ଲାଦଟିଏ। ସତରେ, ତୁମେ ଏକା ଭଲ ପାଉଥିଲ? ନା ମୁଁ ବି ତୁମକୁ ଖୁବ୍ ଭଲପାଏ। ଏତିକି, ତୁମେ ତୁମର ଅଭିବ୍ୟକ୍ତି ଜଣାଇ ପାରିଥିଲ। ମୁଁ କହି ପାରି ନଥିବା ନିର୍ଲଜ ଟିଏ। କଳାପଟା ରେ ଜ୍ଞାନ ବାଣ୍ଟୁ ବାଣ୍ଟୁ ଖୁସି ହୋଇଯାଏ ସିନା। ଜୀବନ କଳାପଟା ପ୍ରେମ ଜ୍ଞାନର ସୂତ୍ର ବାହାର କରି ପାରିଲି ନାହିଁ। ଅଧା ରହିଗଲା ତୁମର ମୋର ପ୍ରେମର ଜ୍ଞାନ.......। ଜୀବନ ଆଉ ଜିଇଁବାର ସୁରୁଜ କେବେଠାରୁ ଅସ୍ତ। ତଥାପି ବ୍ୟତିବ୍ୟସ୍ତ କରେ ଚହଲା ପାଣି, ଉଡିଯାଉଥିବା ଚଢେଇ, ଗୋଠରୁ ଫେରୁଥିବା ପଲ ପଲ ଗାଈ। ଶିତୁଆ ସନ୍ଧ୍ୟାର ନିଆଁ ଆଗରେ ନଇଁ ପଡ଼ିଥିବା ଯୌବନଟିଏ ମୁ। ଅତଏବ ଅସମାପ୍ତ ମୁଁ ,ତଥାପି ଜିଇଁବାକୁ ଯୁଝିବାକୁ ମନେ ପକାଇବାକୁ ବାଟ ଦେଖାଏ ତୁମର ଏ କବିତା......

*ନୟାଗଡ଼*
*ଦୂରଭାଷ : ୯୪୩୭୯୮୫୮୬୬*

### ସକାଳକୁ ମୋର ଡର

**ଡୁଇଟ୍ ଡେଭିଡ ଫିଲିପ**



କ୍ଷୁଧା ଓ ଶୋଷ ଅନିବାର୍ଯ୍ୟ,
ତାପୂର୍ବରୁ ମୋର ଶୌଚର ନାହିଁ ଉପଚାର,
ଯିବାକୁ ପଡ଼ିବ ଅନେକ ଦୂର,
ଧୂଳି, ମଳି, ନାଳ, ତରିବାକୁ ଡର।
ଖରା, ବର୍ଷା, ଶୀତ, କାକର,
ନିଦ ହୋଇଗଲେ ହୁଏ ପାର,
ମଶା, ମାଛି, କୁକୁର, ନାଳ,
ତାଙ୍କୁ ସମ୍ଭାଳିବା ଅଟେ ମୋ ପାଇ କଷ୍ଟ।
ଶବ୍ଦ, ଗାଳି, ଛିଣ୍ଡା, ଜରି,
ବସା କରିବେ ମୋଠି ଆସି।
ଛେପ, କଫ, ନିଃଶ୍ୱାସ, ଛିଙ୍କ,
ଛି, ଛି, ଭିକ୍ଷା ବୃତ୍ତି ଭୟଂକର।
ଆଖି, କାନ, ପାଟି, ଜିଭ, ଚର୍ମ,
ଥିଲା ଲୋକ ପାଇ ଭୋଗ ବିଳାସ,
ମୋପାଇ କାଳ,
ସକାଳକୁ ମୋର ଡର।
ଗର୍ଭ ପାତ ଚେଷ୍ଟା ହେଲା ବ୍ୟର୍ଥ,
ସକାଳ ବିଳମ୍ବ, ମୋପାଇଁ ମୂଳରୁ ଭଲ,
ଭିକ୍ଷା, ବିକଳାଙ୍ଗ ତାସାଙ୍ଗକୁ ଝିଅ।
ସବୁ ତରିଛି ଆଜି ଯାଏଁ,
ଆଖିରେ ଶିକାର, ପାରେନି ପାରି,
ରାତିରେ ନିଜର, ସକାଲୁ ମୁଁ ଅତି ପର,
ସକାଳକୁ ମୋର ଡର।

*ଲେହିରୀ ଥାନା, କାଟାପାର,*
*ବିହାରଶରିଫ, ନାଳନ୍ଦା, ବିହାର*
*୮୦୩୧୦୧*
*ଦୂରଭାଷ : ୯୪୩୭୧୦୪୩୦୩*

## କବିତାର କଥା

(ଭାଗ-୬୮)



**ଉମାକାନ୍ତ ରାଉତ**



## ସାଧନା,ସିଦ୍ଧି ଓ ସତର୍କତାର କଥା

ବର୍ତ୍ତମାନ ପ୍ରେମ କବିତା ଲେଖୁଥିବାର ବାହାସ୍ଫୋଟ ମାରୁଥିବା ଜଣେ କବି କହନ୍ତି -

'ତୁମେ କି ଚାଖିଛ ଭଲ ପାଇବାର ମହୁ ,
ପ୍ରେମିକା ହେବାରେ କେତେ ମଜା ଥାଏ
ମଜା ମିଳିବକି ହୋଇଗଲେ କାହା ବୋହୂ?"

ଏଇଠି ହୃଦୟ ଓ ଆବେଗର ମିଶାଣ ଫେଡାଣ କରୁଥିବା ପ୍ରେମିକ କବିଙ୍କର ପଂକ୍ତିକୁ ଦେଖାଯାଉ ।

"ଭାରି ଭଲ ଲାଗେ ପ୍ରିୟତମା ତୁମେ ସନ୍ଦେହ ଯେବେ କର
ଭାବ କାଳେ ମନେ ଆନ ପ୍ରେମେ ପଡ଼ି କରିବି ତୁମକୁ ପର
ଦୁଇଟି ମନକୁ ସନ୍ଦେହ ପରା ନିରବରେ ଯୋଡ଼ି ରଖେ
ଛାତି ତଳେ ଥିବା ଅକୁହା କଥାକୁ ଅତି ଗୋପନରେ ମାପେ
ମନ ସହ ମନ ଯୋଡ଼ିଯାଏ ବେଶି ଥିଲେ ହରାଇବା ଡର।"

ପ୍ରେମ କରିବା ଯେମିତି କିଛି ଖରାପ କଥା ନୁହେଁ; ପ୍ରେମ କବିତା ଲେଖିବା ମଧ୍ୟ ଅନୁରୂପଭାବେ ଖରାପ କଥା ନୁହେଁ ।ହେଲେ ପ୍ରଥମେ ବୁଝିବା ଦରକାର ପ୍ରେମ କ'ଣ? (ଅବଶ୍ୟ ପ୍ରେମକୁ ବୁଝୁ ବୁଝୁ ଅଜାଣତରେ ପ୍ରେମ ହିଁ ହୋଇସାରିଥାଏ) କେଉଁ ପ୍ରେକ୍ଷାପଟରେ ପ୍ରେମର ପରିଭାଷା କ'ଣ, ତାକୁ ସାଧନ କରିବା ଦରକାର ଏବଂ ସେଥିରୁ ପ୍ରାପ୍ତ ସିଦ୍ଧିକୁ ଆୟତ୍ତ କରବା ଦରକାର ପ୍ରଥମରୁ ସତର୍କ କରିଦେଇଛି ଯେ ପ୍ରେମକୁ ବୁଝିବା, ପୋଷିବା, ଭୋଗିବା ଓ ପ୍ରେମକବିତା ରଚନା କରିବା ଆଦୌ ସହଜ କଥା ନୁହେଁ।

ତନ୍ତ୍ର ବିଦ୍ୟା ଶ୍ରୀରାମକୃଷ୍ଣଙ୍କୁ ମାନବରୁ ମାଧବରେ ରୂପାନ୍ତରିତ କରିଥିଲା। ସେଇ ଏକା ତନ୍ତ୍ରବିଦ୍ୟା, ବିଛା ମନ୍ତ୍ର ନ ଜାଣି ସାପ ଗାତରେ ହାତ ପୁରେଇବାର ଦୁଃସାହସ କରୁଥିବା ଆମ ଅଞ୍ଚଳର ତାନ୍ତ୍ରିକ ଗୁଲାବ୍ ସିଂ କୁ ନିବଂଶ କରି ସର୍ବହରାଟିଏ କରିଦେଇଥିଲା। ଦୋଷ କ'ଣ ତନ୍ତ୍ରବିଦ୍ୟାର?

ସେମିତି ପ୍ରେମ ଓ ପ୍ରେମ କବିତା କାହାକୁ ଉତ୍ତୁଙ୍ଗ ପ୍ରେମିକ କି କବିଶ୍ରେଷ୍ଠ କଲାବେଳେ , ଆଉ କାହାକୁ ଚିରକାଙ୍ଗାଳଟିଏ ମଧ୍ୟ କରିଦେଇପାରେ। ଏଥିରେ ପ୍ରେମକୁ ଦୋଷ ଦେଇ ନିନ୍ଦା କରିବାର କାରଣ କିଛି ନାହିଁ।

ସୁତରାଂ ଏହା ସାଧନା , ସିଦ୍ଧି ଓ ସତର୍କତାର କଥା।

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

### ଶୁଣି ଯା' ରେ ମିତ



**ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ୍**

ଶୁଣି ଯା' ରେ ମିତ
ପୀରତି ସଙ୍ଗୀତ
ଲେଖିଛି ରକତ ଢ଼ାଳି;
ଉଚ୍ଚାଟ ବାଟାଟେ
ଗାଇବି ଗୀତ ଟେ
ମହ୍ଲାର ରାଗ ଟେ ତୋଳି।
ମୁଁ ଯେ ବିରହିଣୀ
ପାରିବୁ କି ଶୁଣି
ମୋର ସେ ବିରହ ଗାନ?
ସୂର୍ଯ୍ୟ ସୁଧାକର
ମୋ ପାଇଁ କଠୋର
ଅଦିନେ ବରଷେ ଘନ।
ତୁହି ଏକ ସାଥୀ
ତାମସ ରେ ଭାତି
କେବେ ଯଦି ଚାଲିଯିବୁ;
ମରମ ତଳର
ମୋର ରିକ୍ତ ସ୍ୱର
ପାଉଁଶ ସାଜିବ ସବୁ।
ଆସୁଥିବୁ ନିତି
ରାତି ଗଲେ ବିତି
ଦେବୁ ପ୍ରିୟଙ୍କ ବାରତା;
ସେ ରହିଲେ ଦୂରେ
ମନ କିଆଁ ଝୁରେ
ବିଷ ଲାଗେ ସେ ଦୂରତା।
ନିଶା ଗତେ ଯଦି
ବିଧି ସାଜେ ବାଦୀ
ଆଉ ଖୋଜିବୁନି ମୋତେ;
ଭୁଲିବୁ ମୋ ଗାନ
ଶୁଣି ପ୍ରୀତି ସ୍ୱନ
ତୋ ପ୍ରିୟାର ରାଣ ତୋତେ!
ଶ୍ୱସ୍ତନ ବିଭାତେ
କାନ୍ଦିଲେ ମୋ ଗତେ
ଦେବୁନି ଠିକଣା ମୋର;
ମୁଁ ଥିଲି ଅବଳା
ବିରହିଣୀ ବାଳା
ସାଥୀ ମୋର ପରିସର।।

ସହଦେବଖୁଣ୍ଟା, ବାଲେଶ୍ୱର
ଦୂରଭାଷ : ୭୭୮୯୭୭୨୭୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ପରିକ୍ରମା









# ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ



**ଜଗତ୍‌ସିଂହପୁର :** ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ଜଗତସିଂହପୁର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଂସଦ ଡା.ରାଜଶ୍ରୀ ମଲ୍ଲିକ ଅଧ୍ୟକ୍ଷତା କରି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସମୀକ୍ଷା କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସବୁ ଯାହା ଅଧୁରା ରହିଛି ସେଥି ନିମନ୍ତେ ସମସ୍ତେ ମିଳିମିଶି ଜନସେବାରେ ଲଗାଇବାକୁ ଉଦ୍ୟମ କରିବେ ବୋଲି ପରାମର୍ଶ ଦେଇଥିଲେ। ଏପରିକି ତାଙ୍କ ସଂସଦୀୟ କ୍ଷେତ୍ରରେ ସମସ୍ତ ଯୋଜନାର ଅଗ୍ରଗତିକୁ ତ୍ୱରାନିତ କରିବା ପାଇଁ ସରକାର ଅଧିକାରିମାନଙ୍କୁ ଗୁରୁତ୍ୱ ଦେବାକୁ କହିଥିଲେ। ଏହି ବୈଠକରେ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଥିଲେ ଯେ, ବିଭିନ୍ନ ଅଂଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡକ ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତା ଗୁଡିକ ଅତ୍ୟନ୍ତ ନିମ୍ନମାନର କରାଯାଉଛି ସେଥିପାଇଁ ରାସ୍ତାଗୁଡିକ ଫାଟି ଯାଉଛି। ତେଣୁ ତାର ପୁର୍ନନିର୍ମାଣ ଓ ମରାମତି ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀକୁ ପରାମର୍ଶ ଦେଇଥିଲେ। ସେପରି ଏରସମା ବ୍ଲକ ବାମଦେଇପୁର ଠାରେ ପାନୀୟଜଳ ପ୍ରକଳ୍ପ ଗୁଡିକର ପାଇପ ଫାଟି ପାନୀୟ ଜଳ ନଷ୍ଟ ହେଉଛି, ତେଣୁ ଏହାର ତୁରନ୍ତ ମରାମତି କରିବା ଆବଶ୍ୟକ। ପ୍ରତ୍ୟେକ ବ୍ଲକ ମାନଙ୍କରେ କେତେ ଗୋଟି ଫାର୍ମ ପଣ୍ଡ ହୋଇଛି ଏବଂ କେଉଁ କେଉଁ ସ୍ଥାନରେ କେତେ ବୃକ୍ଷରୋପଣ କରାଯାଇଛି ତାହାର ଏକ ତାଲିକା ବ୍ଲକ ଅଧ୍ୟକ୍ଷମାନଙ୍କୁ ସାଙ୍ଗରେ ନେଇ ସେ ସବୁର ତଦନ୍ତ କରି ରିପୋର୍ଟ ଦେବାକୁ ମୃତିକା ସଂରକ୍ଷଣ ବିଭାଗ ସହକାରୀ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି ବୈଠକରେ ଯୋଗଦେଇ କହିଥିଲେ ଯେ ଉଦ୍ୟାନ ବିଭାଗ ଓ ମୃତିକା ସଂରକ୍ଷଣ ବିଭାଗ ଦ୍ୱାରା ଜିଲ୍ଲାରେ କେତେ ଫାର୍ମ ଫଣ୍ଡ ଓ ପ୍ଲାଂଟେସନ ସମ୍ପର୍କରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ଏକ ତାଲିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଭୀମ ଭୋଇ ସାମର୍ଥ୍ୟ ଶିବିର ମାନଙ୍କରେ ଅର୍ଥପେଡୀ ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ନଥିବାରୁ ସେମାନଙ୍କୁ କଟକରୁ ଆଣି ସାମିଲ କରାଇଲେ ଭୀନ୍ନକ୍ଷମ ପ୍ରମାଣପତ୍ର ସୁବିଧାରେ ମିଳିପାରିବ। ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗଦେଇ କହିଥିଲେ ଯେ ସରକାରଙ୍କ ବିଭିନ୍ନ ଯୋଜନା କିପରି ଠିକ୍ ସମୟରେ ସମ୍ପୂର୍ଣ୍ଣ କରାଯିବ ସେଥି ନିମନ୍ତେ ସମସ୍ତେ ଗୁରୁତ୍ୱ ଦେବାପାଇଁ ଅନୁରୋଧ କରିଥିଲେ। ଏହି ବୈଠକରେ ଦିଶା କମିଟିର ସମ୍ପାଦକ ତଥା ଜିଲ୍ଲାପାଳ ପାରୁଲ ପଟୱାରୀ ଯୋଗଦେଇ ଜଗତସିଂହପୁର ସଂସଦୀୟ କ୍ଷେତ୍ରରେ ସରକାରଙ୍କ ଜନକଲ୍ୟାଣ ଯୋଜନା ସବୁ କିପରି କାର୍ଯ୍ୟ କରାଯାଉଛି ତାହାକୁ ଦିଶା କମିଟି ସଦସ୍ୟମାନେ ସମିକ୍ଷା କରନ୍ତି। ଆମ ଜିଲ୍ଲାରେ ପ୍ରଥମଥର ପାଇଁ ଦିଶା କମିଟି ବୈଠକ ଅନୁଷ୍ଠିତ ହେଉଥିବାରୁ ସେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଜିଲ୍ଲାର ବରିଷ୍ଠ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଓ ଉପଜିଲ୍ଲାପାଳ ମାନେ ବ୍ଲକ ସ୍ତରରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା ମାସକୁ ୨ଥର କରିବା ସମ୍ପର୍କରେ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହି ବୈଠକରେ ୮ଗୋଟି ବ୍ଲକର ଅଧ୍ୟକ୍ଷ,ଅଧ୍ୟକ୍ଷା ପୌରପରିଷଦ ଅଧ୍ୟକ୍ଷା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରବିଭାଗୀୟ ଅଧିକାରୀ ଓ ବ୍ଲକ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ ବୈଠକ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# +୨ ପରିଷଦର ୫ କମିଟି ଗଠିତ




**ଭୁବନେଶ୍ୱର :** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ)ର ସୁପରିଚାଳନା ଲାଗି ବିଭିନ୍ନ କମିଟି ଗଠନ କରାଯାଇଛି। ଏକାଡେମିକ କମିଟିରେ କଳାହାଣ୍ଡିସ୍ଥିତ ଜଗନ୍ନାଥ କୌଶଲ୍ୟା କଲେଜ ଅଧକ୍ଷ, ସନ୍ତୋଷୀ ମା' ଆଞ୍ଚଳିକ କଲେଜ ଅଧକ୍ଷ, କାକଟପୁରସ୍ଥିତ ମଙ୍ଗଳା ମହାବିଦ୍ୟାଳୟର ବିନୋଦ ବିହାରୀ ବେହୁରା, ବରଗଡ଼ସ୍ଥିତ ମହିଳା କଲେଜର ପ୍ରଦୀପ କୁମାର ହୋତା, ବାଲେଶ୍ୱରର ପଙ୍କଜ କୁମାର ଜେନା ସଦସ୍ୟ ରହିଛନ୍ତି। କାର୍ଯ୍ୟକାରୀ କମିଟିରେ ପୁରୀ ଜିଲ୍ଲା ବାଣୀଶ୍ରୀ କଲେଜର ଅଧକ୍ଷ, ଖୋର୍ଦ୍ଧା ଜିଲ୍ଲା ରଘୁନାଥ କଲେଜ ଅଧକ୍ଷ, ପୁରୀ ଜିଲ୍ଲା ନିମାପଡ଼ା କଲେଜ ଅଧକ୍ଷ, ଖୋର୍ଧା ଜିଲ୍ଲା ପିଏନ୍ କଲେଜର ବ୍ରଜ କିଶୋର ସାହୁ, କଟକ ଜିଲ୍ଲା ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟର ଅଟଳ ବିହାରୀ ବଳ, ସ୍ୱୀକୃତିପ୍ରାପ୍ତ କମିଟିରେ ଢେଙ୍କାନାଳ ଜିଲ୍ଲା ସଣ୍ଡ ଆଞ୍ଚଳିକ କଲେଜ ଅଧକ୍ଷ, ସମ୍ବଲପୁର ଜିଲ୍ଲା ମା' ଝାଡ଼େଶ୍ୱର କଲେଜ ଅଧକ୍ଷ, କେନ୍ଦୁଝର ଜିଲ୍ଲା ସନ୍ତୋଷୀ ମା' ଆଞ୍ଚଳିକ କଲେଜ ଅଧକ୍ଷ, ପୁରୀ ଜିଲ୍ଲା ଅଧ୍ୟାପକ ଅଦିତ୍ୟ ପ୍ରସାଦ ରଥ, କକଟପୁର ମଙ୍ଗଳା ମହାବିଦ୍ୟାଳୟର ବିନୋଦ ବିହାରୀ ବେହୁରା, ବାଲେଶ୍ୱର ଜିଲ୍ଲା ଶ୍ରୀନିବାସ କଲେଜର ପଙ୍କଜ କୁମାର ଜେନା, କନ୍ଧମାଳ ଜିଲ୍ଲା ଆଦିବାସୀ ମହାବିଦ୍ୟାଳୟର ବିଭୂତି ଆଚାର୍ଯ୍ୟ, ଭୁବନେଶ୍ୱର କମଳାନେହରୁ ମହିଳା କଲେଜର ତାରା ପ୍ରସାଦ ମହାପାତ୍ର, ଜଗସିଂହପୁର ଜିଲ୍ଲାର ଉତ୍କଳ ଭାରତୀ କଲେଜର ସୁଧୀର କୁମାର ମହାନ୍ତି ସଦସ୍ୟ ରହିଛନ୍ତି ।ପରୀକ୍ଷା କମିଟିରେ ପୁରୀ ଜିଲ୍ଲା ବାଣୀଶ୍ରୀ କଲେଜ ଅଧକ୍ଷ, ଖୋର୍ଧା ଜିଲ୍ଲା ରଘୁନାଥ କଲେଜ, ପିପିଲି କଲେଜ ଅଧ୍ୟାପକ ଆଦିତ୍ୟ ପ୍ରସାଦ ରଥ, ଖୋର୍ଧା ଜିଲ୍ଲା ପିଏନ୍ କଲେଜର ବ୍ରଜ କିଶୋର ସାହୁ, କଟକ ଜିଲ୍ଲା ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟର ଅଟଳ ବିହାରୀ ବଳ, ନିମାପଡ଼ା ସ୍ୱୟଂଶାସିତ କଲେଜର ରିଡର କୃଷ୍ଣଚନ୍ଦ୍ର ସାବତ, ଭୁବନେଶ୍ୱର କମଳାନେହରୁ ମହିଳା କଲେଜର ତାରା ପ୍ରସାଦ ମହାପାତ୍ର, ଅର୍ଥ କମିଟିରେ ଢେଙ୍କାନାଳ ଜିଲ୍ଲା ସଣ୍ଡ ଆଞ୍ଚଳିକ କଲେଜ ଅଧକ୍ଷ, ସମ୍ବଲପୁର ଜିଲ୍ଲା ମା' ଝାଡ଼େଶ୍ୱର କଲେଜ ଅଧକ୍ଷ, କଟକ ଜିଲ୍ଲା କିଶୋରନଗର କଲେଜ ଅଧ୍ୟାପକ ଏ ସି ବରାଳ, କେନ୍ଦୁଝର ଜିଲ୍ଲା ଦଧିବାମନ କଲେଜର ଅଧ୍ୟାପକ ମହେଶ କୁମାର ଚାଟାର୍ଜୀ ସଦସ୍ୟ ରହିଛନ୍ତି। ବିଧାୟକମାନଙ୍କ ଲାଗି ସଂରକ୍ଷିତ ଥିବା ସିଟ୍ ଖାଲି ରଖାଯାଇଛି। ବିଧାନସଭାରୁ ବିଧାୟକମାନେ ମନୋନୀତ ହୋଇ ଆସିଲେ ସେମାନେ ପରବର୍ତୀ ସମୟରେ କମିଟିର ସଭ୍ୟ ଭାବେ କାର୍ଯ୍ୟ କରିବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚର୍ଚ୍ଚାରେ ...

ପ୍ରତାପ ଜେନାଙ୍କ ଭଳି ନେତାଙ୍କୁ ବାଦ ଦିଆଯାଇଛି। ସେହିଭଳି ମୟୂରଭଞ୍ଜ ଜିଲ୍ଲାରୁ ସୁଦାମ ମାରାଣ୍ଡିଙ୍କୁ ବାଦ ଦିଆଯାଇଛି। ପୁରୀ ଜିଲ୍ଲାରୁ ସମୀର ଦାଶ, ତୁଷାରକାନ୍ତି ବେହେରାଙ୍କୁ ମଧ୍ୟ ବାଦ ଆଯାଇଛି। ଉଭୟ ମୁଖିଆଙ୍କ ଗୁଡ୍‌ବୁକ୍‌ରେ ନାହାନ୍ତି। ତେଣୁ ତାଙ୍କ ସ୍ଥାନରେ ରୁଦ୍ରଙ୍କ ନାଁ ରହିଛି। ବରିଷ୍ଠ ନେତାଙ୍କୁ ହଟାଇ ଯୁବ ନେତାଙ୍କୁ ଗୁରୁତ୍ୱ ଦିଆଯାଇଛି। ବ୍ୟୋମକେଶ, ଦେବୀରଞ୍ଜନ, ରୋହିତ ପୂଜାରୀଙ୍କ ନାଁ ରହିଛି। ତେବେ ଏହି ତାଲିକା ଗୁଜବ। ଯଦିଓ ସମ୍ଭାବ୍ୟ ତାଲିକା ସହ ଏହା ପ୍ରାୟ ସମାନ ରହିଛି, ତେବେ ଚୂଡାନ୍ତ ତାଲିକା ନୁହେଁ। ସୂଚନା ଅନୁସାରେ ବ୍ରଜରାଜନଗର ଉପନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ତାଙ୍କ ନୂଆ ଟିମ୍ ଘୋଷଣା କରିପାରନ୍ତି। ତେବେ ୨୦୨୪ ନିର୍ବାଚନ ପୂର୍ବରୁ ନବୀନ କିଛି ମାଷ୍ଟରଷ୍ଟ୍ରୋକ ଦେଇ ପାରନ୍ତି। କାରଣ ଦୀର୍ଘଦିନ ଧରି ଯେଉଁ ଦାଗୀ ଓ ଅପାରଗ ମନ୍ତ୍ରୀମାନଙ୍କ ପାଇଁ ସରକାର ନିନ୍ଦିତ ହେଉଛନ୍ତି ସେମାନେ ନିଶ୍ଚୟ ବାଦ ପଡିବେ ବୋଲି ଶୁଣାଯାଉଛି। ତେବେ ସେ ଯାହା ହେଉନା କାହିଁକି ନୂଆ ମନ୍ତ୍ରିମଣ୍ଡଳକୁ ନେଇ ଏଭଳି ଏକ ତାଲିକା ଘୁରି ବୁଲିବା ନିଶ୍ଚୟ ବିସ୍ମୟ ସୃଷ୍ଟି କରିଛି।

### ୪ ମାସ ପରେ ...

ବିଭାଗ ଅନୁମତି ଦେଇଛି। ଏହାବ୍ୟତୀତ ଏସିବି ଓ ଭୁବନାନନ୍ଦ ଇଞ୍ଜିନିୟରିଂ ସ୍କୁଲର ଖେଳପଡ଼ିଆ ବିକାଶିତ ପାଇଁ ୧୨.୫୬କୋଟି ଟଙ୍କା, ମହାନଦୀ ପାଖରେ କାର ପାର୍କିଂ ପାଇଁ ୧୯.୩୬କୋଟି ଟଙ୍କା, ୬୦୦ଲୋକଙ୍କ ରହିବା ସୁବିଧା ନିମନ୍ତେ ଧର୍ମଶାଳାର ଆଧୁନିକୀକରଣ ପାଇଁ ୧୦.୬୨କୋଟି ଟଙ୍କା, ୫୦୦ ଲୋକ(ରୋଗୀଙ୍କ ସହାୟକ)ଙ୍କ ରହିବା ନିମନ୍ତେ ନୂଆ ଧର୍ମଶାଳା ନିର୍ମାଣରେ ୩୬.୪୧କୋଟି ଟଙ୍କା, ଭୁବନାନନ୍ଦ ଇଞ୍ଜିନିୟରିଂ କଲେଜର ଗେଷ୍ଟ ହାଉସ ନିର୍ମାଣ ପାଇଁ ୨.୫୦କୋଟି ଟଙ୍କା, ବିହନ ନିଗମର କୋଠା ପାଇଁ ୯.୩୧କୋଟି, ଉଠାଜଳସେଚନର କ୍ୱାଟର୍ସ ପାଇଁ ୨.୬୩କୋଟି, ଚମଡ଼ା ନିଗମର କୋଠା ପାଇଁ ୭.୭୨କୋଟି, ଟେକ୍ସଟାଇଲ୍ ଅଫିସ ପାଇଁ ୨.୭୯କୋଟି, ଭୁବନାନନ୍ଦ ଇଞ୍ଜିନିୟରିଂ କଲେଜର ଗେଷ୍ଟହାଉସକୁ ରେଡକ୍ରସ ରକ୍ତ ଭଣ୍ଡାରରେ ବିକଶିତ ପାଇଁ ୧.୫୨କୋଟି, ୩ଟି ଫୁଟ୍ ଓଭର ବ୍ରିଜ୍ ପାଇଁ ୩.୧୪କୋଟି ଟଙ୍କା, ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୨.୮୪କୋଟି, ଆହାର କେନ୍ଦ୍ର ପାଇଁ ୪୦.୯୯ଲକ୍ଷ ଟଙ୍କା ଖର୍ଚ୍ଚ ସହ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ମୋଟ ୧୩୦.୧୮ କୋଟି ଟଙ୍କାର ପ୍ରଶାସନିକ ମଞ୍ଜୁରୀ ମିଳିଛି। ଏହି ସମସ୍ତ କାର୍ଯ୍ୟ ସର୍ବାଧିକ ୩୦ମାସ ମଧ୍ୟରେ ଶେଷ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ଆଧୁନିକୀକରଣ କାର୍ଯ୍ୟ ୨୦୨୪ ଜାନୁୟାରୀ ୧ ପୂର୍ବରୁ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଏଥିପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧ହଜାର କୋଟି ଟଙ୍କା ଓ ପରେ ୨୦୨୧-୨୨ ବଜେଟରେ ୫୦୦କୋଟି ଟଙ୍କାର ଆବଣ୍ଟନ ସହ ମୋଟ ୩୫୦୦କୋଟି ଟଙ୍କା ଖର୍ଚ୍ଚ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ପୂର୍ତ୍ତ ବିଭାଗ ୨୦୨୨ ଜାନୁୟାରୀ ୧୭ତାରିଖରେ ସ୍ୱାସ୍ଥ୍ୟ ବିଭାଗକୁ ଦେଇଥିବା ପ୍ରସ୍ତାବରେ ଏହି ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ନିମନ୍ତେ ୪୪୭୪.୬୬କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଏକ ପ୍ରସ୍ତାବ ପଠାଇ ଏହାର ପ୍ରଶାସନିକ ଅନୁମୋଦନ ଲୋଡ଼ିଥିଲା।

### 'ସଶକ୍ତ ମହିଳା ...

ବିକାଶ ଲକ୍ଷ୍ୟ(ଏସ୍‌ଡିଜି), ବିଶେଷକରି ଲକ୍ଷ୍ୟ-୩(ଉତ୍ତମ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ)ଏବଂ ଲକ୍ଷ୍ୟ-୫(ଲିଙ୍ଗଗତ ସମାନତା)କୁ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଓଡ଼ିଶାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶ ସହିତ ଡିଜିଟାଲ ଏବଂ ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଏହି ତିନି ବର୍ଷିଆ ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଡିଜିଟାଲ ସାକ୍ଷରତା ମହିଳାମାନଙ୍କୁ ଅଧିକ ସଂଯୋଜିତ, ସୂଚିତ ଏବଂ ବାହ୍ୟଜଗତ ସହିତ ଜଡ଼ିତ ଓ ଯୋଗାଯୋଗ ରକ୍ଷା କରିବାରେ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମ ମହିଳାମାନଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶ ପାଇଁ ନୂତନ ମାର୍ଗ ଖୋଜିବାରେ ସହାୟତା ଦେବା ସହ ଅନ୍‌ଲାଇନରେ ଉପଲବ୍ଧ ବିଭିନ୍ନ ସେବା ଏବଂ କଲ୍ୟାଣକାରୀ ଯୋଜନା ବିଷୟରେ ଅଧିକ ତଥ୍ୟ ଓ ସୂଚନା ପାଇବାରେ ସହାୟକ ହେବ। ଆର୍ଥିକ ସାକ୍ଷରତା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ସଠିକ୍ ଜ୍ଞାନ କୌଶଳର ବ୍ୟବହାର ମାଧ୍ୟମରେ ଟଙ୍କା ପଇସାର କୁଶଳ ପରିଚାଳନା କରିବାରେ ସାହାଯ୍ୟ କରିବ। ସ୍ୱୟଂ ସହାୟିକା ସଦସ୍ୟାମାନଙ୍କର ଆର୍ଥିକ ପରିଚାଳନା ଯଥା ସଂଚୟ ଓ ନିବେଶ ଭଳି କ୍ଷମତା ବୃଦ୍ଧିରେ ସହାୟତା ପ୍ରଦାନ କରିବ। ଏହି ଆଭିମୁଖ୍ୟରେ ୟୁଏନ୍‌ଏଫ୍‌ପିଏ ସହିତ ସ୍ୱାକ୍ଷରିତ ଏହି ଚୁକ୍ତିନାମା ପ୍ରାୟ ୬ ଲକ୍ଷ ମହିଳାଙ୍କୁ ବିଭିନ୍ନ ଡିଜିଟାଲ ଏବଂ ଆର୍ଥିକ କୌଶଳ(ଯେପରିକି ଅନ୍‌ଲାଇନ ଜନସେବା, ବ୍ୟାଙ୍କିଙ୍ଗ୍ ସେବା ଏବଂ ସୋସିଆଲ ମିଡିଆ ଆଦିର ବ୍ୟବହାର)ରେ ଦକ୍ଷ କରିବ। ଡିଜି ଶକ୍ତି ଭାବରେ ପରିଚିତ ଏହି ମହିଳାମାନେ ଲକ୍ଷ ଲକ୍ଷ ମହିଳାଙ୍କୁ ସମାନ ଜ୍ଞାନକୌଶଳ ଉପରେ ତାଲିମ ଦେବେ। ମିଶନ୍ ଶକ୍ତି ପ୍ଲାଟଫର୍ମକୁ ବ୍ୟବହାର କରି ଏହି ପ୍ରକଳ୍ପ ସମାଜର ବିଶେଷ ଭାବେ ବଞ୍ଚିତ ତଥା ସାମାଜିକ ଓ ଅର୍ଥନୈତିକ ଭାବେ ଦୁର୍ବଳ ସ୍ତରର ମହିଳାଙ୍କ ସଶକ୍ତିକରଣ ଦିଗରେ ବିଶେଷ ସହାୟକ ହେବ। ଏହି ଯୋଜନା ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହେବା ଦ୍ୱାରା ଆଦିବାସୀ ତଥା ଅନୁସୂଚିତ ଜାତି ସମ୍ପ୍ରଦାୟ ତଥା ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଗରିବ ପରିବାରର ମହିଳାମାନେ ଲାଭବାନ ହେବେ। ଏହି ପ୍ରକଳ୍ପ ୨,୫୦,୦୦୦ରୁ ଅଧିକ ମହିଳାଙ୍କୁ ପ୍ରଜନନ ତଥା ସେମାନଙ୍କର ସମାଜିକ ଅଧିକାର ବିଷୟରେ ସୂଚିତ କରିବା ସହିତ ସେମାନଙ୍କୁ ସାମ୍ପ୍ରଦାୟିକ ହିଂସା, ଭେଦଭାବ ଏବଂ ବାଲ୍ୟବିବାହ, ଯୌତୁକ ପରି ସାମାଜିକ କୁପ୍ରଥାର ମୁକାବିଲା କରିବା ଦିଗରେ ସହାୟତା ଦେବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନେ ସେମାନଙ୍କର ସାମାଜିକ ବିକାଶ ପାଇଁ ସୂଚନା ଜ୍ଞାନକୌଶଳ ସହିତ ସଶକ୍ତ ହେବା ସହିତ ସେମାନଙ୍କର ପରିବାର ବିଶେଷକରି କିଶୋରୀ ବାଳିକା ଏବଂ ବୃଦ୍ଧାଙ୍କ ଦୁର୍ବଳତାକୁ ଦୂର କରିବାରେ ସକାରାତ୍ମକ ପ୍ରଭାବ ଆଣିବ। ଏହି ଅବସରରେ ୟୁଏନ୍‌ଏଫ୍‌ପିଏ ଇଣ୍ଡିଆର ପ୍ରତିନିଧି ଆଣ୍ଡ୍ରେୟା ଏମ୍ ଓ୍ୱୋଜନାର୍ କହିଛନ୍ତି ଯେ, ଏହି ଦୂରଦୃଷ୍ଟିକୁ ଆଖିରେ ରଖି ମିଶନ ଶକ୍ତି ପ୍ରକଳ୍ପ ସହିତ ୭୦ ଲକ୍ଷରୁ ଅଧିକ ମହିଳା ଡିଜିଟାଲ ଏବଂ ଆର୍ଥିକ ଦକ୍ଷତା ହାସଲ କରିବା ସହିତ ସେମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟ ଉପରେ ନିୟନ୍ତ୍ରଣ ରଖିବାରେ ସମର୍ଥ ହେବେ। ଏହା ଉଭୟ ମହିଳା ଓ ଓଡ଼ିଶାର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ନିଶ୍ଚିତ ବିଜୟ ଭାବେ ଗଣା ହେବ।

### ଅଖାଦ୍ୟ ଚାଉଳ ...

ଅଯୋଗ୍ୟ ବୋଲି ଜଣାପଡିଥିଲା। ରାଜ୍ୟର ଗରିବ ଲୋକଙ୍କ ପେଟକୁ ଦାନା ଦେବା ପାଇ ୧୭୪୦ କ୍ୱିଣ୍ଟାଲ ବାବଦରେ ସରକାର ପାଖାପାଖି ୨୪ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ମାତ୍ର ମିଲର ଏବଂ ଯୋଗାଣ ବିଭାଗ ଅଧିକାରୀଙ୍କ ଯୋଗୁଁ ୨୪ କୋଟି ଟଙ୍କାର ଚାଉଳ ଅଖାଦ୍ୟରେ ପରିଣତ ହୋଇସାରିଛି। ଯାହା ନଷ୍ଟ କରିବା ପାଇଁ କେନ୍ଦ୍ରୀୟ ଟିମ ସୁପାରିଶ କରିଛନ୍ତି। ନଷ୍ଟ ହୋଇଥିବା ଚାଉଳକୁ ମଦଭାଟି କିମ୍ବା ଗୋଶାଳାରେ ବିକ୍ରି ପାଇଁ ନିଲାମ ଡକାଯିବ। ସହକାରୀ ନିର୍ଦ୍ଦେଶକଙ୍କ ଟିମ୍ କେବଳ ୯ଟି ଜିଲ୍ଲାର ଚାଉଳ ଯାଞ୍ଚ କରି ଏତେ କୋଟି ଟଙ୍କାର ଚାଉଳ ଅଖାଦ୍ୟ ବୋଲି ଜାଣିବାକୁ ପାଇଛନ୍ତି। ହେଲେ ସମୁଦାୟ ରାଜ୍ୟର ଚାଉଳ ଯାଞ୍ଚ କରିଥିଲେ ସ୍ଥିତି କ'ଣ ହୋଇ ଥାଆନ୍ତା ତାହା ସ୍ପଷ୍ଟ ଅନୁମେୟ। ଅନ୍ୟ ଦିଗରେ ଜୀବନ ସହିତ ଚାଉଳ ପ୍ରସଙ୍ଗରେ ଏତେ କୋଟି ଟଙ୍କାର ଅନିୟମିତତା କେନ୍ଦ୍ରୀୟ ଟିମ ଚିହ୍ନଟ କରିଥିଲେ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ସଚିବଙ୍କ ରହସ୍ୟମୟ ନିରବତା ସମୁଦାୟ ଘଟଣାକୁ ଜଟିଳ କରି ଦେଉଛି। ରାଇସ ମିଲରଙ୍କ ପ୍ରତି ଯୋଗାଣ ବିଭାଗର ନରମ ଆଭିମୁଖ୍ୟ ଘଟଣା ପ୍ରଥମ ନୁହେଁ। ଧାନ ସଂଗ୍ରହ ସମୟରେ ମଧ୍ୟ ବାରମ୍ବାର ମିଲର ଓ ବିଭାଗ ମଧ୍ୟରେ ଏଭଳି ଦେଖାଯାଇଥାଏ। ଗୁଣାତ୍ମକ ମାନ ଆଳରେ ରାଇସ ମିଲରମାନେ ଚାଷୀଙ୍କ କ୍ୱିଣ୍ଟାଲ-କ୍ୱିଣ୍ଟାଲ ଧାନ କାଟି ଦିଅନ୍ତି। ଘଣ୍ଟା-ଘଣ୍ଟା ଚାଷୀ ଅପେକ୍ଷା କରାଇ ହୀନସ୍ତା କରାନ୍ତି। ଏହି ସମୟରେ ଯୋଗାଣ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ମିଲରଙ୍କ ପକ୍ଷଭୁକ୍ତ ହୋଇ କଟନିଛଟନିକୁ ସମର୍ଥନ କରନ୍ତି। ମିଲର ଅଖାଦ୍ୟ ଦେଉଥିବା କେନ୍ଦ୍ରୀୟ ସରକାରୀ ଟିମ ରିପୋର୍ଟ ଦେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଆଶ୍ଚର୍ଯ୍ୟଜନକ। ସହକାରୀ ନିର୍ଦ୍ଦେଶକଙ୍କ ଟିମ୍ କେବଳ ଚାଉଳ ନୁହେଁ ତାଙ୍କ ରିପୋର୍ଟରେ ବିଭିନ୍ନ ଜିଲ୍ଲାର ଗୋଦାମ ଯାଞ୍ଚ ବେଳେ ୨୦୨୦ ମସିହାର ବସ୍ତା ବ୍ୟବହାର କରାଯାଉଥିବା ଜାଣିବାକୁ ପାଇଥିଲେ। ସେହିପରି ଗୋଦାମ ଛାତରେ କଣା, ଆର୍ଦ୍ରତା ମାପିବା ପାଇଁ ବ୍ୟବହୃତ ମଶ୍ଚର ମିଟର ଅକାମି ହୋଇ ପଡ଼ିବା, ସିଏମଆର(ଧାନ ବଦଳରେ ରିସାଇକ୍ଲିଂ ଚାଉଳ) ସମ୍ପର୍କରେ ତଥ୍ୟ ନଥିବା, ଷ୍ଟୋରେଜ ବେଳେ ଧାନ ନଷ୍ଟ ହେବା ଭଳି ଦେଖିବାକୁ ପାଇଥିଲେ। ନିୟମ ଅନୁସାରେ ଧାନ ସଂଗ୍ରହ ବେଳେ ସ୍ୱତନ୍ତ୍ର ବସ୍ତା ବ୍ୟବହାର କରାଯିବା କଥା। ଏଥିପାଇଁ ମଧ୍ୟ କୋଟି-କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଯଦି ଦୁଇ ବର୍ଷର ପୁରୁଣା ବସ୍ତା ଗୋଦାମରେ ବ୍ୟବହାର ହେଉଛି ତେବେ ନୂଆ ବସ୍ତା ପାଇଁ ଆସୁଥିବା ଟଙ୍କା କାହା ପକେଟ୍‌କୁ ଯାଉଛି ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

### ଓଡ଼ିଶାରେ ଆଇନ୍ ...

ସରକାର ନାରୀ ପ୍ରତି ହେଉଥିବା ନିର୍ଯ୍ୟାତନା ମାମଲାରେ କେସ୍ ଦରଦ ନ କରିବାକୁ ପୁଲିସ୍ ପ୍ରଶାସନକୁ ଅଲିଖିତ ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ ରାଜ୍ୟର ଲୋମହର୍ଷଣକାରୀ ହତ୍ୟାକାଣ୍ଡ ପ୍ରସଙ୍ଗରେ ପୁଲିସ୍ ଏତଲାକୁ ଦରଜ କରିନଥିଲା। ଅନ୍ୟପଟେ ଶାସକ ଦଳର ବିଧାୟକଙ୍କ ବିରୋଧି ଯୌନ ଶୋଷଣ ମାମଲା ଭୁବନେଶ୍ୱର ଖଣ୍ଡଗିରି ଥାନାରେ ପଞ୍ଜିକୃତ ହୋଇପାରୁନାହିଁ। ମାନ୍ୟବର ସୁପ୍ରିମ୍‌କୋର୍ଟ ସ୍ପଷ୍ଟଭାବେ ନିର୍ଦ୍ଦେଶ ଦେଇଛନ୍ତି ଯେ, କୌଣସି ସଙ୍ଗିନ୍ ଦଫା ମାମଲାରେ ପୁଲିସ୍ ଏତଲା ପଞ୍ଜିକରଣ କରିବାକୁ ବାଧ୍ୟ। କିନ୍ତୁ ରାଜ୍ୟରେ ନାରୀ ନିର୍ଯ୍ୟାତନା, ଧର୍ଷଣ, ହତ୍ୟା, ମହିଳା ଓ ଶିଶୁ ନିର୍ଯ୍ୟାତନା, ଅପହରଣ ମାମଲାରେ ମଧ୍ୟ ପୁଲିସ୍ ଜାଣିଶୁଣି ଅଭିଯୋଗଗୁଡ଼ିକର ପଞ୍ଜିକରଣ କରୁନାହିଁ, ଯାହା ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶନାମାର ଖୋଲା ଉଲଘଂନ ଏବଂ ପୁଲିସର ଏତାଦୃଶ ମନୋଭାବ ଜାରି ରହିଲେ ରାଜ୍ୟରେ ମହିଳା ଓ ନାବାଳିକାମାନେ ସୁରକ୍ଷିତ ନୁହଁନ୍ତି। ଯେଉଁଥିପାଇଁ ଅସନ୍ତୋଷସ୍ୱରୂପ ରାଜ୍ୟରେ ବି.ଜେ.ଡ଼ି ସେ ବେଟି ବଚାଓ ଭଳି ସ୍ଲୋଗାନ ଆରମ୍ଭ ହୋଇଗଲାଣି। ମହିଳା ସଶକ୍ତିକରଣର ନାରା ଦେଉଥିବା ରାଜ୍ୟ ସରକାର ପ୍ରକୃତରେ ମହିଳାଙ୍କୁ ଶୋଷଣ କରୁଛି। ମମିତା, ମାଧବୀଲତା, ଇତିଶ୍ରୀ, କୁନ୍ଦୁଲି, ବେବିନା ଭଳି ବହୁ ଯୁବତୀଙ୍କୁ ହତ୍ୟା କରାଯାଉଛି ଏବଂ ଏ ଘଟଣାର ହତ୍ୟାକାରୀମାନେ ଆଇନର ପରିଧି ଭିତରେ ଆସୁନାହାନ୍ତି। ପ୍ରତ୍ୟେକ ଅପରାଧି ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀମାନଙ୍କ ଉପରେ ଶାସକ ବିଜୁ ଜନତା ଦଳର ନେତାମନ୍ତ୍ରୀ, ପ୍ରଶାସନ ଓ ପୁଲିସ୍‌ର ପ୍ରସନ୍ନ ଆର୍ଶୀବାଦ ଥିବା ଭଳି ମନେ ହେଉଛି। ଅପରାଧିଙ୍କୁ ଦଣ୍ଡିତ କରିବାକୁ ଗଠିତ ହେଉଥିବା ଏ ବ୍ୟବସ୍ଥାର ଅବ୍ୟବସ୍ଥା ଯୋଗୁଁ ଆମ ପୂର୍ବ ପୁରୁଷମାନେ ଦୁଃଖିତ ହେଉଥିବେ। ଏହି ସମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ଓ ମୁଖପାତ୍ର ମନୋରଞ୍ଜନ ଦାସ ଓ ଅମିୟ ପାଣ୍ଡବ ଉପସ୍ଥିତ ଥିଲେ।

### ନଦୀ ଜଳ ...

ବ୍ରାହ୍ମଣୀ ନଦୀଜଳକୁ କଟକ, ଯାଜପୁର, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡା, ଅନୁଗୁଳ, ଢେଙ୍କାନାଳ, ଗଞ୍ଜାମ, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଆଦି ଜିଲ୍ଲାମାନଙ୍କ କଥା ନକହିବା ଭଲ। କିନ୍ତୁ ଦୁର୍ନୀତିଖୋର ରାଜ୍ୟ ସରକାର ନଦୀ ଜଳ ସୁରକ୍ଷାରେ ସମ୍ପୂର୍ଣ୍ଣ ଅପାରଗ ସାବ୍ୟସ୍ତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ରାଜ୍ୟରେ ଲୋକେ ନଦୀରେ ଗାଧୋଇ ପାରୁନାହାନ୍ତି କି ବ୍ୟବହାର କରିପାରୁ ନାହାନ୍ତି କାରଣ ଗାଧୋଇଲେ ଚର୍ମରୋଗ ସୃଷ୍ଟି ହେଉଛି। ରାଜ୍ୟ ସରକାର ଯଥାଶୀଘ୍ର ଏଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି। ବେଆଇନ ବାଲି ଖନନ ଦ୍ୱାରା ଗୋଚର ଭୂମି ନଷ୍ଟ ହେବା ଦ୍ୱାରା ଗୋ ଓ ପଶୁପାଳନ ଜୀବିକା କରୁଥିବା ଲୋକେ ଜୀବିକା ହରାଉଛନ୍ତି। ଏନେଇ ଭାରତୀୟ ଜନତା ପାର୍ଟି ରାଜ୍ୟ ସରକାରଙ୍କ ବେପରୁଆ ମନୋଭାବକୁ ଦେଖି ଓ ରାଜ୍ୟରେ ଜଳ ଅଭାବ ଦେଖି ମାନ୍ୟବର ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ଦେବା ସହ ଏହାର ପଦକ୍ଷେପ ଲାଗି ନିବେଦନ କରିଛନ୍ତି। ରାଜ୍ୟ ସରକାର ନଦୀ ଜଳ ସୁରକ୍ଷା ଓ ସଂରକ୍ଷଣ ପ୍ରତି ଅବହେଳା କଲେ ଆଗାମୀ ଦିନରେ ଜଳସଂକଟ ଘନୀଭୁତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ରାଜ୍ୟ ସରକାର ବିହୀତ ପଦକ୍ଷେପ ଗ୍ରହଣ ନକଲେ 'ବିଜେପି ନଦୀ ସୁରକ୍ଷା ସମିତି' ରାଜ୍ୟବ୍ୟାପି ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ଡ. ରବି ନାରାୟଣ ବେହେରା, ଅଶୋକ କୁମାର ରଥ, ଶୁଭ୍ରାଂଶୁ ମୋହନ ପାଢ଼ୀ, ଯୁଧିଷ୍ଠିର ମହାରଣା, ଅଶ୍ରୁମୋଚନ ମହାନ୍ତି, ଦୁର୍ଯ୍ୟୋଧନ ଲେଙ୍କା, ଅଜୟ କୁମାର ସାମନ୍ତରାୟ, ନିର୍ମଳ କୁମାର ବେହେରା, ନନ୍ଦିନୀ ଶତପଥୀ, ପୂର୍ଣ୍ଣିମା ଦାସ, ବିକ୍ରମ କେଶରୀ ରାଉତରାୟ, ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ୧୨ ରୁ ୧୫ ଲକ୍ଷ ...

ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯିବ। ରଥ ରହିବା ଜଗାରେ ଦୀପଦାନ ପାଇଁ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ ହେବ। ଯେହେତୁ ପୂର୍ବରୁ ଥିବା ପାର୍କିଂ ସ୍ଥାନ ଆଉ ନାହିଁ, ଏଣୁ ନୂଆ କରି ୧୯ଟି ଜାଗାରେ ଗାଡ଼ି ପାର୍କିଂ ପାଇଁ ସ୍ଥାନ ଚିହ୍ନଟ ପାଇଁ ଟ୍ରାଫିକ ପୁଲିସ, ଆର୍ଟିଓ, ପୌରସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ୧୯ଟି ପାର୍କିଂ ଷ୍ଟାଣ୍ଡ୍ ଭିତରେ ବଗଲା ଧର୍ମଶାଳା ଅନ୍ତର୍ଭୁକ୍ତ ରହିଛି। ସେହିଭଳି ପୌରସଂସ୍ଥା ପକ୍ଷରୁ ବିଭିନ୍ନ ସ୍ଥାନରେ ଭକ୍ତଙ୍କ ପାଇଁ ଅସ୍ଥାୟୀ ଶେ ?ଚାଳୟ କରାଯିବ। ମେଘନାଦ ପାଚେରି ଆଲୋକୀକରଣ ହେବ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବଡ଼ଦାଣ୍ଡରେ ୩୦ଟି ଟ୍ୟାଙ୍କର , ୧୨୦ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଓ ପାଣି ସିଞ୍ଚନ କରାଯିବ। ରେଳ ବିଭାଗର ଗୁରୁଦାୟିତ୍ୱ ଥିବାରୁ କେତେ କର୍ମଚାରୀ ରହିବେ, ତାର ତାଲିକା ମଗାଯାଇଛି। ସେହିଭଳି ଭୁବନେଶ୍ୱର ଆଡୁ ଆସୁଥିବା ବସଗୁଡ଼ିକ ତାଳବଣିଆ, ବାହାର ଯାତ୍ରୀଙ୍କ ବସଗୁଡ଼ିକ ମାଳତିପାଟପୁର, ବ୍ରହ୍ମଗିରି ପଟୁ ଆସୁଥିବା ବସଗୁଡ଼ିକ ମଙ୍ଗଳାଘାଟ ଛକରେ ପାର୍କିଂ କରିବେ। ଭିଆଇପିଙ୍କ ପାଇଁ ଗଦାଧର ହାଇସ୍କୁଲରେ ପାର୍କିଂ ବ୍ୟବସ୍ଥା ହେବ। ମାଳତୀପାଟପୁରରେ ଶହେ ଗାଡ଼ି, ତାଳବଣିଆରେ ୨ଶହ ଗାଡ଼ି ରହିବାର ବ୍ୟବସ୍ଥା କରାଯିବ। ବୈଠକରେ ଏସ୍‌ପି ଡ. କେ. ବିଶାଳ ସିଂହ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦିଲୀପ କୁମାର ମହାପାତ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱପ୍ରାଣୀ ଚିକିତ୍ସା ଦିବସ ପାଳିତ



**ଜଗତ୍‌ସିଂହପୁର :** ଆଦି କବି ଶାରଳା ଦାସ ସଂସ୍କୃତି ଭବନଠାରେ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କହିଥିଲେ ଯେ ଜଗତସିଂହପୁର ଜିଲ୍ଲା ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସମଗ୍ର ରାଜ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ ଜିଲ୍ଲାର ସମସ୍ତ ଦୁଗ୍ଧ ଚାଷୀ ଓ ପ୍ରାଣୀ ଚିକିତ୍ସକ ମାନଙ୍କୁ ପ୍ରଂଶସା କରି ଆମ ଜିଲ୍ଲାକୁ ପ୍ରାଣୀ ଚିକିତ୍ସା ସେବାର ସୁଦୃଢୀକରଣ କରିବା ଉପରେ ଗୁରୁତ୍ୱରୋପ କରିଥିଲେ। ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦର ସଭାପତି ମନୋଜ ଭୋଇ ଉକ୍ତ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ନିଜ ଭାଷଣ ପ୍ରସଙ୍ଗରେ କହିଥିଲେ ଯେ ସୁସ୍ଥ ସମାଜ ଗଠନରେ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ସେବାରେ ସଂପୃକ୍ତ ଥିବା ପ୍ରାଣୀ ନିରୀକ୍ଷକ ମାନଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟରେ ଜଗତସିଂହପୁର ଜିଲ୍ଲାରେ ଉନ୍ନତ ଶଙ୍କର ଗାଇମାନଙ୍କ ସଂଖ୍ୟା ୮୫ପ୍ରତିଶତରୁ ଉର୍ଦ୍ଧ୍ୱଥିବା ହେତୁ ଦୁଗ୍ଧ ଉତ୍ପାଦାନରେ ପ୍ରଥମ ଜିଲ୍ଲାଭାବେ ସ୍ଥାନ ପାଇଅଛି। ପ୍ରାଣୀ ସମ୍ପଦ ବିକାଶ ବିଭାଗର ଅନବରତ ଉଦ୍ୟମ ଓ ପ୍ରାଣୀ ଚିକିତ୍ସକ ମାନଙ୍କ ଉତ୍ସର୍ଗୀକୃତ ସେବା ଯୋଗୁ ଏହା ସମ୍ଭବପର ହୋଇପାରିଛି। ଚଳିତ ବର୍ଷ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ମୁଖ୍ୟବାର୍ତ୍ତା ହେଲା "ପ୍ରାଣୀ ଚିକିତ୍ସା ସେବାର ସୁଦୃଢୀକରଣ"। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଜଗତସିଂହପୁର ପୌରପାଳିକାର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇ ନିଜ ବକ୍ତବ୍ୟରେ ପ୍ରାଣୀମାନଙ୍କର ଚିକିତ୍ସା ଓ ପ୍ରାଣୀ ପାଳନରେ ବ୍ରତି ଥିବା ପ୍ରାଣୀଚିକିତ୍ସକ ମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ସେହିପରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡା. ରୁଦ୍ରନାରାୟଣ ଦାସ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ପ୍ରାଣୀ ଚିକିତ୍ସକ ମାନେ ପିମ୍ପୁଡି ଠାରୁ ଆରମ୍ଭ କରି ହାତୀ ପର୍ଯ୍ୟନ୍ତ ଚିକିତ୍ସା ସେବାରେ ନିଜକୁ ନିୟୋଜିତ ରଖିଥାନ୍ତି। ତେଣୁ ପ୍ରାଣୀ ଚିକିତ୍ସକମାନେ ଖାଦ୍ୟ ଦେବାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ସ୍ୱାଗତ ଭାଷଣରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବୀରକିଶୋର ପରିଡା କହିଥିଲେ ଯେ ଆମ ଜୀବନ ଜୀବିକା ସହିତ ପ୍ରାଣୀ ପାଳନ ଅଙ୍ଗାଦି ଭାବେ ଜଡିତ। କୃଷି ସହିତ ପ୍ରାଣୀ ପାଳନ ପରସ୍ପର, ପରିପୂରକ ଓ ନିର୍ଭରଶୀଳ। ଗୋଟିଏର ବ୍ୟତି ରଖେ ଅନ୍ୟଟିର ବିକାଶ ହେବା ଅସମ୍ଭବ। ଏହି ପ୍ରାଣୀ ମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ପ୍ରାଣୀ ଚିକିତ୍ସକ ମାନଙ୍କ ଭୂମିକା ଅତୁଳନୀୟ। ପ୍ରାରମ୍ଭରେ ରାଜ୍ୟ ବିଶ୍ୱପ୍ରାଣୀ ଚିକିତ୍ସା ଦି୍ବସ ଅବସରରେ ମାନ୍ୟବର କୃଷି, କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଅରୁଣ ସାହୁଙ୍କ ଦ୍ୱାରା କୃଷି ଭବନରେ ଉଦଘାଟିତ ଉତ୍ସବକୁ ଲାଇଭଷ୍ଟ୍ରିମ ମାଧ୍ୟମରେ ଏଠାରେ ପ୍ରଦର୍ଶନ କରାଯାଇଥିଲା। ସେହିପରି ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ବରିଷ୍ଠ ପ୍ରାଣୀ ଚିକିତ୍ସକ ଡା. କୁଞ୍ଜବିହାରୀ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା, ଓମ୍‌ଫେଡର ପ୍ଲାଂଟ ମ୍ୟାନେଜର ଲଳାଟେନ୍ଦୁ ପାତ୍ର ପ୍ରମୁଖ ମିଳିତ ବିବୃତିରେ ଉନ୍ନତ ପ୍ରାଣୀ ପାଳନ ମାଧ୍ୟମରେ ଜିଲ୍ଲା ତଥା ରାଜ୍ୟରେ ଦୁଗ୍ଧ, ମାଂସ, ଅଣ୍ଡା ଉତ୍ପାଦନ ଆଶାତୀତ ଭାବେ ବୃଦ୍ଧି ପାଉଥିବା ବେଳେ ଚାଷୀଙ୍କ ଆୟ ଦ୍ୱିଗୁଣିତ ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସକ ଅଧିକାରୀ ଡା. ବିଭୂରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ସମସ୍ତ ସଂଯୋଜନା କରିଥିଲେ ଜାଜ୍ଞସେନୀ ନାୟକ। ଏହି କାର୍ଯ୍ୟକ୍ରମରେ ଡା. ବିଶ୍ୱଜିତ୍ ପଣ୍ଡା, ଡା. ଶଶାଙ୍କ ଶେଖର ନାୟକ, ଡା. ବିକ୍ରମ ଆଚାର୍ଯ୍ୟ, ଡା. ଶଶାଙ୍କ ଶେଖର ଲେଙ୍କା, ଡା. ଶୁଭେନ୍ଦୁ ସେଠୀ, ଡା. ମନୋରଞ୍ଜନ ନନ୍ଦ, ଡା. ଯଦୁନାଥ ପରିଡା, ଡା. ଦିଲ୍ଲିପ ସେଠୀ ଓ ଡା. ସୋମ୍ୟଜିତ୍ ରାଉତ ପ୍ରମୁଖଙ୍କ ସହିତ ଅନ୍ୟମାନେ ଯୋଗଦାନ କରିଥିଲେ।

# ଏରସମା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଖିଳେଶ୍ୱର ସିଂହ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଉପସ୍ଥିତ ଥିବା ସରକାରୀ ଅଧିକାରିମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶିବିରରେ ମୋଟ୍ ୭୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୫୩ଟି ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ୨୪ଟି, ଜମିଜମା ସମ୍ପର୍କିତ ୫ଟି, ରାସନକାର୍ଡ ନିମନ୍ତେ ୭ଟି, ଭତ୍ତା ସମ୍ପର୍କିତ ୩ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଓ ଜିଲ୍ଲାପାଳଙ୍କ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ଆବେଦନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ, ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା, ତହସିଲଦାର ଓ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶାର ଲୋକନୃତ୍ୟ ପ୍ରକାଶ ଧାରାରେ: ପଶୁମୁଖା ନାଚ



ଡ. ମନୋରଞ୍ଜନ ବିଷୋୟୀ



ଆଦିମ ମାନବର ହାସ୍ୟ, ବିଷାଦ, ଭୟ ଇତ୍ୟାଦି ମଧ୍ୟରୁ ଲୋକାନୁଭୂତିର ସ୍ୱତଃସ୍ଫୁର୍ତ୍ତ ପରିପ୍ରକାଶକୁ ଆଧାର କରି ଲୋକନାଟକ ଗଢ଼ି ଉଠିଥିବା ବିଶ୍ୱାସ କରାଯାଏ । ବ୍ୟକ୍ତିର ହର୍ଷ, ଉଲ୍ଲାସ, ପ୍ରେମ, କ୍ରୋଧ, ଘୃଣା ଇତ୍ୟାଦି ଭାବକୁ ପ୍ରକାଶ କରିବା ନିମନ୍ତେ ଯେଉଁ ଅଭିନୟ ପ୍ରଦର୍ଶନ କରାଯାଏ, ତାହାହିଁ ହେଉଛି ଯଥାର୍ଥରେ ଲୋକନୃତ୍ୟ । ନିରାଭରଣ, ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ଅଭିବ୍ୟକ୍ତି ହେଉଛି ଲୋକନାଟକର ମୂଳ ଆଧାର । ଏହି ଧାରାରେ ଅନେକ ଆଲୋଚକ ପଶୁମୁଖା ନାଚକୁ ଲୋକନାଟକର ଆଦିମ ପର୍ଯ୍ୟାୟର ସୃଷ୍ଟି ଭାବରେ ଗ୍ରହଣ କରିଥାନ୍ତି । ମାନବ ଅରଣ୍ୟ ଭିତରେ ଆରମ୍ଭ କରିଛି ତା'ର ଜୀବନର ଅଭିସାର । ପ୍ରକୃତିର ବୈଚିତ୍ର୍ୟ ଠାରୁ ଆରମ୍ଭ କରି ଜୀବଜନ୍ତୁ, ପଶୁପକ୍ଷୀ ହୋଇଉଠିଛନ୍ତି ତା'ର ଅନ୍ତରଙ୍ଗ । ସେମାନଙ୍କ ବିଚିତ୍ର, ଭୟାନକ ଓ ସୌନ୍ଦର୍ଯ୍ୟମୟ ବିଭିନ୍ନ ଆଚରଣକୁ ଅନୁକରଣ କରି ଗଢ଼ିଉଠିଛି ପଶୁ ଓ ପଶୁମୁଖା ନାଚ । ବିଶ୍ୱାସ କରାଯାଏ- ପ୍ରାଚୀନ ପ୍ରସ୍ତର ଯୁଗରୁ ଏହା ବିକାଶ ଲାଭ କରିଛି । କ୍ରମେ ଏହି ନୃତ୍ୟ ବିକଶିତ ମାନବ ସମାଜର



ଧାର୍ମିକ ଚେତନାକୁ ଆଧାର କରି ଭିନ୍ନ ରୂପ ଧାରଣ କରିଅଛି ।

ପଶୁମୁଖାନୃତ୍ୟର ଆଲୋଚନା ପ୍ରସଙ୍ଗରେ ପ୍ରଥମତଃ ଦୃଷ୍ଟି ଆକର୍ଷଣ କରିଥାଏ 'ଲୋକ ଆରାଧନା' ପରମ୍ପରା । ଓଡ଼ିଶାର ପ୍ରତ୍ୟେକ ଗ୍ରାମର ନାମକରଣ ଠାରୁ ଆରମ୍ଭ କରି ଜୀବନ ଧାରଣ ପ୍ରଣାଳୀ ସହ ଆଞ୍ଚଳିକ କୂଳଦେବତାଟିଏ ସୃଷ୍ଟି ହୋଇଥିବା ଲକ୍ଷ୍ୟ କରିହୁଏ । ଏହି ଦେବତାର ସୃଷ୍ଟି ଅନ୍ତରାଳରେ ଜନ୍ମ-ମୃତ୍ୟୁ, ସୌଭାଗ୍ୟ-ଦୁର୍ଭାଗ୍ୟ, ବ୍ୟାଧି ଓ ପରିତ୍ରାଣର ସଂପର୍କ ଥାଏ ଅତି ଘନିଷ୍ଠ । ପ୍ରତ୍ୟେକ ଗ୍ରାମର ଏହି ଆରାଧ ପରାମ୍ପରାଟିର କେନ୍ଦ୍ରବିନ୍ଦୁ ହେଉଛି ନାରୀ । ଏଠାରେ ନଈପଠା କିମ୍ବା ଗ୍ରାମ ଉପକଣ୍ଠ ଥାଏ ଦେବୀଙ୍କ ଆସ୍ଥାନ । କାଷ୍ଠ, ପ୍ରସ୍ତରରେ ଗଢ଼ା ହୋଇଥାଏ ପ୍ରତିମା । କେତେବେଳେ ଏହା ପ୍ରାକୃତିକ ଶିଳା କିମ୍ବା କାଷ୍ଠ ଖଣ୍ଡରେ ପୂଜା ପାଇଥାଏ । ଏହି ଆରାଧନା ପୀଠରେ କାଷ୍ଠ, ମୃତ୍ତିକା, ଶିଳା, ପାଳ ନିର୍ମିତ ଘୋଡ଼ା ଓ ହାତୀ ତଥା ବିଭିନ୍ନ ପଶୁପକ୍ଷୀ ଭକ୍ତଙ୍କ ଦ୍ୱାରା ସମର୍ପିତ ହୋଇଥିବା ଦେଖିବାକୁ ମିଳେ । ଏହାର ଯାନିଯାତ୍ରା, ପର୍ବପର୍ବାଣି ଗ୍ରାମଦେବୀଙ୍କ ପାର୍ବଣ ଅବସରରେ ପ୍ରାୟତଃ ଭକ୍ତମାନଙ୍କ ଇଚ୍ଛା ଉପରେ ନିର୍ଭର କରିଥାଏ ।

ମୁଖା ଓ ପୋଷାକ ଧାରଣ କରି ବିଭିନ୍ନ ପ୍ରକାର ନୃତ୍ୟ ପ୍ରଦର୍ଶିତ ହୋଇଥାଏ । ତେଣୁ ଧାର୍ମିକ ପରମ୍ପରା ଭିତରୁ ପଶୁମୁଖା ନୃତ୍ୟ ସୃଷ୍ଟି ହୋଇଥିବା ବିଶ୍ୱାସ କରାଯାଏ । ଏହି ଗ୍ରାମ୍ୟ ଉପାସନା ପରମ୍ପରା ପରବର୍ତ୍ତି ସମୟରେ ରାମାୟଣ ଓ ମହାଭାରତର କାହାଣୀ ଓ ଘଟଣା ଆଧାରରେ ପରିବ୍ୟାପ୍ତ ହୋଇଥିବା ଅନୁମାନ କରାଯାଏ । ତେଣୁ ବସ୍ତୁତଃ କହିବାକୁ ଗଲେ ଲୋକବିଶ୍ୱାସ ଓ ଚଳଣି ହେଉଛି ପଶୁମୁଖା ନୃତ୍ୟର ମୁଖ୍ୟ ଆଧାର ।

ପଶୁମୁଖା ନୃତ୍ୟକୁ ଅନୁଧ୍ୟାନ କଲେ ଦେଖାଯାଏ ଏହା ହେଉଛି ଛଦ୍ମ ଆବରଣ ଧାରଣ କରି ବାସ୍ତବ ବ୍ୟକ୍ତିତ୍ୱକୁ ଗୋପନ ରଖି ଅନ୍ୟ ଏକ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଏକ ନାଟ୍ୟରୂପ । ସାଧାରଣତଃ ମୁଖକୁ ଆଚ୍ଛାଦନ ଓ ସ୍ଥଳ ବିଶେଷରେ ସମଗ୍ର ଶରୀରକୁ ଆଚ୍ଛାଦନ କରି ଏକ ପଶୁର ଚରିତ୍ର; କିମ୍ବା ଅନ୍ୟ କେତେକ ସ୍ଥଳେ ପ୍ରତୀକାତ୍ମକ ଭାବେ ଦୁଷ୍ଟ ଚରିତ୍ରକୁ ଆଧାର କରି ଏହା ପ୍ରଦର୍ଶିତ ହୋଇଥାଏ । ଏହାର ରୂପ ଥାଏ ପ୍ରାକୃତିକ କିନ୍ତୁ ପ୍ରଦର୍ଶିତ ନୃତ୍ୟର ଉଦ୍ଦେଶ୍ୟ ଥାଏ, ଆଞ୍ଚଳିକ କିମ୍ବା ସମୟ ଭିତ୍ତିକ । ତେଣୁ ଦୁଇଟି ସତ୍ତାର ପ୍ରକାଶ ପଶୁମୁଖା ନୃତ୍ୟରେ ଅନୁଭବ କରିହୁଏ । ଗୋଟିଏ ହେଉଛି ଛଳନାମୟ ବ୍ୟକ୍ତିତ୍ୱର ପ୍ରକାଶ, ଅନ୍ୟଟି ହେଉଛି ସ୍ୱପ୍ରକାଶ । ବସ୍ତୁତଃ କହିବାକୁ ଗଲେ ଏହା ହେଉଛି ପାପପୁଣ୍ୟ ଭିତରେ ଏକ ସଂଘର୍ଷ । ଅନ୍ୟ କେତେକଙ୍କ ଦୃଷ୍ଟିରେ ଏହା ହେଉଛି ଦୃଶ୍ୟ (ସ୍ୱରଭ) ଏବଂ ଅଦୃଶ୍ୟ (ଙ୍କଭସ୍ୱରରଭ) ମଧ୍ୟରେ ସଂଘର୍ଷର ଇତିବୃତ୍ତ । ତେଣୁ ଆପଣାର ସତ୍ତା ଏବଂ ଅନ୍ୟ ଏକ ସତ୍ତା ଉଭୟକୁ ଆଧାର କରି ପଶୁମୁଖା ନାଚ ଗଢ଼ି ଉଠିଥିବା ଲକ୍ଷ୍ୟ କରିହୁଏ । ପ୍ରାୟତଃ ଏହା ପରମ୍ପରାଗତ ଭାବରେ ଗୋଟିଏ ପିଢ଼ିରୁ ଅନ୍ୟ ଏକ ପିଢ଼ିକୁ ପ୍ରସାରିତ ହୋଇଥାଏ । ବ୍ୟକ୍ତିର ପରିଦୃଶ୍ୟମାନ ପ୍ରତିଫଳନ ଏହି ନୃତ୍ୟରେ ଅନୁଭବ କରିହୁଏ । ବସ୍ତୁତଃ କହିବାକୁ ଗଲେ ଏହା ହେଉଛି ନାନ୍ଦନିକତା ଓ କାଞ୍ଚନିକତାର ମଧୁର ସମନ୍ୱୟ ।

ଉପରୋକ୍ତ ଦୃଷ୍ଟିକୋଣ ନେଇ ଓଡ଼ିଶାର ଲୋକନୃତ୍ୟର ପ୍ରକାଶ କ୍ଷେତ୍ରକୁ ଅନୁଧ୍ୟାନ କଲାବେଳେ ପଶୁମୁଖା ନୃତ୍ୟର ମହତ୍ତ୍ୱକୁ ସ୍ପଷ୍ଟ ଅନୁଭବ କରିହୁଏ । ଓଡ଼ିଶାର ଭୌଗୋଳିକ ପରିମଣ୍ଡଳ ଅତୀବ ବୈଚିତ୍ର୍ୟପୂର୍ଣ୍ଣ । ସମତଳ, ଉପକୂଳ ଏବଂ ପାର୍ବତ୍ୟାଞ୍ଚଳର ତ୍ରିବିଧ ଚେତନାକୁ ନେଇ ଏହାର ସଂସ୍କୃତି ଗଢ଼ିଉଠିଛି । ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ପରି ତିନୋଟି ଗୋଷ୍ଠୀର ଜୀବନଧାରଣ ସମନ୍ୱୟ ଏ ମାଟିକୁ କରିଛି ବୈଚିତ୍ର୍ୟ ବିମଣ୍ଡିତ । ବିଶେଷ କରି ପ୍ରାଚୀନ ଜନଜାତି ଏହାର ଜନସଂଖ୍ୟାର ପ୍ରାୟ ଦୁଇ ତୃତୀୟାଂଶ ସଂଖ୍ୟାକୁ ଚିହ୍ନିତ କରିଥାଏ । ଏକ ବିଂଶ ଶତାବ୍ଦୀରେ ମଧ୍ୟ ଓଡ଼ିଶା ହେଉଛି ଏକ ଗ୍ରାମବହୁଳ ରାଜ୍ୟ । ବ୍ରହ୍ମପୁର, ସମ୍ବଲପୁର, କଟକ ପରି ନଗର ବୋଲାଉଥିବା ଅଞ୍ଚଳଗୁଡ଼ିକ ମଧ୍ୟ ଅନେକ ଗ୍ରାମର ସମାହାର କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ଏହାର ଲୋକାନୁଭୂତି ଅନୁରୂପ ଚେତନାକୁ ଆଧାର କରି ଗଢ଼ିଉଠିଥିବା ଅସ୍ୱାଭାବିକ ମନେ ହୁଏନାହିଁ । ତେଣୁ ଓଡ଼ିଶାର ପର୍ବପର୍ବାଣି, ଯାନିଯାତ୍ରା, ମେଳା ମହୋତ୍ସବ, ବିବାହ ବ୍ରତ, ଉତ୍ସବରେ ଆରଣ୍ୟକ ଉଲ୍ଲାସର ସ୍ପର୍ଶକୁ ଅନୁଭବ କରିହୁଏ । ଚଇତି ଘୋଡ଼ା, ବାଘ, ବୃଷଭ, ରଣପା, ଚଢ଼େୟା ଚଢ଼େୟାଣୀ ଇତ୍ୟାଦି ଶୋଭାଯାତ୍ରାକୁ ଆନନ୍ଦ ମୁଖର କରିଥିବା ଲକ୍ଷ୍ୟ କରିହୁଏ । ତେଣୁ ଲୋକାନୁଭୂତିର ସାର୍ଥକ ପ୍ରତିଫଳନ ଭିତରେ ପଶୁମୁଖା ନାଚକୁ ଅନୁଧ୍ୟାନ କରାଯାଇପାରେ ।

ପଶୁମୁଖା ନାଚଟିର ନାମକରଣରୁ ହିଁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ କୌଣସି ଏକ ପଶୁ କିମ୍ବା ପକ୍ଷୀର ମୁଖା ଧାରଣ କରି ନୃତ୍ୟ କରିବା ହିଁ ପଶୁମୁଖା ନାଚ । ମାନବ ଏବଂ ପଶୁମାନଙ୍କ ମଧ୍ୟରେ ଯେଉଁ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କଟିଏ ରହିଛି ତାହାରି କଳାତ୍ମକ ରୂପଟି ହିଁ ହେଉଛି ଏହି ନାଚ । ମାନବ ନିଜର ପ୍ରତିଦିନର କାର୍ଯ୍ୟରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଏହି ପଶୁମାନଙ୍କ ସାହାଯ୍ୟ ଲୋଡ଼ିଥାଏ । ଏମାନଙ୍କ ସହ ତାର ସଂପର୍କ କେତେବେଳେ ବନ୍ଧୁତ୍ୱପୂର୍ଣ୍ଣ ତ କେତେବେଳେ ଶତ୍ରୁତାପୂର୍ଣ୍ଣ । ସେ କେତେକ ପଶୁକୁ ଗୃହପାଳିତ ପଶୁରୂପେ ବ୍ୟବହାର କରେ ଓ ଆଉ କେତେକ ହିଂସ୍ର ପଶୁଙ୍କଠାରୁ ନିଜକୁ ଦୂରେଇ ରଖେ । ଏହି ସଂପର୍କକୁ ସେ ଯେଉଁ ନୃତ୍ୟ କଳା ମାଧ୍ୟମରେ ପ୍ରକାଶ କରେ ତାହାହିଁ ପଶୁମୁଖା ନାଚ । ବିଶ୍ୱର ଅନେକ ସ୍ଥାନରେ ଏହି କଳାର ପ୍ରଚଳନ ଥିଲେ ସୁଦ୍ଧା ଏହାର ବିକାଶ ଦିଗରେ ଗଞ୍ଜାମର ଘୁମୁସର ଅଞ୍ଚଳର ଅବଦାନ ଅନସ୍ୱୀକାର୍ଯ୍ୟ । ଫଳସ୍ୱରୂପ ପଶୁମୁଖା ନାଚ ଆଜି ଓଡ଼ିଆର ସାଂସ୍କୃତିକ ବୈଶିଷ୍ଟ୍ୟକୁ ନେଇ ଆପଣାର କୀର୍ତ୍ତି କାଳ ବକ୍ଷରେ ଆଙ୍କିପାରିଛି । ଓଡ଼ିଶାର ଗ୍ରାମ ବହୁଳ ସରଳ ମାନବର ସାର୍ଥକ ଅଭିବ୍ୟକ୍ତି ଏହି କଳା ରୂପରେ ସୁସ୍ପଷ୍ଟ । ମୁଖ୍ୟତଃ କହିବାକୁ ଗଲେ ଓଡ଼ିଶା ହେଉଛି ଅର୍ଥନୈତିକ ଦୃଷ୍ଟିରୁ ଅନଗ୍ରସର ଏକ ଅଞ୍ଚଳ । ଏଠାକାର ଆଦିବାସୀ ମୌଳିକ ସୁବିଧା ଏବଂ ସୁଯୋଗରୁ ଏଯାବତ ବଞ୍ଚିତ କହିଲେ ଅତ୍ୟୁକ୍ତି ହେବ ନାହିଁ । କୃଷିଭିତ୍ତିକ ଜୀବନ ପ୍ରଣାଳୀକୁ ଅବଲମ୍ବନ କରି ଏହାର ବିପୁଳ ଜନତା କାଳ ଅତିବାହିତ କରିଥାନ୍ତି । ଆଧୁନିକ ଉଚ୍ଚମାନର ରଙ୍ଗମଞ୍ଚ, ଆଭୂଷଣ, ବାଦ୍ୟଯନ୍ତ୍ର, ଆଲୋକ ସଂପାଦ ଇତ୍ୟାଦି ଗ୍ରାମ୍ୟ ପରିସରରେ ସୁଲଭ ନୁହେଁ । ତେଣୁ ମନୋରଞ୍ଜନର ଏକମାତ୍ର ମାଧ୍ୟମ ହେଉଛି ସ୍ୱଳ୍ପ ଖର୍ଚ୍ଚର ଲୋକନାଟକ । ଅବଶ୍ୟ ଏ କଥା ସତ୍ୟ ଇଂରେଜ ମାନଙ୍କ ଆଗମନ, ନୂତନ ଶିକ୍ଷାନୀତିର ପ୍ରଣୟନ, ପତ୍ରପତ୍ରିକା ଓ ପୁସ୍ତକ ପ୍ରକାଶନ ଦିଗରେ ଯଥେଷ୍ଟ ଉଦ୍ୟମ ସାଂସ୍କୃତିକ ଜୀବନରେ ଅନେକ ପରିବର୍ତ୍ତନ ଆଣିଛି । ଏସବୁ ସତ୍ତ୍ୱେ ତଥାପି ବିପୁଳ ଜନତା ଏଯାବତ ପରମ୍ପରା ସହିତ ଘନିଷ୍ଠ ଭାବରେ ସଂପୃକ୍ତ । ଏହା ହିଁ ସବୁରି ଭିତରେ ଲୋକ ଜୀବନର ଅଭିବ୍ୟକ୍ତିକୁ ଅକ୍ଷୁର୍ଣ୍ଣ ରଖିପାରିଛି ।

ଉପରୋକ୍ତ ଦୃଷ୍ଟିକୋଣରୁ ଅନୁଧ୍ୟାନ କଲେ ପଶୁମୁଖା ନାଚର ପ୍ରାସଙ୍ଗିକତାକୁ ଏକବିଂଶ ଶତାବ୍ଦୀର ପୃଥିବୀରେ ବେଶ ଗୁରୁତ୍ୱର ସହ ବିଚାର କରାଯାଏ । ବାସ୍ତବିକ ଏ ନାଟକ ହେଉଛି ଗଣ ମନୋରଞ୍ଜନର ଏକ ଶ୍ରେଷ୍ଠ ମାଧ୍ୟମ । ଏବଂ ଏହାର ଉପସ୍ଥାପନା ପାଇଁ ଯେକୌଣସି ପରିସର ମଧ୍ୟ ବ୍ୟବହାର କରାଯାଇପାରେ । ପୁଣି ସୀମିତ ସଂଖ୍ୟକ କଳାକାର ମଧ୍ୟ ଏହାକୁ ପରିବେଷଣ କରିପାରନ୍ତି । କେତେକ ମୁଖାକୁ ବାଦ ଦେଲେ ଏଥି ନିମନ୍ତେ ଅର୍ଥର ମଧ୍ୟ ଆବଶ୍ୟକତା ଥାଏ ଖୁବ୍ କମ । ତେଣୁ ପଶୁମୁଖା ନାଚ ଅତୀତ ଓ ସାଂପ୍ରତିକକୁ ଗୋଟିଏ ବିନ୍ଦୁରେ ସମାହିତ କରି ମନୋରଞ୍ଜନ ସହ ଜ୍ଞାନ ବିତରଣ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଦେଖାଯାଏ ଯେ, ମାନସିକ ପୂରଣ ପରେ ଯାନିଯାତ୍ରାରେ ଏହି ନାଚ ପ୍ରଦର୍ଶନ କରିବା ନିମନ୍ତେ ମାନସିକ କରିଥାନ୍ତି । ପ୍ରାଥମିକ ପର୍ଯ୍ୟାୟରେ ଏହା ଅଧିକ ଭାରି ହୋଇଥିବାରୁ ଦୁଇଟି କାଠ ପୋତି ମୁଖ୍ୟ ଛକ ଜାଗାମାନଙ୍କରେ ଦେଖଣାହାରିଙ୍କ ଦର୍ଶନ ନିମନ୍ତେ ମୁଖାକୁ ରଖାଯାଉଥିଲା । ପରେ କିନ୍ତୁ ଏହାକୁ ମନୋରଞ୍ଜନ ଧର୍ମୀ କରିବା ନିମନ୍ତେ ହାଲୁକା କରି ପ୍ରସ୍ତୁତ କରାଗଲା । ଏବଂ ଜନଗହଳି ରାସ୍ତାରେ ବେଶଗୁଡ଼ିକୁ ନଚାଇ ନଚାଇ ପ୍ରଦର୍ଶନ କରାଗଲା । ଏହି ନୃତ୍ୟରେ ମୁଖ୍ୟତଃ ବାଘ, ବୃଷଭ, ଘୋଡ଼ା, ହରିଣ ଇତ୍ୟାଦି ବେଶକୁ ମୂଳ ରୂପେ ବ୍ୟବହାର କରାଯାଏ । ପରବର୍ତ୍ତୀ ସମୟରେ ଲୋକମାନଙ୍କ ଦ୍ୱାରା ଲୋକମାନଙ୍କ ପାଇଁ ଏହି ନୃତ୍ୟ ପରିବେଷଣ କରାଯାଉଥିବାରୁ ଏହା ନୃତ୍ୟ ଲୋକନୃତ୍ୟର ମାନ୍ୟତା ଲାଭ କରିଛି ।

ପଶୁମୁଖା ବେଶ ପାଇଁ ବେତ, ବଳାଯାଇଥିବା ମୋଟା ପଇତା ସୂତା, ବିଭିନ୍ନ ରଙ୍ଗର କନା, ବିଭିନ୍ନ ରଙ୍ଗର ସୂତା, ଛୋଟ ଏବଂ ବଡ଼ ଛୁଞ୍ଚି, ମାଳୀ, ପୋହଳା, ଚୁମୁକି, ଝୋଟ, ବାଉଁଶ, କୂଅ ଦଉଡ଼ି, ଅସ୍ତ୍ର କନା, ସୂତା କିମ୍ବା ଭେଲବେଟ କନା ଆଦି ସାମଗ୍ରୀ ବ୍ୟବହାର କରାଯିବା ସହ ବେଶର ଆବଶ୍ୟକତା ଅନୁସାରେ କନାର ରଙ୍ଗ ନିର୍ଦ୍ଧାରଣ କରାଯାଇଥାଏ । ପ୍ରଥମତଃ ଆବଶ୍ୟତା ଅନୁଯାୟୀ ବେତ ଏବଂ ବଳାଯାଇଥିବା ମୋଟା ପଇସା ସୂତା ଆଣି ବେତକୁ ପାଣିରେ ୮ରୁ ୧୦ ଘଣ୍ଟା ବତୁରାଇ ବେଶର ଅଗ୍ରଭାଗ ଓ ପଶ୍ଚାତଭାଗ ପ୍ରସ୍ତୁତ କରିବା ପାଇଁ ଛନ୍ଦ କାଠର ଫ୍ରେମ ବ୍ୟବହାର କରି ସୂତା ଦ୍ୱାରା ମାଙ୍କଡ଼ ଛନ୍ଦ ଗଣ୍ଠି ପକାଇ ତିଆରି କରାଯାଏ । ବେଶର ପେଟ ଓ ବେକ ଭାଗ ପାଇଁ ଛୋଟ ବଡ଼ ମଳା ପ୍ରସ୍ତୁତ କରାଯାଏ । ପଞ୍ଜୁରୀ ପ୍ରସ୍ତୁତି ନିମନ୍ତେ ପାଳ, ବାଉଁଶ, ବତା ଦ୍ୱାରା ବେଶର ପଛ ଭାଗ ପଞ୍ଜୁରୀ ଓ ଆଗ ଚଟୁଆ ଭାଗକୁ ମାପ ଅନୁସାରେ ରଖି ଭିଡ଼ି ଦିଆଯାଏ । ଏହାପରେ ପେଟ ଭାଗରେ ମଳା ଦୁଇ ଇଞ୍ଚରୁ ତିନି ଇଞ୍ଚ ଫାଙ୍କ ଛାଡ଼ି ଛାଡ଼ି ରଖି ଏବଂ ବେକ ଭାଗର ବିଭିନ୍ନ ଆକୃତିର ମଳାକୁ ବଡ଼ରୁ ସାନ କ୍ରମରେ ଦୁଇ ଇଞ୍ଚରୁ ତିନି ଇଞ୍ଚ ଛାଞ୍ଚ ଦେଇ ମୋଟା ପଇତା ସୂତାକୁ ମାଙ୍କଡ଼ ଛନ୍ଦ ଗଣ୍ଠି ଦେଇ ପ୍ରସ୍ତୁତ କରାଯାଏ । ପରେ ବେଶ ପୋଷାକର ସୁରକ୍ଷା ନିମନ୍ତେ ପଞ୍ଜୁରୀ ଉପରେ ଅସ୍ତ୍ର କନା ଦ୍ୱାରା ପଞ୍ଜୁରୀକୁ ଆଚ୍ଛାଦିତ କରି ଛୁଞ୍ଚି ସୂତା ଦ୍ୱାରା ହାତ ସିଲାଇ କରି ପ୍ରସ୍ତୁତ କରାଯାଏ । ତତ୍‌ପରେ ପ୍ରତ୍ୟେକ ବେଶର ଆବଶ୍ୟକତା ଅନୁଯାୟୀ ରଙ୍ଗ ବେରଙ୍ଗର କନା ଦ୍ୱାରା ହାତ ସିଲାଇ କରି ପୋଷାକ ତିଆରି କରାଯାଏ । ଏହା ସହ ଲାଙ୍ଗୁଡ଼ ପ୍ରସ୍ତୁତି ପାଇଁ ଝୋଟ ଉପରେ କନା ଗୁଡ଼ାଇ ପ୍ରସ୍ତୁତ କରାଯାଏ । ଏହି ଲାଙ୍ଗୁଡ଼କୁ ବେଶ ସହ ସଂଲଗ୍ନ ପାଇଁ ଲମ୍ବ ସୂତା ବନ୍ଧା ଯାଇଥାଏ । ଏବଂ ବେଶର ଗ୍ରୀବା ଏବଂ ବେକର ଲୋମର ଭ୍ରମ ସୃଷ୍ଟି କରିବା ନିମନ୍ତେ ଝୋଟ ଏବଂ କନା ପ୍ରସ୍ତୁତି ବାଳ ହାତ ସିଲାଇ ଦ୍ୱାରା ସଂଯୋଗ କରାଯାଏ । ବୃଷଭ ବେଶର ପିଠିର ଚୂଳ ପାଇଁ ପ୍ରଥମେ କନାକୁ ଏକ ଚୂଳ ଆକୃତିରେ ସିଲାଇ କରି ସେଥିରେ ଖଇ, ତୁଳା କିମ୍ବା ଝୋଟ ପୁରାଇ ସୂତା ଦ୍ୱାରା ସିଲାଇ କରାଯାଏ । ବେକର ଘାଗୁଡ଼ି ଏବଂ ଛୋଟବଡ଼ ଆବଶ୍ୟକତା ଅନୁଯାୟୀ ହସ୍ତକାରିଗରୀ ଚାନ୍ଦୁଆ କାମ ପାଇଁ ବିଭିନ୍ନ ରଙ୍ଗର ସୂତା, କନା, ମାଳୀ, ପୋହଳା, ଚୁମୁକି ଆଣି କନାର ଘାଗୁଡ଼ି ମଧ୍ୟ ତିଆରି କରାଯାଇଥାଏ । ଠିକ୍ ବୃଷଭ ବେଶ ଭଳି ଘୋଡ଼ା ବେଶରେ ମଧ୍ୟ ମୁଣ୍ଡ ଠାରୁ ବେକ ମୁଣ୍ଡ ଯାଏଁ ଛୋଟ ଦ୍ୱାରା ବାଳ ପ୍ରସ୍ତୁତ କରାଯାଏ । ଏବଂ ଏହି ବେଶରେ ଲାଙ୍ଗୁଡ଼ରେ କନା ବ୍ୟବହାର ନକରି ଝୋଟକୁ ରଙ୍ଗ ଗୁଡ଼ାଇ ଲାଙ୍ଗୁଡ଼ ପ୍ରସ୍ତୁତ କରାଯାଏ ।

ବିଭିନ୍ନ ପଶୁ ବେଶ ବ୍ୟତିରେକ ନିର୍ଦ୍ଦେଶକ ଓ ବାଦ୍ୟ ଯନ୍ତ୍ର ଶିଳ୍ପୀଙ୍କ ମଧ୍ୟରେ ପୋଷାକ ଲାଲ ରଙ୍ଗର କିମ୍ବା ହଳଦି ରଙ୍ଗର ହେବା ଆବଶ୍ୟକ । କାରଣ ଏହି ରଙ୍ଗ ଆଖି ଦୃଶିଆ ହେବା ସହ ବୀରତ୍ୱର ପ୍ରତୀକ ହୋଇଥାଏ । ବିଭିନ୍ନ ପ୍ରକାର ପଶୁର ମୁଖା ମଧ୍ୟ କେତେକ ସ୍ଥଳେ କାଠ ଦ୍ୱାରା ନିର୍ମିତ ହୋଇଥାଏ । ଯେପରିକି ବହୁ ବର୍ଷ ପୂର୍ବେ ଘୁମୁସର ଅଞ୍ଚଳର କାରିଗରମାନେ ଗମ୍ଭାରୀ, ପାଳଧୁଆ, ଫୁଲଗମ୍ଭାରୀ, ଶିମୁଳି କାଠରେ ଏହି ବେଶ ନିମନ୍ତେ ମୁଖା ପ୍ରସ୍ତୁତ କରୁଥିଲେ । ପରବର୍ତ୍ତୀ ସମୟରେ ଏହାକୁ ଆହୁରି ନରମ ଓ ହାଲୁକା କରିବା ନିମନ୍ତେ ମାଟିରେ ବିଭିନ୍ନ ଆକୃତିର ମୁଖା ଛାଞ୍ଚ ପ୍ରସ୍ତୁତ କରି ଛାଞ୍ଚ ଉପରେ ଖଡ଼ି ଗୁଣ୍ଡ ବିଛାଇ ତା'ଉପରେ ଅଠାରେ କାଗଜ ଦୁଇ ତିନି ପରସ୍ତ ପକାଇଲା ପରେ କନା କିମ୍ବା ଅଖା ଦ୍ୱାରା ଏକ ପରସ୍ତ ପକାଇ ମୁଖା ପ୍ରସ୍ତୁତ କରାଯାଉଛି । ମୁଖା ପ୍ରସ୍ତୁତି ପରେ ସେଗୁଡ଼ିକୁ ବିଭିନ୍ନ ଧାର୍ମିକ ଚିନ୍ତାଧାରା ଆଧାରରେ ରଙ୍ଗ କରାଯାଏ । ପ୍ରଥମେ ଜଗନ୍ନାଥଙ୍କ କଳା ରଙ୍ଗକୁ ଆଧାର କରି ଗଢ଼ି ଉଠିଥିଲା କଳାଘୋଡ଼ା । ବଳଭଦ୍ରଙ୍କ ଧଳା ରଙ୍ଗକୁ ଆଧାର କରି ଧଳା ବୃଷଭ ଏବଂ ମା'ସୁଭଦ୍ରାଙ୍କ ହଳଦୀ ଗୁରୁ ଗୁରୁ ରଙ୍ଗକୁ ନେଇ ବ୍ୟାଘ୍ର ବେଶ । କାରଣ ସର୍ବଧର୍ମ ସମନ୍ୱୟ ଗତି, ପ୍ରଗତି, କଳା, ସାହିତ୍ୟ, ସଂସ୍କୃତିର ପ୍ରତୀକ-କଳାଘୋଡ଼ା(ଜଗନ୍ନାଥ), ଶାନ୍ତି, ମୈତ୍ରୀ, ସମୃଦ୍ଧିର ପ୍ରତୀକ- ଧଳା ବୃଷଭ(ବଳଭଦ୍ର), ଶୌର୍ଯ୍ୟ, ବୀର୍ଯ୍ୟ, ବୀରତ୍ୱର ପ୍ରତୀକ । ପରେ ପରେ ଅବଶ୍ୟ ନୃସିଂହ ଅବତାରରୁ ପଶୁରାଜ ସିଂହ, ରାମାୟଣର ମାରିଚର ସୁନାହରିଣ ବେଶରୁ 'ହରିଣ', ଜାମ୍ବବାନ ବେଶରୁ 'ଭାଲୁ' ଏବଂ ମହାଭାରତର ଅର୍ଜୁନଙ୍କ ଖାଣ୍ଡବ ବନ ଦହନ ସମୟରେ ଶ୍ରୀକୃଷ୍ଣଙ୍କ 'ନବଗୁଞ୍ଜର' ବେଶରୁ ନବଗୁଞ୍ଜର ବେଶ ନିର୍ମାଣ କରାଗଲା ।

ପଶୁମୁଖା ନୃତ୍ୟ ନିମନ୍ତେ ଆବଶ୍ୟକ ବାଦ୍ୟ ଯନ୍ତ୍ର ମାନଙ୍କ ମଧ୍ୟରେ ରହିଛି ଢ଼ୋଲ ଏବଂ ଚାଙ୍ଗୁ ଏବଂ ମହୁରୀ ବା ମୁଖବୀଣା । କେତେକ ସ୍ଥଳେ ସଙ୍ଗୀତ କ୍ଷେତ୍ରରେ ଘୁଙ୍ଗୁରର ମଧ୍ୟ ଆବଶ୍ୟକତା ଲକ୍ଷ୍ୟ କରାଯାଏ । ପ୍ରକୃତ ପକ୍ଷେ କହିବାକୁ ଗଲେ ପଶୁମୁଖା ନୃତ୍ୟ ମନୋରଞ୍ଜନ ଏବଂ ଜନ ସଚେତନତା ସୃଷ୍ଟି ଉଭୟ ଦୃଷ୍ଟି ଭଙ୍ଗୀକୁ ଅତି ନିପୁଣତାର ସହ ଉପସ୍ଥାପିତ କରିଥାଏ । ପୂଜା ପାର୍ବଣ, ମେଳା ମଉସବରେ ଅତୀତ ସ୍ମୃତିକୁ ରୋମନ୍ଥନ କରିବା ସହ ମନୋରଞ୍ଜନ ମାଧ୍ୟମରେ ସମକାଳର ବାର୍ତ୍ତାକୁ ମଧ୍ୟ ପ୍ରଦାନ କରିବାର ଉଦ୍ୟମ କରିଥିବା ଏହି ନାଚରେ ଲକ୍ଷ୍ୟ କରାଯାଇଥାଏ । ଲକ୍ଷ୍ୟ କଲେ ଦେଖାଯାଏ ଯେ, ଓଡ଼ିଶାର ବହୁଳ ଜନତା ଏକ ବିଂଶ ଶତାବ୍ଦୀରେ ମଧ୍ୟ ରହିଛନ୍ତି ପ୍ରାଥମିକ ସୁବିଧା ସୁଯୋଗରୁ ବଞ୍ଚିତ । ଜଳ, ଆଲୋକ, ସ୍ୱାସ୍ଥ୍ୟ, ସମ୍ବାଦ ପରିବହନ, ଶିକ୍ଷା ଭଳି ମୌଳିକ ସୁଯୋଗ ମଧ୍ୟ ଏଠାରେ ଉପଲବ୍ଧ ହୁଏ ନାହିଁ । ପୁଣି ପରମ୍ପରାଗତ କୁସଂସ୍କାର ଓ ଅନ୍ଧବିଶ୍ୱାସ ମଧ୍ୟରେ ଜୀବନର ଯଥାଯଥ ଉନ୍ନତି ଓ ପ୍ରଗତି ମଧ୍ୟ ସମ୍ଭବ ହୁଏ ନାହିଁ । ଏହି ଧାରାରେ ପରିବର୍ତ୍ତନ ଆଣିବା ସହ ଦୃଷ୍ଟିଭଙ୍ଗୀର ପ୍ରସାର ଦିଗରେ ଆଜି ଲୋକକଳାକୁ ବିନିଯୋଗ କରିବା ଉଦ୍ୟମ ଆରମ୍ଭ ହୋଇଛି । ଏହି ଧାରାରେ ପଶୁମୁଖା ନୃତ୍ୟ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ନ ହୋଇ ଚେତନା ସୃଷ୍ଟିରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ସୁଖର କଥା କେତେକ ବ୍ୟକ୍ତିଙ୍କ ଏକନିଷ୍ଠ ଉଦ୍ୟମ ଫଳରେ ଏଭଳି ଏକ ଲୋକନୃତ୍ୟର



ପ୍ରସାର ଏବଂ ଉ□ାନ ସମ୍ଭବ ହୋଇପାରିଛି । ଅବଶ୍ୟ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଏହି କଳାକୁ ଲୋକଲୋଚନକୁ ଆଣିବା ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହି ନୃତ୍ୟ ମୁମ୍ବାଇ, ଦିଲ୍ଲୀ, କଲିକତା, ଶାନ୍ତିନିକେତନ ଇତ୍ୟାଦି ବ୍ୟତୀତ ଆଇସିସିଆର ଦ୍ୱାରା ମନୋନୀତ ହୋଇ ସୋଭିଏତ ଋଷର ଭାରତ ମହୋତ୍ସବ, ଗ୍ଲାସଗୋ ମେଳା, ଡ଼ି.ଲା.ମେର୍ ମହୋତ୍ସବ, ବର୍ଲିନ୍ ତଥା ପ୍ୟାରିସ ମହୋତ୍ସବରେ ଯୋଗଦେଇ ସୁନାମ ଅର୍ଜନ କରିଛି । ୨୦୦୨ ମସିହାର ବ୍ରାଇଟନ୍ ୟୁନିଭରସିଟିର ଭିଜନ୍ ଇଣ୍ଟରନ୍ୟାସନାଲ୍ ପପେଟ୍ ଫେଷ୍ଟିଭାଲ, ନରଦନ୍ ଆୟରଲ୍ୟାଣ୍ଡର କୁଇନ୍ସ ଫେଷ୍ଟିଭାଲ, ୱିଲିଙ୍ଗଟନ୍ ଓ ଅକଲ୍ୟାଣ୍ଡର ଦିବାଲି ଫେଷ୍ଟିଭାଲ୍‌ରେ ଯୋଗଦେବାର ସୁଯୋଗ ମଧ୍ୟ ଏହି ନାଚ ଲାଭ କରିଛି । ଏହାଛଡ଼ା ଜାହାଙ୍ଗୀର୍ ଆର୍ଟ ଗ୍ୟାଲେରୀର ମହୋତ୍ସବ, କଲିକତା କାର୍ନିଭାଲ, ଦିଲ୍ଲୀର ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ମେଳା, କଲିକତାର ସାରମ ଉତ୍ସବ, ହାଇଦ୍ରାବାଦର ଲୋକ ସଂସ୍କୃତି ମହୋତ୍ସବ, କେରଳର ଲୋକନୃତ୍ୟ ମହୋତ୍ସବ, ରାଜସ୍ଥାନର ସୁରଜ୍ କୁଣ୍ଡ ଉତ୍ସବ, ଆଲହାବାଦର କୁମ୍ଭମେଳା, ରାଉରକେଲାର ବେଦବ୍ୟାସ ମହୋତ୍ସବ, କଟକ ବାଲିଯାତ୍ରା ଇତ୍ୟାଦିରେ ଏହାର ପ୍ରଦର୍ଶନ ବିପୁଳ ଜନସ୍ୱୀକୃତି ଲାଭ କରିଛି । ଆଶା ଆଗାମୀ ଦିନରେ ସରକାର, ଜନସାଧାରଣ, ସାଂସ୍କୃତିକ ଅନୁଷ୍ଠାନର ସମନ୍ୱୟରେ ଏହା ଅଧିକ ସଫଳତାର ସହ ସାଂସ୍କୃତିକ ପରଂପରାକୁ ଅବ୍ୟାହତ ରଖିବ ।



*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ଦୂରଭାଷ : ୮୮୯୫୧୪୧୭୨୭*



# ଏଥର ସଅଳ ମୌସୁମୀ



**ଭୁବନେଶ୍ୱର :** ପ୍ରଚଣ୍ଡ ଖରାରୁ ମିଳିବ ମୁକ୍ତି। ଚଳିତ ବର୍ଷ ଶୀଘ୍ର ଆସିବ ମୌସୁମୀ। ଏଥର ଖରା ଯେମିତି ଉହଳ ବିକଳ କରାଇଛି। ବର୍ଷା ମଧ ସେହିପରି ଭିଜାଇବ। ଏଥର ଆଗୁଆ ଆସିପାରେ ମୌସମୀ । ମେ ଶେଷ ସପ୍ତାହ ସୁଦ୍ଧା ମୌସୁମି ଆସିବାର ସମ୍ଭାବନା ରହିଛି। ମେ ମାସ ଶେଷ ଆଡ଼କୁ ତାପମାତ୍ରା କମିବ । ତାପମାତ୍ରା କମିଲେ ମୌସମୀକୁ ଶୀଘ୍ର ଆସିବା ସହଜ ହେବ। ଏହାକୁ ନେଇ କିଛି ମଡେଲ ପ୍ରାଥମିକ ଆକଳନ କରିଛନ୍ତି। ଏହି ଆକଳନ ସତ ହେଲେ ତାହେଲେ ମେ ୨୦ ତାରିଖ ସୁଦ୍ଧା ମୌସୁମୀ କେରଳ ଛୁଇଁବ। ସେପଟେ ଜୁନ ୧ରେ ମୌସୁମି ଓଡ଼ିଶା ଛୁଇଁପାରେ। ସେଥିପାଇଁ ଭଲ ବର୍ଷା ହେବାର ମଧ ଆଶଙ୍କା ରହିଛି । ବିଗତ କିଛି ବର୍ଷର ତଥ୍ୟ ଉପରେ ନଜର ପକାଇଲେ ଜଣାପଡ଼େ ୨୦୧୭ ରେ ୩୦ ମେ, ୨୦୧୮ ରେ ମେ ୨୯, ୨୦୧୯ ରେ ୮ ଜୁନ, ୨୦୨୦ ରେ ଜୁନ ୧ ଓ ୨୦୨୧ ରେ ଜୁନ ୩ ରେ କେରଳ ଛୁଇଁ ଥିଲା ମୌସୁମୀ। ସମୁଦ୍ର ଓ ସ୍ଥଳ ଭାଗର ତାପମାତ୍ରାରେ ତାରତମ୍ୟ ଦେଖା ଦେଲେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବାହିତ ହୋଇଥାଏ । ପ୍ରତ୍ୟେକ ବର୍ଷ ଏପରି ହୋଇଥାଏ ଓ ଚଳିତ ବର୍ଷ ବି ହେବ କିନ୍ତୁ ଚଳିତ ବର୍ଷ ବର୍ତମାନ ପରିସ୍ଥିତିକୁ ଲକ୍ଷ୍ୟ କଲେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର ଆସିବା ଆଶା କରାଯାଉଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର କେରଳ ଛୁଇଁବା ପ୍ରକ୍ରିୟା ଉପରେ ଆଇଏମଡି ନଜର ରଖିଥିବା କହିଛନ୍ତି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ଏଚ୍ ଆର ବିଶ୍ୱାସ। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବା ନେଇ ମେ ମଧଭାଗରୁ ଆକଳନ ଆରମ୍ଭ ହୋଇଥାଏ। ଏଥର ପୂର୍ବ ବର୍ଷ ଅପେକ୍ଷା ବହୁତ ପୂର୍ବରୁ ମୌସୁମୀ ବାୟୁ ଆଣ୍ଡମାନ୍ରେ ପହଞ୍ଚିବ। ତେଣୁ ଆଇଏମଡି ନିଜ ଆକଳନ ବ୍ୟତୀତ ଅନ୍ୟ ବିଦେଶି ମଡେଲକୁ ବି ଅନୁଧ୍ୟାନ କରୁଛି ବୋଲି ଜଣାପଡିଛି। ଆଉ ବାତ୍ୟା ସରିବା ପରେ ମୌସୁମୀ ଚିତ୍ର ପୁରା ସ୍ପଷ୍ଟ ହେବ ବୋଲି ଡକ୍ଟର ଏଚ୍ ଆର ବିଶ୍ୱାସ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଇଣ୍ଡୋନେସିଆ ରାଷ୍ଟ୍ରଦୂତ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏନ୍ କ୍ରିଷ୍ଣାମୂର୍ତ୍ତି। ଏହି ସାକ୍ଷାତକାରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଆଲୋଚନା ହୋଇଛି। ରାଜ୍ୟ ଜଳସମ୍ପଦ ବିଭାଗ ସଚିବଙ୍କୁ ବି ଭେଟିଛନ୍ତି ଇନା ଏନ୍ କ୍ରିଷ୍ଣାମୂର୍ତ୍ତି। ପୂର୍ବରୁ କଟକ ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଇନା ଏନ୍ କ୍ରିଷ୍ଣାମୂର୍ତ୍ତୀ। ପରେ ଇଣ୍ଡୋନେସିଆ ମ୍ୟୁଜୀୟମକୁ ବୁଲି ଦେଖିଥିଲେ ଇନା ଏନ୍ କ୍ରିଷ୍ଣାମୂର୍ତ୍ତି। ଆଗାମୀ ଦିନରେ ଭାରତ ଓ ଇଣ୍ଡୋନେସିଆ ସମ୍ପର୍କ କିଭଳି ଆହୁରି ମଜବୁତ୍ ହୋଇପାରିବ ସେ ନେଇ ଉଭୟ ଦେଶ ପକ୍ଷରୁ ଉଦ୍ୟମ ହେବା ଆବଶ୍ୟକ। ଓଡ଼ିଶା ସହ ଅର୍ଥନୈତିକ ସାଂସ୍କୃତିକ ସମ୍ପର୍କ ଅଭିବୃଦ୍ଧି କରିବା ଦିଗରେ ଉଦ୍ୟମ ମଧ କରାଯିବା ଆବଶ୍ୟକ ବୋଲି କହିଛନ୍ତି ଇନା ଏନ୍ କ୍ରିଷ୍ଣାମୂର୍ତ୍ତି। ଏଥି ସହ ଓଡ଼ିଶା ଓ କଟକ ସହ ଇଣ୍ଡୋନେସିଆର ବହୁ ପୁରୁଣା ମଧୁର ସମ୍ପର୍କ ରହିଥିବା କହିଥିଲେ ଇନା ଏନ୍ କ୍ରିଷ୍ଣାମୂର୍ତ୍ତୀ।

## ଗୀତାଞ୍ଜଳି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି



**ଭୁବନେଶ୍ୱର :** ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ନିଯୁକ୍ତି ମିଳିଛି। ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଚାରି ବର୍ଷ ଅବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପ୍ରଫେସର ଦାଶ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ରହିବେ। ସେ ହେଉଛନ୍ତି ଫକୀର ମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରଫେସର। ଅଧ୍ୟାପନା କ୍ଷେତ୍ରରେ ତାଙ୍କର ୩୬ ବର୍ଷର ଅଭିଜ୍ଞତା ରହିଛି। ଏହି ୩୬ ବର୍ଷ ଭିତରୁ ସେ ୧୨ ବର୍ଷ ପ୍ରଫେସର ରହିଥିଲେ। ପ୍ରଫେସର ଦାଶ ୫ଟି ପୁସ୍ତକ ଲେଖିଛନ୍ତି। ୪ ଜଣ ତାଙ୍କ ମାର୍ଗଦର୍ଶନରେ ପିଏଚ୍‌ଡି ହାସଲ କରିଥିବା ବେଳେ ୩୫ ଜଣ ଏମ୍ଫିଲ୍ କରିଥିଲେ।

# ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ : ଏସ୍ଆରସି

**ଭୁବନେଶ୍ୱର :** ସମ୍ଭାବ୍ୟ ବାତ୍ୟାକୁ ମୁକାବିଲା ପାଇଁ ରାଜ୍ୟ ସରକାର ଓ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା। ସମ୍ଭାବ୍ୟ ବାତ୍ୟାକୁ ନେଇ ଏଭଳି ମତ ରଖିବା ସହ ଲୋକଙ୍କୁ ଭୟଭୀତ ନହେବା ପାଇଁ ପୁଣିଥରେ ନିବେଦନ କରିଛନ୍ତି। ଏସଆରସି ଶ୍ରୀ ଜେନା କହିଛନ୍ତି ଯେ, ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)ର ତଥ୍ୟ ଅନୁସାରେ ଏହି ଲଘୁଚାପ ଅଧିକ ଅବପାତ ହୋଇ ସାମୁଦ୍ରିକ ଝଡ଼ର ରୂପ ନେଲେ ତାହା ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଓଡ଼ିଶାର ସମୁଦ୍ର ଉପକୂଳ ଆଡ଼େ ଗତି କରିବ। କିନ୍ତୁ ୧୦ ତାରିଖ ସନ୍ଧ୍ୟା ସୁଦ୍ଧା ଏହା ବଙ୍ଗୋପସାଗରରେ ଉପକୂଳଠୁ ୨୫୦-୩୦୦କିମି ଦୂରରେ ରହିବ। ଯଦି ଏହା ସାମୁଦ୍ରିକ ଝଡ଼ର ରୂପ ନିଏ ଅବା ସିଭିୟର ସାଇକ୍ଲୋନର ରୂପ ନିଏ ତେବେ ତା'ର ଗତିପଥ, ପ୍ରଭାବ ଓ ତୀବ୍ରତା କ'ଣ ହେବ ତାହା କେବଳ ୧୦ ତାରିଖ ସନ୍ଧ୍ୟା ସୁଦ୍ଧା ଜଣାପଡ଼ିବ। ଏବେ ଯେହେତୁ ଏହା ଅବପାତର ରୂପ ନେଇନି ତେଣୁ ସମ୍ଭାବ୍ୟ ବାତ୍ୟାକୁ ନେଇ ଆକଳନ କରିବା କଷ୍ଟକର ବୋଲି ଶ୍ରୀ ଜେନା ସ୍ପଷ୍ଟ କରିଛନ୍ତି। ଅବଶ୍ୟ ଏହି ଲଘୁଚାପ ପ୍ରଭାବରେ ରାଜ୍ୟର ୪ଟି ଜିଲ୍ଲା ଗଞ୍ଜାମ, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଜିଲ୍ଲାରେ ଆସନ୍ତା ୮ତାରିଖରୁ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ପବନ କେତେ




ବୋହିବ ସେ ନେଇ କୌଣସି ତଥ୍ୟ ଆଇଏମଡି ପକ୍ଷରୁ ମିଳିନି। ଶ୍ରୀ ଜେନା ଆହୁରି ମଧ କହିଛନ୍ତି ଯେ, ବିଭିନ୍ନ ଜରାଶ୍ରମ, ଅନାଥାଶ୍ରମ ଓ ମାନସିକ ବିକୃତ ରହୁଥିବା ସ୍ଥାନଗୁଡ଼ିକ ପରିଦର୍ଶନ କରି ସେମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀ ସ୍ଥାନାନ୍ତର କରିବାକୁ ସାମାଜିକ ସଶକ୍ତିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗର୍ଭବତୀ ମହିଳାମାନଙ୍କୁ ମଧ ଆବଶ୍ୟକ ସ୍ଥଳେ ହସ୍ପିଟାଲ ସ୍ଥାନାନ୍ତର କରିବାକୁ ପରାମର୍ଶ ଦିଆଯାଇଛି। ଚାଷୀଙ୍କ ଫସଲର ସୁରକ୍ଷା ପାଇଁ ଆବଶ୍ୟକ ପରାମର୍ଶନାମା ଜାରି କରିବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗକୁ ମଧ ନିଜର ଇଞ୍ଜିନିୟରିଂ ଟିମକୁ ସଜାଗ ରଖିବାକୁ ନିର୍ଦ୍ଦେଶ ଦିଆଯିବା ସହ ଜଙ୍ଗଲ ବିଭାଗକୁ ମଧ ଆବଶ୍ୟକ ସଂଖ୍ୟକ ଗଛ କଟାଳି ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଟେଲିକମ୍ ସେବା ଯୋଗାଉଥିବା କମ୍ପାନୀଗୁଡ଼ିକ ସହ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଛି। ଭାରତ ସରକାରଙ୍କ ବରିଷ୍ଠ ଅଧିକାରୀ ଓ ରାଜ୍ୟ ଆଇଟି ସଚିବଙ୍କ ଉପସ୍ଥିତିରେ ସେମାନଙ୍କୁ ସମ୍ଭାବ୍ୟ ବାତ୍ୟାବେଳେ ନିରବଚ୍ଛିନ୍ନ ସେବା ଜାରି ରଖିବାକୁ ଆବଶ୍ୟକ ପ୍ରସ୍ତୁତି କରିବାକୁ କୁହାଯାଇଛି। ଶ୍ରୀ ଜେନା କହିଛନ୍ତି ଯେ, ରାଜ୍ୟର କୌଣସି ସ୍ଥାନରେ ଶୁଖିଲା ଖାଦ୍ୟର ଅଭାବ ନାହିଁ। ଯଥେଷ୍ଟ ପରିମାଣରେ ଶୁଖିଲା ଖାଦ୍ୟ ଗଚ୍ଛିତ ଥିବା ନେଇ ଜିଲ୍ଲାପାଳମାନେ ରିପୋର୍ଟ ଦେଇଛନ୍ତି। ଦରଦାମ ବୃଦ୍ଧି ଉପରେ ନିୟନ୍ତ୍ରଣ ପାଇଁ ମଧ ଜିଲ୍ଲାପାଳମାନେ ପଦକ୍ଷେପ ନେଉଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି ଏସ୍ଆରସି ଶ୍ରୀ ଜେନା।

# ରବିରେ ସଂଗ୍ରହ ହେବ ୧୪ ଲକ୍ଷ ମେଟ୍ରିକ ଟନ ଧାନ



**ଭୁବନେଶ୍ୱର :** ଚଳିତ ରବି ଋତୁରେ ୧୪ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯିବ। ଧାନ କ୍ରୟର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଦେୟ ପୈଠ ପାଇଁ ନିର୍ଦ୍ଦେଶ ହୋଇଛି। ୧୭ଟି ଜିଲ୍ଲାରେ ରବି ଧାନ ସଂଗ୍ରହ ନେଇ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହା କୁହାଯାଇଛି। ଲୋକସେବା ଭବନରୁ ଡିଜିଟାଲ ମୋଡରେ ଅନୁଷ୍ଠିତ ବୈଠକରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ଧାନ ସଂଗ୍ରହ ନେଇ ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇଥିବା ପ୍ରଶାସନିକ, ବୈଷୟିକ ପ୍ରସ୍ତୁତି ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ସର୍ବପ୍ରଥମେ ମେ ୧୩ ତାରିଖରେ ସମ୍ବଲପୁର ଜିଲ୍ଲାରେ ଧାନ ସଂଗ୍ରହ ହେବ। ରବି ଧାନର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୧୯୪୦ ଟଙ୍କା ଧାର୍ଯ୍ୟ କରାଯାଇଛି। ୧୭ଟି ଜିଲ୍ଲାର ଜଳସେଚିତ ଅଞ୍ଚଳର ଚାଷୀଙ୍କ ଠାରୁ ଏକର ପିଛା ୨୪ରୁ ୨୬ କ୍ୱିଣ୍ଟାଲ ଧାନ ସଂଗ୍ରହ ହେବ। ରବି ଋତୁରେ ଧାନ ବିକ୍ରି ପାଇଁ ୨.୫୮ ଲକ୍ଷ ଚାଷୀ ୭.୬୨ ଲକ୍ଷ ଏକର ଜମି ପଞ୍ଜୀକରଣ କରିଛନ୍ତି। ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୨୨ ହଜାର ୨୨୮ ଭାଗଚାଷୀ ଅଟନ୍ତି। ୮୧୭ ପ୍ରାଥମିକ ସମବାୟ ସମିତି, ୧୨୨ଟି ଏସଏଚଜି ଧାନ ବିକ୍ରିରେ ସାମିଲ ହେବେ। ଗତବର୍ଷ ୧୦୧ ଗୋଷ୍ଠୀ ସାମିଲ ହୋଇଥିଲେ। ପି-ପାସ ମାଧ୍ୟମରେ ଧାନ କିଣା ବିଷୟରେ ସଂପୃକ୍ତ ମିସନ ଶକ୍ତି ଗ୍ରୁପ, ସମବାୟ ସମିତିର ଧାନ କିଣା ଅଫିସର, ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ତାଲିମ ଦିଆଯାଇଛି। ବୈଠକରେ କୃଷି ଉତ୍ପାଦନ କମିସନର ସଞ୍ଜୀବ ଚୋପ୍ରା, ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସମବାୟ ବିଭାଗ ଶାସନ ସଚିବ ସଞ୍ଜୀବ ଚଢ଼ା, ମିସନ ଶକ୍ତି ବିଭାଗର ଶାସନ ସଚିବ ସୁଜାତା କାର୍ତ୍ତିକେୟନ ପ୍ରମୁଖ ଉପସ୍ଥିତ ଥିଲେ।

# ୟୁନିଭର୍ସିଟି ହାଇସ୍କୁଲର ପୁରାତନ ଛାତ୍ରସଂଘ କଲା 'ଆକାଂକ୍ଷା'ର ଶିଳାନ୍ୟାସ



**ଭୁବନେଶ୍ୱର :** ୟୁନିଭର୍ସିଟି ହାଇସ୍କୁଲର ପୁରାତନ ଛାତ୍ରସଂଘ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏକ ବହୁମୁଖୀ ସମ୍ମିଳନୀ କକ୍ଷ 'ଆକାଂକ୍ଷା' ନିର୍ମାଣ ଲାଗି ଶିଳାନ୍ୟାସ କରାଯାଇଛି। ଚଳିତ ବର୍ଷ ଏହି ବିଦ୍ୟାଳୟ ହୀରକ ଜୟନ୍ତୀ ପାଳନ କରିବାକୁ ଯାଉଥିବାରୁ ପ୍ରାକ୍ତନ୍ ଛାତ୍ର ସଂଘ ରାଜ୍ୟ ସରକାରଙ୍କ 'ମୋ ସ୍କୁଲ୍ ଅଭିଯାନ' ଯୋଜନାରେ ଦେଢ଼ କୋଟି ଟଙ୍କା ବ୍ୟୟରେ ଏହି ସମ୍ମିଳନୀ କକ୍ଷ ନିର୍ମାଣ କାର୍ଯ୍ୟ ହାତକୁ ନେଇଛି। ଏହି କାର୍ଯ୍ୟକ୍ରମରେ 'ମୋ ସ୍କୁଲ୍‌ର ଅଧକ୍ଷା' ସୁସ୍ମିତା ବାଗ୍‌ଚୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ୍ ବାଗ୍‌ଚୀ, ପରାମର୍ଶଦାତା କାଳୀପ୍ରସନ୍ନ ମହାପାତ୍ର, ପ୍ରାକ୍ତନ୍ ଛାତ୍ର ସଂସଦର ସଭାପତି ଦୀପକ କୁମାର ସ୍ୱାଇଁ, ବିଶ୍ୱଜିତ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସମୟରେ ବିଦ୍ୟାଳୟକୁ ଆସି ସ୍କୁଲର ଛାତ୍ରଛାତ୍ରୀ ଏବଂ ପ୍ରାକ୍ତନ୍ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଉଥିବା କୁଳପତି ଶ୍ରୀମତୀ ଆଚାର୍ଯ୍ୟଙ୍କୁ କାର୍ଯ୍ୟକ୍ରମର ଅତିଥି ଶ୍ରୀମତୀ ବାଗ୍‌ଚୀ ଧନ୍ୟବାଦ ଦେଇଥିଲେ। 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ବିଦ୍ୟାଳୟରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିବାରୁ ସୁକାନ୍ତୀ ଦିଦିଙ୍କୁ ମଧ ଧନ୍ୟବାଦ ଦିଆଯାଇଥିଲା। ପ୍ରାକ୍ତନ୍ ଛାତ୍ରସଂଘର ସାଧାରଣ ସଚିବ ବ୍ରହ୍ମପ୍ରକାଶ ପାଇଟାଲ ଧନ୍ୟବାଦ ଜଣାଇଥିଲେ।




# ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡସରେ ସ୍ଥାନ ପାଇଲା କେନ୍ଦୁଝରର ରଥ



**କେନ୍ଦୁଝର :** ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡସରେ ସ୍ଥାନ ପାଇଛି କେନ୍ଦୁଝରର ରଥ। କେନ୍ଦୁଝରର କାଠରେ ନିର୍ମିତ ରଥ ବିଶ୍ୱର ସବୁଠାରୁ ଉଚ୍ଚ ରଥର ମାନ୍ୟତା ଲାଭ କରିଛି। ଏକ ସ୍ୱତନ୍ତ୍ର ସମାରୋହରେ ଜିଲ୍ଲାପାଳ ଆଶିଷ ଠାକରେ ଏହି ସୂଚନା ଦେଇଛନ୍ତି। କେନ୍ଦୁଝରର କାଠ ନିର୍ମିତ ନନ୍ଦିଘୋଷ ରଥର ଉଚ୍ଚତା ୭୨ ଫୁଟ୍। ଏଥିରେ ରହିଛି ୧୬ଟି ଚକ। ରଥଯାତ୍ରାରେ ତିନି ଠାକୁର ଗୋଟିଏ ରଥରେ ଯାତ୍ରା କରିଥାନ୍ତି। ବିଭିନ୍ନ ପର୍ଯ୍ୟାୟରେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡସ ଅଧିକାରୀ ଯାଞ୍ଚ କରିବା ପରେ ଏହାକୁ ଗିନିଜ୍ ରେକର୍ଡରେ ସ୍ଥାନ ଦିଆଯାଇଛି। କେନ୍ଦୁଝର ବଳଦେବଜିଉ ମନ୍ଦିରର ମୁଖ୍ୟ ଦେବତା ପ୍ରଭୁ ବଳଭଦ୍ର ହୋଇଥିଲେବି ଏହି ରଥର ନାମ ନନ୍ଦିଘୋଷ ଦିଆଯାଇଛି। କେନ୍ଦୁଝରରେ ରଥଯାତ୍ରା ସମ୍ପୂର୍ଣ୍ଣ ଆଦିବାସୀ ପରମ୍ପରା ଅନୁଯାୟୀ କରାଯାଏ। ରଥ ଟାଣିବାକୁ ବ୍ୟବହୃତ ହେଉଥିବା ଦଉଡିକୁ ଆଦିବାସୀ ସଂପ୍ରଦାୟର ଭୂୟାଁ ମାନେ ପ୍ରସ୍ତୁତ କରିଥାନ୍ତି। ସିଆଡି ଲତାରେ ଏହି ଦଉଡି ପ୍ରସ୍ତୁତ ହୋଇଥାଏ। ଏହି ରଥଟି ଯାତ୍ରାପରେ ଖୋଲାଯାଏ ନାହିଁ ଏହା ସେହିପରି ବଡଦାଣ୍ଡରେ ଦଣ୍ଡାୟମାନ ହୋଇଥାଏ। ଜିଲ୍ଲାପାଳ ଆଶିଷ ଠାକରେ କହିଛନ୍ତି, ଏହା ଆମ ପାଇଁ ଖୁସି କଥା। କେନ୍ଦୁଝରର ରଥ। ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡସରେ ସ୍ଥାନ ପାଇଛି।




# 'ଏକେଏମ୍ ଅନ୍ତ୍ୟୋଦୟ' ଅଭିଯାନରେ ରାଜ୍ୟର ୫ ଜିଲ୍ଲା

**ଭୁବନେଶ୍ୱର :** କେନ୍ଦ୍ର ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୯୦ଦିନ ବ୍ୟାପୀ ଆଜାଦୀ କା ଅମୃତ ମହୋତ୍ସବ ବା ଏକେଏମ୍ ଅନ୍ତୋଦୟ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଦେଶବ୍ୟାପୀ ୭୫ଟି ଜିଲ୍ଲାକୁ ଚୟନ କରାଯାଇଥିବା ବେଳେ ଏଥିରେ ଓଡ଼ିଶାର ୫ଟି ଜିଲ୍ଲା ରହିଛନ୍ତି। କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲା ଏହି ଅଭିଯାନରେ ରହିଛି। ମାସିକ ମୁଣ୍ଡପିଛା ବ୍ୟୟ, ସାମାଜିକ-ଅର୍ଥନେ?ତିକ ଓ ଜାତି ଜାତି ଜନଗଣନା ଭିତ୍ତିକ ତଥ୍ୟରେ ପଛୁଆ ଓ ଅଜଣା ରହିଥିବା ଗୁରୁତ୍ୱପୂର୍ଣ୍ଣ ସ୍ୱାଧୀନତା ସଂଗ୍ରାମୀକୁ ବିଚାରକୁ ନେଇ ଏହି ଜିଲ୍ଲାମାନଙ୍କୁ ଚିହ୍ନଟ କରାଯାଇଛି। କୋରାପୁଟର ଲକ୍ଷ୍ମଣ ନାୟକ, ମୟୂରଭଞ୍ଜର କଙ୍କ, କାଳିଆ, ସୁନ୍ଦରଗଡ଼ର ନିର୍ମଳ ମୁଣ୍ଡା, କେନ୍ଦୁଝରର ଧରଣୀଧର ନାଏକ, ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ଓ ବୀର ସୁରେନ୍ଦ୍ର ସାଏଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀମାନେ ତାଲିକାରେ ରହିଛନ୍ତି। ଅଭିଯାନରେ ଯେଉଁ ଯୋଜନା/କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି ତାହାର ନିରୀକ୍ଷଣ ପାଇଁ କେନ୍ଦ୍ର ସରକାର ଏକ ଡ୍ୟାସବୋର୍ଡର ଗଠନ କରିଛନ୍ତି। ଏଥିରେ ୟୁନିକ୍ ଡିଜାବିଲିଟି ଆଇଡେଣ୍ଟିଟି ବା ୟୁଡିଆଇଡି ଯୋଜନା ପ୍ରମୁଖତାରେ ରହିଛି। ଏହାସହ ନୂଆ ସାର୍ଟିଫିକେଟ୍ ପାଇଁ ୟୁଡିଆଇଡି ପୋର୍ଟାଲରେ ପଡ଼ି ରହିଥିବା ଆବେଦନପତ୍ରକୁ ତୁରନ୍ତ ମଞ୍ଜୁର, ଯେଉଁ ଭିନ୍ନକ୍ଷମମାନେ ମାନୁଆଲ ସାର୍ଟିଫିକେଟ୍ ପାଇଛନ୍ତି ସେମାନଙ୍କୁ ଡିଜିଟାଇଜେସନ୍ ତଥ୍ୟ ସହିତ ୟୁଡିଆଇଡି କାର୍ଡ ପ୍ରଦାନ, ଯେଉଁମାନେ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ, କିନ୍ତୁ ସାର୍ଟିଫିକେଟ୍ ପାଇ ନାହାନ୍ତି ସେମାନଙ୍କୁ ତୁରନ୍ତ ୟୁଡିଆଇଡି ପୋର୍ଟାଲରେ ଯୋଡ଼ିବା ଲାଗି କୁହାଯାଇଛି। ସେହିପରି ରାଜ୍ୟସ୍ତରରେ ସ୍ୱାଧୀନତା ସଂଗ୍ରାମୀ, ପିଆରଆଇ ସଦସ୍ୟ, ମହିଳା ନେଟୱାର୍କ, ଯୁବଗୋଷ୍ଠୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ରଣନୀତି ପ୍ରସ୍ତୁତ କରିବା ଲାଗି ରାଜ୍ୟମାନଙ୍କୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**